READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୬ ସଂଖ୍ୟା-୨୭ ୧୮ - ୨୪ ଜୁଲାଇ, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-27 18th - 24th JULY, 2022 BHUBANESWAR ₹ 5/- (8 Pages)

ଓଡିଶା ଉଚ୍ଚଶିକ୍ଷାରେ କମୁଛି କି ଗୁଣାତ୍ମକର ମାନ ?

# ଶ୍ରେଷ୍ଠ ୧୦୦ରେ ନାହିଁ ସରକାରୀ ଶିକ୍ଷାନୁଷ୍ଠାନ

**ଭୁବନେଶ୍ୱର :** ପ୍ରକାଶ ପାଇଛି ନ୍ୟାସନାଲ ଇନଷ୍ଟିଚ୍ୟୁସନ ର୍ୟାକିଙ୍ଗ୍ ଫେମୱାକ (ଏନଆଇଆରଏଫ)ର୍ୟାକିଂଙ୍ଗ୍ ରିପୋର୍ଟ। କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରିପୋର୍ଟ ପ୍ରକାଶ କରିବା ସହିତ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନଗୁଡିକୁ ପୁରସ୍କୃତ କରିଛନ୍ତି।

- ଆଇଆଇଟି ମାଡ୍ରାସ୍ ଦେଶର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ
- ବିଶ୍ୱବିଦ୍ୟାଳୟ ବର୍ଗରେ ଆଇଆଇଏସ୍‌ସି ବେଙ୍ଗାଲୁରୁ
- ଇିନିୟରିଂରେ ଆଇଆଇଟି ମାଡ୍ରାସ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ
- ମ୍ୟାନେଜମେଣ୍ଟ୍‌ରେ ଆଇଆଇଏମ୍ ଅହମଦାବାଦ
- ଫାର୍ମାସିରେ ଜାମିଆ ହମ୍‌ଦର୍ଦ୍ଦ ଶ୍ରେଷ୍ଠ
- କଲେଜ ବର୍ଗରେ ମିରାଣ୍ଡା ହାଉସ
- ଦିଲ୍ଲୀ ଏମ୍ସ ଶ୍ରେଷ୍ଠ ମେଡିକାଲ୍ କଲେଜ

ଏଥିରେ ଆଇଆଇଟି ମାଡ୍ରାସ୍ ଦେଶର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ସ୍ଥାନ ହାସଲ କରିଥିବାବେଳେ





ବିଶ୍ୱବିଦ୍ୟାଳୟ ବର୍ଗରେ ଆଇଆଇଏସ୍‌ସି ବେଙ୍ଗାଲୁରୁ, ଇିନିୟରିଂରେ ଆଇଆଇଟି ମାଡ୍ରାସ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ, ମ୍ୟାନେଜମେଂଟ୍‌ରେ ଆଇଆଇଏମ୍ ଅହମଦାବାଦ, ଫାର୍ମାସିରେ ଜାମିଆ ହମ୍‌ଦର୍ଦ୍ଦ ଶ୍ରେଷ୍ଠ, କଲେଜ ବର୍ଗରେ ମିରାଣ୍ଡା ହାଉସ ଏବଂ ଦିଲ୍ଲୀ ଏମ୍ସ ଶ୍ରେଷ୍ଠ ମେଡିକାଲ୍ କଲେଜ ସ୍ଥାନ ପାଇଛି। ତେବେ ଏଥିରେ ଶ୍ରେଷ୍ଠ ଶହେ ଭିତରେ ଓଡିଶା ସରକାରଙ୍କ କୌଣସି ଶିକ୍ଷାନୁଷ୍ଠାନ। ବାଣୀବିହାର, ରେଭେନ୍ସା, ରମାଦେବୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭଳି ବଡ଼ ବଡ଼ ୟୁନିଭର୍ସିଟି ଏହି ରାକିଂରେ ସ୍ଥାନ ପାଇନାହାନ୍ତି। ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ ଓଡ଼ିଶାର ସୋଆ ବିଶ୍ୱବିଦ୍ୟାଳୟ ୩୦ ରାଙ୍କରେ ରହିଛି । ଏହାପଛରେ କିଟ ୩୪ ତମ ସ୍ଥାନରେ ଥିବା ବେଳେ ୩୯ରେ ରାଉରକେଲା ଏନ୍‌ଆଇଟି ଏବଂ ୬୫ତମ ସ୍ଥାନରେ ଭୁବନେଶ୍ୱର ଏମ୍ସ ରହିଛି। ରାକିଂର ବିଶ୍ୱବିଦ୍ୟାଳୟ କାଟାଗୋରୀରେ ବାଣୀବିହାର ୮୮ ତମ ସ୍ଥାନରେ ରହିଛି । ତେବେ ଓଭରଅଲ୍ ଶିକ୍ଷାରେ ପାରଦର୍ଶୀତା ଅର୍ଜନ କଲାଭଳି ସରକାରୀ ଶିକ୍ଷାନୁଷ୍ଠାନ ତାଲିକାରେ ନାଆଁ ନାହିଁ ଓଡିଶାର। ଏହାକୁ ନେଇ ଶିକ୍ଷାବିତମାନେ ଚିନ୍ତାଶୀଳ ହୋଇପଡିଛନ୍ତି। ପ୍ରଶ୍ନ ଉଠିଛି ଯେ, ରାଜ୍ୟ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କେମିତି ଚଳିତ ବର୍ଷର ଏହି ର୍ୟାଙ୍କିଂ ତାଲିକାରେ ସାମିଲ ହୋଇପାରିଲା ନାହିଁ? ଉଚ୍ଚ ଶିକ୍ଷାର ଗୁଣାତ୍ମକ ମାନ କଣ ରାଜ୍ୟରେ କମି କମି ଯାଉଛି କି? ସୂଚନାନୁସାରେ, ଶୁକ୍ରବାର ନୂଆଦିଲ୍ଲୀ ଠାରେ ଶିକ୍ଷା ମନ୍ତ୍ରଣାଳୟର ନ୍ୟାସନାଲ ଇନଷ୍ଟିଚ୍ୟୁସନ

➤ ପୃ-୬

## ଅନ୍ଧ କରିଦେବ 'କଲୀନା'

### ଶତ୍ରୁର ନିଦ ହଜାଇବ ରୁଷର ଆଡଭାନ୍ସ ଲେଜର ସିଷ୍ଟମ 'କଲୀନା'



**ନୂଆଦିଲ୍ଲୀ :** ଶତ୍ରୁର ନିଦ ହଜାଇବ ରୁଷର ଆଡଭାନ୍ସ ଲେଜର ସିଷ୍ଟମ। ୟୁକ୍ରେନ ସହିତ ଜାରି ଯୁଦ୍ଧ ମଧ୍ୟରେ ରୁଷର ଘାତକ ଅସ୍ତ୍ର ଶସ୍ତ୍ରକୁ ନେଇ ନୂତନ ସୂଚନା ସାମ୍ନାକୁ ଆସିବାରେ ଲାଗିଛି। ସମଗ୍ର ଦୁନିଆ ଗଣମାଧମର ରିପୋର୍ଟ ଏବଂ ସ୍ପେନ ମ୍ୟାଗଜିନରୁ ଜଣା ପଡୁଛି ଯେ, ରୁଷ ଏବେ ନୂତନ ଲେଜର ସିଷ୍ଟମ ମୁତୟନ କରିଛି। ଉତ୍ତର କାକେସନ ସ୍ଥିତ ନିଜ ଅନ୍ତରୀକ୍ଷ ସର୍ଭିଲାନ୍ସ କେନ୍ଦ୍ରରେ ଏହାକୁ ସ୍ଥାପନ କରାଯାଇଛି। ଏହି ଆଡଭାନ୍ସ ଲେଜର ସିଷ୍ଟମର ନାମ କଲୀନା। ଏହା ଏତେ ଘାତକ ଯେ, ରୁଷ ଉପରେ ଶତ୍ରୁ ଦେଶର କୌଣସି ପ୍ରକାରର ଇମେଜିଙ୍ଗ ସାଟେଲାଇଟ୍‌ର ଅପଟିକାଲ ସିଷ୍ଟମକୁ ସିଧାସଳଖ ଟାର୍ଗେଟ୍ କରିପାରିବ। ସରଳ ଭାଷାରେ କହିବାକୁ ଗଲେ ରୁଷର ଏହି ଆଡଭାନ୍ସ ଲେଜର ସିଷ୍ଟମ ଶତ୍ରୁ ଦେଶର ସାଟେଲାଇଟ୍‌କୁ ଅନ୍ଧ କରିପାରେ। ୨୦୧୧ରୁ ରୁଷ ଏହି ପ୍ରୋଜେକ୍ଟ ଉପରେ କାମ ଆରମ୍ଭ କରିଥିଲା। କିନ୍ତୁ ଏଥିରେ ବାରମ୍ବାର ବିଳମ୍ବ ଘଟିଚାଲିଥିଲା।

➤ ପୃ-୬

**ଏଥର ଜନମତ**

**କେବେ ବନ୍ଦ ହେବ ରାଗିଂ ?**

ଶେଷପୃଷ୍ଠା ପଢ଼ନ୍ତୁ ...

## ବକ୍ରବାଣୀ



ଚାରି କୋଟି ଲୋକ ଗରୀବ ଏଠି
ଚିନ୍ତା କରନ୍ତିନି ଖାଇବେ ଖଟି
ମାଗଣା ରାସନ ଦେଇ ସର୍କାର
ବିକାଶ ହଉଚି କରେ ଚିତ୍କାର
ବୁଲିଆସ ଥରେ ବାଦାମବାଡ଼ି
ହୁସିୟାର ଥିବ ନ ଯିବ ପଡ଼ି
ସ୍ମାର୍ଟ୍ ସିଟି ଆମ ଭୁବନେଶ୍ୱର
ଆମ ବରମୁଣ୍ଡା ବିଶ୍ୱମାନର
ଆମରି ଧନରେ ଯାତେରା ହୁଏ
ଦେଉଳ ସଜାରେ ରାଜସ୍ୱ ଯାଏ।

—— ଟୁଟୁ

ଖରାସାହାପୁର ପଞ୍ଚାୟତ ଚାଷୀଙ୍କ ଦୁଃଖ ବୁଝିବ କିଏ ?

## ଗୋଟିଏ ପଟେ ଶୁଖିଲା ଚାଷ ଜମି, ଅନ୍ୟପଟେ ମାଡୁଛି ଲୁଣା ଜଳ



**ବାଲେଶ୍ୱର :** ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ବାଲେଶ୍ୱର ବାହାନଗା ବ୍ଲକର ଉପକୂଳବର୍ତ୍ତୀ ଅଞ୍ଚଳର ଚାଷୀଙ୍କ ପାଇଁ ସମୁଦ୍ର କୂଳରେ ଲୁଣି ଜଳକୁ ଅଟକାଇବା ପାଇଁ ସ୍ଥାୟୀ ବନ୍ଧ ନାହିଁ। ଚାଷୀଙ୍କ ହିତ ପାଇଁ ଖରାସାହାପୁର ପଞ୍ଚାୟତରେ କାଂଶବାଂସ ନଦୀ ଉପରେ ୧କୋଟି ୭୫ଲକ୍ଷ ଟଙ୍କାର ଏକ ସ୍ଥାୟୀ ପୋଲ (ବରବନ୍ଧ) ନିର୍ମାଣ ହୋଇଛି। ଦୀର୍ଘ ୧୦ ବର୍ଷ ଧରି ବରବନ୍ଧର କବାଟ ଲାଗିନପାରି ଚାଷୀଙ୍କ ହିତରେ ଲାଗୁନି। ଅବିଭକ୍ତ ଚିଉଳ ପଞ୍ଚାୟତରୁ ବିଚ୍ଛିନ୍ନ ହୋଇ ୧୯୭୮ ମସିହାରେ ଖରାସାହାପୁର ପଞ୍ଚାୟତ ଗଠନ ହୋଇଥିଲା।ଖରାସାହାପୁର ପଞ୍ଚାୟତ ମାତ୍ର ୩ଟି ରାଜସ୍ୱ ଗ୍ରାମ ଖରାସାହାପୁର,ରମଧା ଓ ବ୍ରହ୍ମପୁରକୁ ନେଇ ଗଠିତ। ପଞ୍ଚାୟତର ୨୧ଟି ଗ୍ରାମ, ୧୦ହଜାରରୁ ଅଧିକ ଲୋକ ସଂଖ୍ୟା ବିଶିଷ୍ଟ ୭୮୮୫ ଜଣ ଭୋଟଦାତା। ପଞ୍ଚାୟତରେ ଶତକଡ଼ା ୫୦ ଭାଗରୁ ଅଧିକ

➤ ପୃ-୬

## ଚାଲିଛି ଆଲୋଚନା; ରାଗିଂ ପାଇଁ ଆସିବ କଠୋର ଆଇନ

**ଭୁବନେଶ୍ୱର :** ବିଜେବି କଲେଜ ରାଗିଂ ଘଟଣାର ସତ୍ୟାସତ୍ୟ ଏପର୍ଯ୍ୟନ୍ତ ପଦାକୁ ଆସି ନାହିଁ। ଦୀର୍ଘଦିନ ହେଲା ତଦନ୍ତ ଚାଲିଥିଲେ ମଧ ରୁଚିକା ମୃତ୍ୟୁର ପ୍ରକୃତ କାରଣ ଖୋଜିବାରେ ପୁଲିସ ବିଫଳ ହୋଇଛି। ୩ଜଣ ସିନିୟର ଛାତ୍ରୀଙ୍କ ରାଗିଂରୁ ତାଙ୍କର ମୃତ୍ୟୁ ହେଉଥିବା ଅଭିଯୋଗ ଆସିଛି। କିନ୍ତୁ ସେମାନେ କିଏ? ତନାଘନା ପରେ ମଧ ଚିହ୍ନଟ ହୋଇ ପାରୁ ନାହାନ୍ତି। ଏହାକୁ ନେଇ ଆନ୍ଦୋଳନ ଜୋର ଧରୁଥିବାରୁ ରାଜ୍ୟ ସରକାର ଅକଳରେ ପଡ଼ିଛନ୍ତି। ବିଧାନସଭାରେ ବିରୋଧୀ ଦଳ ସରକାରଙ୍କୁ ଘେରିଥିବା ବେଳେ ବାହାରେ ବିଭିନ୍ନ ସଙ୍ଗଠନ ରୁଚିକାଙ୍କୁ ନ୍ୟାୟ ଦେବା ପାଇଁ ଲଢ଼େଇ ଜାରି ରଖିଛନ୍ତି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କ୍ୟାମ୍ପସରେ ରାଗିଂ ରୋକିବାକୁ ରାଜ୍ୟ ସରକାର କଠୋର ପଦକ୍ଷେପ ନେବାକୁ ଯାଉଛନ୍ତି। ରାଜ୍ୟରେ ଅବକାରୀ ସ୍କ୍ୱାଡ୍, ଖାଦ୍ୟମାନ ଯାଞ୍ଚ



ସ୍କ୍ୱାଡ୍ ପରି ଆଣ୍ଟିଂ ରାଗିଂ ସ୍କ୍ୱାଡ୍ ଗଠନ ହେବ ଏବଂ ହେଲ୍ପଲାଇନ୍ ନମ୍ବର ଜାରି କରାଯିବ। ଏଭଳି ପ୍ରସ୍ତାବ ଉପରେ ସରକାର ବିଚାର କରୁଛନ୍ତି। ଇତିମଧ୍ୟରେ ଜିଲ୍ଲାସ୍ତରରେ ଜିଲ୍ଲାପାଳମାନେ ଶିକ୍ଷାନୁଷ୍ଠାନଗୁଡ଼ିକ ସହ ଆଲୋଚନା କରି କ୍ୟାମ୍ପସରେ କିଭଳି ଆଣ୍ଟି ରାଗିଂ ସେଲ୍‌କୁ ସୁଦୃଢ଼ କରାଯାଇ ପାରିବ ସେନେଇ ମତ ଲୋଡ଼ିଛନ୍ତି। ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ରାଗିଂ ରୋକିବା ନେଇ ଗତ ୭ ତାରିଖରେ ଗଞ୍ଜାମ ଜିଲ୍ଲାପାଳ ବୈଠକ ନେବା ସହ କଠୋର ମନୋଭାବ ପୋଷଣ କରିଛନ୍ତି। ଯାହାକୁ ଆଧାର କରି ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ନିଜ ପରିଧିରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ନିର୍ଦ୍ଦେଶାବଳୀ ଜାରି କରିସାରିଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସ୍ତରରେ ଆଣ୍ଟିଂ ରାଗିଂ ସ୍କ୍ୱାଡ୍ ଗଠନ ସହ ହେଲ୍‌ପଲାଇନ୍ ନମ୍ବର ଜାରି କରାଯିବ। ପିଲାମାନେ ଯଦି କୌଣସି ସ୍ଥାନରେ ରାଗିଂର ଶିକାର ହୁଅନ୍ତି ତେବେ ସେମାନେ ଉକ୍ତ ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କରିପାରିବେ। ଅଭିଯୋଗ ପାଇବା ମାତ୍ରେ ନିକଟରେ ଥିବା ଆଣ୍ଟିଂ ରାଗିଂ ସ୍କ୍ୱାଡ୍ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ଉପରେ ଚଢ଼ଉ କରିବେ। ଏହି ସ୍କ୍ୱାଡ୍‌ରେ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସହ ପୁଲିସ ରହିବ। କୌଣସି ବି ଶିକ୍ଷାନୁଷ୍ଠାନର ଅଧ୍ୟାପକଙ୍କୁ ଏଥିରେ ସାମିଲ କରାଯିବ ନାହିଁ। ଚଢ଼ଉ ସମୟରେ ଯଦି

➤ ପୃ-୬

ଦୂରାରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଚିକିତ୍ସାରେ ଅର୍ଥ ବାଧକ

## ବାପାଙ୍କୁ ଭଲ କରିବା ପାଇଁ ଭିକ ମାଗୁଛି ପୁଅ



**ବାଲେଶ୍ୱର :** ସରକାରୀ ଭାବେ ସାଧାରଣ ଗରିବ ଗୁରୁବାଙ୍କ ପାଇଁ ନିଃଶୁଳ୍କ ଭାବେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଥିବାର ଡିଣ୍ଡିମ ପିଟି ଚାଲିଛନ୍ତି। କିନ୍ତୁ ତାହା କାଗଜ କଲମରେ ସିମୀତ ଥିବାର ଦେଖିବାକୁ ମିଳୁଛି । ଯାହାର ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ବାହାନଗା ବ୍ଲକ ଦାଣ୍ଡହରିପୁର ପଞ୍ଚାୟତ ଅସିମିଳା ଗ୍ରାମରେ। ଘରର ରୋଜଗାରିଆ ବ୍ୟକ୍ତି ଭାଗିରଥି ମିଶ୍ର କିଡନୀ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇଥିବାବେଳେ ଦଶମ ଶ୍ରେଣୀର ପାଠ ପଢୁଥିବା ପୁଅ ନିଜ ବାପାଙ୍କୁ ଭଲ କରିବା ପାଇଁ ଭିକ୍ଷା ମାଗୁଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚା ହେଉଛି। ବାହାନଗା ବ୍ଲକ ଦାଣ୍ଡହରିପୁର ପଞ୍ଚାୟତ ଅସିମିଳା ଗ୍ରାମର ଭାଗିରଥି ମିଶ୍ର ଠିକାରେ ଚାନ୍ଦିପୁର ଆଇଟିଆରରେ ଗୃହରକ୍ଷୀମାନଙ୍କୁ ରାନ୍ଧି ଖାଇବାକୁ ଦୀର୍ଘ ୬ ବର୍ଷ ଧରି ଦେଉଥିଲେ। ଭାଗିରଥି ମିଶ୍ର ସ୍ତ୍ରୀ ଅନିତା ମିଶ୍ର ଓ ଏକମାତ୍ର ପୁଅ ନରେନ୍ଦ୍ର କୁ ନେଇ ଚାଲଥିଲା ତେଲ ଲୁଣର ସଂସାର। ଅଚାନକ ୨୦୧୯ ମସିହାରେ ପରିବାର ମଧ୍ୟରେ ଏକ ଅଦିନିଆ ବାଦଲ ମାଡ଼ିଆସି ଭାଗିରଥିଙ୍କୁ ବାନ୍ତି ହେବା, ପେଟ କାଟିବା ,ଗୋଡ଼ ଗଣ୍ଡି ବିନ୍ଧିବା ସହ ପେଟ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଫଳରେ ପ୍ରଥମେ ବାଲେଶ୍ୱର ପରେ କଟକ ରେ ପରୀକ୍ଷା ନିରୀକ୍ଷା କରିବା ପରେ ଭାଗିରଥି କିଡନୀ

➤ ପୃ-୬

## ମୟୂରଭଞ୍ଜର କାଇ ଚଟଣିକୁ ଜିଆଇ ଟ୍ୟାଗ୍ ମାନ୍ୟତା

**ବାରିପଦା, (ବିଜୁ ସିଂ):** ଘରେ ନାଲି ପିମ୍ପୁଡି ଦେଖିଲେ ଆମେ ଘଡାଉ ହେଲେ ଏଇ ବଡ ବଡ ନାଲି ପିମ୍ପୁଡି ବା କାଇରୁ ତିଆରି ହୁଏ ସୁଆଦିଆ ଚଟାଣି। ହଁ ଆଜ୍ଞା କଥାଟି ଆପଣାକୁ ମିଛ ଲାଗିପରେ ହେଲେ ଏହା ସମ୍ପୂର୍ଣ ସତ। ମୟୂରଭଞ୍ଜର ଆଦିବାସୀ ମାନେ ତିଆରି କରନ୍ତି ଏ ସତନ୍ତ ନାଲି ପିମ୍ପୁଡି ବା କାଇ ଚଟାଣି। ମୟୂରଭଞ୍ଜର ହାଟ ଓ ବଜାରରେ ମିଳେ ଏଇ ସୁଆଦିଷ୍ଟ କାଇ ଚଟଣି ଏବେ ଏହାକୁ କିପରି ଜିଆଇ ଟ୍ୟାଗ ମିଳିପାରିବ ସେଥିପାଇଁ ଆରମ୍ଭ ହୋଇଛି ପ୍ରୟାସ। ତେବେ ଏଇ କାଇ ଗୁଡିକ ଚଟଣି କରିବା ପାଇଁ ଲୁଣ, ରସୁଣ, ଅଦା ଓ ଲଙ୍କା ବ୍ୟବହାର କରାଯାଇଥାଏ। ଆଦିବାସୀ ମାନେ ଏହାକୁ ଖାଇବା ସହ ସ୍ଥାନୀୟ ବଜାର ରେ ବିକ୍ରି କରିଥାନ୍ତି। ଥରେ ଜିଆଇ ଟ୍ୟାଗ ମିଳିଗଲେ ପିମ୍ପୁଡି ଚଟଣି କୁ ଖଜିବେ ସାରା ଦେଶ ର ଖାଦ୍ୟ ପ୍ରେମୀ। ବିଶେଷଜ୍ଞଙ୍କ ମତରେ ଆଦିବାସୀ ମାନଙ୍କର କାଇ ଚଟଣି ସ୍ୱାସ୍ଥ୍ୟ ପାଇଁ ଉପକାରୀ। କାଇରେ ପ୍ରୋଟିନ, କେଲସିଆମ, ଜିଙ୍ଗ, ଭିଟାମିନ ୧୨, ପଟାସିୟମ ଓ ସଡିୟମ ଭଳି ଅନେକ ଭିଟାମିନ ରହିଛି। ମଣିଷ ଶରୀରରେ କାଇ ଚଟଣି ରୋଗ ପ୍ରତିଶୋଧକ ଶକ୍ତି ବୃଦ୍ଧି କରାଇଥାଏ। ମୁଖ୍ୟତ ଲାର୍ଭା ଓ କିଶର ଅବସ୍ଥାରେ ଥିବା ନାଲି ଜନ୍ଦା ମାନଙ୍କୁ ଚଟଣି କରିଥାନ୍ତି। ସ୍ୱାଦ ଅନୁସାରେ ଲୁଣ, ରସୁଣ,ଅଦା ଓ ଲଙ୍କା ଦେଇ ଚଟଣି କରିଥାନ୍ତି। ସ୍ଥାନୀୟ ବଜାରରେ ଏବେ ବିକ୍ରି ବି ହେଉଥାଏ। ଜର, ଥଣ୍ଡା, ଦୃଷ୍ଟି ଶକ୍ତି ବୃଦ୍ଧି, ଆଣ୍ଠୁ ଗଣ୍ଠି ବଥା ପାଇଁ କାଇ ଚଟାଣି ଫଳପ୍ରଦ। ସୁସ୍ଥ ମସ୍ତିଷ୍କ ପାଇଁ ବି କାଇ ଚଟଣି ଫଳପ୍ରଦ ବୋଲି କୁହାଯାଏ। ଆଦିବାସୀ ବୋଇଦ ମାନେ କାଇକୁ ସଂଗ୍ରହ କରି ଏହାକୁ ସରିସ ତେଲ ସହିତ ମିଶାଇ ପାରମ୍ପରିକ ଔଷୋଧ ପ୍ରସ୍ତୁତି କରିଥାନ୍ତି। ତିରିଶ ଦିନର ଏଭଳି



ତେଲ ଶିଶୁ ମାନଙ୍କ ପାଇଁ ବ୍ୟେବହୃତ ହୋଇଥାଏ। ଏବେ ଜିଆଇ ଟ୍ୟାଗ ମିଳିଲେ କାଇ ଚଟାଣିକୁ ଅଧିକ ପ୍ରହସନ ମିଳିପାରେ ବୋଲି ଆଶା କରାଯାଉଛି। ସେହିପରି ଆଗରୁ ମଧ ରିପୋର୍ଟ ପ୍ରକାଶ ପାଇଥିଲା କି ଜଙ୍ଗଲରୁ ସଂଗ୍ରହ କରାଯାଉଥିବା କାଇ ପିମ୍ପୁଡି ଚଟଣି ପୁରୁଣା ଭୂତାଣୁ ଭଳି ସଂକ୍ରମଣର ମୁକାବିଲା ପାଇଁ ଔଷଧ ଭାବେ ବ୍ୟବାହାର କରାଯାଇପାରିବ।

➤ ପୃ-୬





CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

EVOS PARADISE,
Near AIIMS Hospital,BBSR

Approved By-
Odisha Real Estate Regulatory Authority
State Bank of India
Bhubaneswar Municipal Corporation





For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

## କେମିତି କଟିବ ଏ ସପ୍ତାହ

**ମେଷ** - ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଯାତ୍ରାରେ ଯାଆନ୍ତୁ ନାହିଁ। ପରିଶ୍ରମ କରି ଭଲ ଆୟ କରିବେ। ଭାଗିଦାରୀରେ କାମ କରନ୍ତୁ ନାହିଁ। ସଚ୍ଚୋଟ ପ୍ରେମୀ ମାନଙ୍କ ପାଇଁ ସମୟ ଅନୁକୂଳ। ପ୍ରତିକାର : ମଙ୍ଗଳବାର ଦିନ ରାହୁଙ୍କ ପାଇଁ ହୋମ କରନ୍ତୁ।

**ବୃଷ** - ମନ ଅସ୍ଥିର ରହିବ। ଧନ ସମ୍ବନ୍ଧୀୟ ସମସ୍ୟା ଦେଖାଦେବ। ମାଙ୍ଗଳିକ କାର୍ଯରେ ଯୋଗ ଦେବେ। ଭାଗିଦାରୀ ବ୍ୟବସାୟ ପାଇଁ ସମୟ ଉତ୍ତମ। ଛାତ୍ରମାନେ ପୁରୁଣା କଥାକୁ ନେଇ ଚିନ୍ତିତ ରହିବେ। ପ୍ରତିକାର : ମା' ଲକ୍ଷ୍ମୀଙ୍କୁ ଧ୍ୟାନ କରନ୍ତୁ।

**ମିଥୁନ** - ସ୍ୱାସ୍ଥ୍ୟକୁ ନେଇ ପ୍ରତି ସମୟରେ ସମସ୍ୟା ଲାଗି ରହିପାରେ। ବେକାର ଖର୍ଚ୍ଚରୁ ଦୂରେଇ ରହନ୍ତୁ। ଜମିଜମା ସମସ୍ୟାର ସମାଧାନ ହେବ। ଛାତ୍ର ମାନଙ୍କର ପୂର୍ବର ଥିବା ସନ୍ଦେହ ଦୂର ହେବ। ପ୍ରତିକାର : ଶନିବାର ଦିନ ବିକଳାଙ୍ଗଙ୍କୁ ଦହିଭାତ ଖୁଆନ୍ତୁ।

**କର୍କଟ** - ପରିବାରରେ କୌଣସି ସଦସ୍ୟଙ୍କ ଅସୁସ୍ଥତା ଖବର ପାଇପାରନ୍ତି। ଧନ ଖର୍ଚ୍ଚ ସମୟରେ ସାବଧାନ ରହନ୍ତୁ। କାର୍ଯ୍ୟ କ୍ଷେତ୍ରରେ ନକାରାତ୍ମକତା ପରିବାରରେ ସମସ୍ୟା କରିପାରେ। ପ୍ରତିକାର : ପ୍ରତିଦିନ ୧୦୮ଥର ଓଁ କେତକେନମଃ ଜପ କରନ୍ତୁ।

**ସିଂହ** - ସ୍ୱାସ୍ଥ୍ୟ ଅନୁକୂଳ ରହିବ। ଆୟରେ ବୃଦ୍ଧି ହେବ ଓ ସଞ୍ଚୟ କରିବେ। ପରିବାରରେ ସମ୍ପର୍କ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ସ୍ଥାନାନ୍ତରଣ ଯୋଗ ଅଛି। ପ୍ରତିକାର : ପ୍ରତିଦିନ ଆଦିତ୍ୟ ହୃଦୟ ପାଠ କରନ୍ତୁ।

**କନ୍ୟା** - ପୁରୁଣା କଥାକୁ ନେଇ ଚିନ୍ତିତ ରହିବେ। ଯେଉଁମାନେ ସେୟାର ବଜାରରେ ବିନିଯୋଗ କରିଛନ୍ତି ଭଲ ଲାଭ ପାଇବେ। ପରିବାରରେ ଶୁଭ ଫଳ ପାଇବେ। ପ୍ରତିକାର : ପ୍ରତିଦିନ ୪୧ଥର ଓଁ ଦୁର୍ଗାୟ ନମଃ ଜପ କରନ୍ତୁ।

**ତୁଳା** - ଖେଳ କୁଦରେ ଭାଗ ନେଇପାରନ୍ତି। କାର୍ଯରେ ଦରମା ବୃଦ୍ଧି ଯୋଗ ଅଛି। ହଠାତ୍ ଖର୍ଚ୍ଚ ବଢ଼ିବ। ମାଙ୍ଗଳିକ କାର୍ଯରେ ଯୋଗ ଦେବେ। ଉଚ୍ଚ ଅଧିକାରୀଙ୍କ ପ୍ରଶଂସା ପାଇବେ। ପ୍ରତିକାର : ପ୍ରତିଦିନ ୨୧ଥର ଓଁ ହନୁମତେ ନମଃ ଜପ କରନ୍ତୁ।

**ବିଛା** - ବାଦବିବାଦ ଯୋଗୁ ମନ ଖରାପ ହୋଇପାରେ। ଆର୍ଥିକ ସମସ୍ୟା ଦୂର ହେବ। କାର୍ଯ୍ୟକ୍ଷେତ୍ରରେ ବ୍ୟସ୍ତ ରହିବେ। ପ୍ରେମର ସମ୍ପର୍କ ଦୃଢ଼ ହେବ। ପ୍ରତିକାର : ମଙ୍ଗଳବାର ଦିନ ଗଣେଷ ଭଗବାନଙ୍କ ପାଇଁ ହୋମ କରନ୍ତୁ।

**ଧନୁ** - ଛୋଟ ଛୋଟ ସ୍ୱାସ୍ଥ୍ୟ ସମସ୍ୟା ରହିବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଦମ୍ପତିମାନେ ବିବାହରେ ସତ୍ୟତାକୁ ଅନୁଭବ କରିବେ। ପ୍ରତିକାର : ପ୍ରତିଦିନ ୨୧ଥର ଓଁ ଗୁରୁବେନମଃ ଜପ କରନ୍ତୁ।

**ମକର** - ପେଟରେ ଯନ୍ତ୍ରଣା ହୋଇପାରେ। ମୂଲ୍ୟବାନ ବସ୍ତୁ ଚୋରୀ ହୋଇପାରେ। ବନ୍ଧୁବାନ୍ଧବଙ୍କ ସହ ସମ୍ପର୍କ ବଢ଼ିବ। ଆୟରେ ବୃଦ୍ଧି ହେବ। ପ୍ରତିକାର : ଗୁରୁବାର ଦିନ ବୃହସ୍ପତିଙ୍କୁ ବନ୍ଦନା କରନ୍ତୁ।

**କୁମ୍ଭ** - ସ୍ୱାସ୍ଥ୍ୟରେ ପରିବର୍ତ୍ତନ ହେବ। ଆୟ ଓ ବ୍ୟୟ ଉଭୟରେ ବୃଦ୍ଧି ହେବ। ପରିବାରରେ ଭଲ ବ୍ୟବହାର କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇଷବ। ଛାତ୍ରଙ୍କୁ ପରିଶ୍ରମର ଫଳ ପାଇବେ। ପ୍ରତିକାର : ପ୍ରତିଦିନ ୪୪ଥର ଓଁ ମନ୍ଦାୟନମଃ ଜପ କରନ୍ତୁ।

**ମୀନ** - ପ୍ରତିଦିନ କସରତ କରନ୍ତୁ। ଆର୍ଥିକ ସ୍ଥିତି ସାମାନ୍ୟ ରହିବ। ସଞ୍ଚ କରନ୍ତୁ। ପରିବାରର ବଡ ସଦସ୍ୟଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ ନାହିଁ। ପ୍ରତିକାର : ୧୦୮ଥର ଓଁନମ ଶିବାୟ ଜପ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଚୀନ୍‌ରେ ପୁଣି ଲକ୍‌ଡାଉନ ଆଶଙ୍କା !



**ବେଜିଂ :** ଚୀନ୍‌ରେ କରୋନା ଭାଇରସର ପ୍ରକୋପ ଏବେବି ଥମିନି। ବଢୁଥିବା ସଂକ୍ରମଣ ସଂଖ୍ୟାକୁ ନଜରରେ ରଖି ପ୍ରକୋପ ନିୟନ୍ତ୍ରଣ ପାଇଁ ପୁଣି ଲକଡାଉନର ଆଶ୍ରୟ ନିଆଯାଇପାରେ ବୋଲି ଆଶଙ୍କା କରାଯାଉଛି। ବିଶ୍ୱର ଦ୍ୱିତୀୟ ବୃହତ୍ତ ଅର୍ଥ ବ୍ୟବସ୍ଥା ଚୀନ୍‌ରେ ଯଦି ପୁଣି ଲକଡାଉନ ଜାରି ହୁଏ କେବଳ ଦେଶ ନୁହେଁ ବିଶ୍ୱର ଅର୍ଥ ବ୍ୟବସ୍ଥା ଲାଗି କାଫି ଚିନ୍ତାଜନକ ହୋଇପାରେ ବୋଲି ଏବେ ଆଶଙ୍କା କରାଯାଉଛି। ଚୀନ୍ ଅର୍ଥନୀତି ପାଇଁ ଏହା ଏକ ଝଟକା ଭଳି ହେବାକୁ ଥିବା ବେଳେ ବିଶ୍ୱ ଅର୍ଥ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡିବ। ଚୀନ୍ କରୋନାକୁ ନେଇ କେତେ ଭୟଭୀତ ଏହା ଏକ ସାମାନ୍ୟ ଘଟଣାରୁ ଯେ କେହିବି ଅନୁମାନ କରିପାରିବେ। ସହରରେ ସଂକ୍ରମଣର କେବଳ ଗୋଟିଏ ମାମଲା ସାମ୍ନାକୁ ଆସିବା ଯୋଗୁ ପୁରା ସହରକୁ ୩ ଦିନ ଲକଡାଉନ କରିଦିଆଯାଇଥିଲା। ଚୀନ୍‌ରେ ଏବେ ପୁଣି ସଂକ୍ରମଣ ବଢିବା ଆରମ୍ଭ କରିଛି। ଏଣୁ ଲକଡାଉନର ଆଶଙ୍କା କରାଯାଉଥିବା ବେଳେ କାରଖାନା , କନଷ୍ଟ୍ରକ୍ସନ ପୁଣି ବନ୍ଦ ହୋଇପାରେ ବୋଲି ଆକଳନ କରାଯାଉଛି। ଏଥିରେ ଯଦି କନଷ୍ଟ୍ରକ୍ସନ କମ୍ପାନୀ ପୁଣି ଲକଡାଉନର ସମ୍ମୁଖୀନ ହୁଅନ୍ତି ତେବେ ପ୍ରଥମରୁ ଋଣରେ ବଡି ରହିଥିବା କମ୍ପାନୀମାନେ ଗୁରୁତର ପ୍ରଭାବିତ ହେବେ ବୋଲି ଆଶଙ୍କା କରାଯାଉଛି। ଇକୋନମୀ ସହ ସମ୍ପର୍କିତ ସବୁ ଇଣ୍ଡିକେଟର ବିଶ୍ୱର ଦ୍ୱିତୀୟ ବୃହତ୍ତ ଅର୍ଥବ୍ୟବସ୍ଥା ଚୀନେ୍ର ହ୍ରାସ ଆରମ୍ଭ ହୋଇଯାଇଥିବା ସୂଚିତ କରୁଥିବା ବେଳେ ସରକାର ବର୍ଷର ଦ୍ୱିତୀୟ ଷଡମାସିକ ଉପରେ ନଜର ରଖି ରହିଛନ୍ତି। ଏଥିରେ ୫.୫ ପ୍ରତିଶତ ଗ୍ରୋଥର ଲକ୍ଷ ହାସଲ ହୋଇ ଯାଇପାରିବ ବୋଲି ଜିନପିଙ୍ଗ ସରକାର ଆଶା କରୁଛନ୍ତି। ଚୀନ୍‌ରେ କରୋନା ଭାଇରସ ମହାମାରୀ ପୁଣି ଥରେ ଆତଙ୍କ ଖେଳାଇଛି। ହାମାରୀ ବ୍ୟାପିବା ପ୍ରଚାରିତ ହେବା ପରେ ଗତ ୧୫ ଦିନ ହେଲା ଚୀନ୍ ସେୟାର ବଜାର ହ୍ରାସର ସମ୍ମୁଖୀନ ହେଉଛି।

## ସାରନାଥ ଓ ନୂଆ ସଂସଦ ଭବନ ଉପରେ ଲାଗିଥିବା ଅଶୋକ ସ୍ତମ୍ଭ ସମାନ: କେନ୍ଦ୍ରମନ୍ତ୍ରୀ



**ନୂଆଦିଲ୍ଲୀ :** ଜାତୀୟ ପ୍ରତୀକକୁ ନେଇ ଜାରି ବିବାଦ ସଂସଦକୁ ପହଞ୍ଚିଛି। ଏ ନେଇ ବିରୋଧୀ ଦଳ ଗୃହରେ ସରକାରଙ୍କୁ ଘେରିଥିବା ବେଳେ କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରୀ ହରଦୀପ ସିଂହ ପୁରୀ ଏହାର ଜବାବ ରଖିଛନ୍ତି। ସେ କହିଛନ୍ତି ଯେ ସାରନାଥରେ ଥିବା ମୂଳ ଜାତୀୟ ପ୍ରତୀକର ଆକାର ବୃଦ୍ଧି କରାଗଲେ ଅଥବା ନୂଆ ସଂସଦ ଭବନ ଉପରେ ସ୍ଥାପିତ ମୂର୍ତ୍ତିର ଆକାର ଛୋଟ କରାଗଲେ ଉଭୟ ମଧ୍ୟରେ ବିଶେଷ ଅନ୍ତର ଦେଖାଯିବନି। ବିରୋଧୀ ଦଳ ଗୃହରେ ସରକାର ରାଷ୍ଟ୍ରୀୟ ପ୍ରତୀକକୁ ବଦଳାଇଥିବାର ଅଭିଯୋଗ ଆଣିଥିଲେ। ଏଣୁ ଏହାକୁ ତୁରନ୍ତ ବଦଳାଇବାକୁ ଦାବି କରିଥିଲେ। ସାରନାଥରେ ଥିବା ମୂଳ ପ୍ରତିମାଟି ମାଟି ଉପରେ ରହିଛି। ତେବେ ନୂଆ ସଂସଦ ଭବନ ଉପରେ ସ୍ଥାପିତ ଜାତୀୟ ପ୍ରତିକଟି ଭୂମିରୁ ୩୩ ମିଟର ଉଚ୍ଚରେ ରହିଛି। ସେଣ୍ଟ୍ରାଲ ଭିଷ୍ଟାରି ଡେଭଲପମେଣ୍ଟ ପ୍ରକଳ୍ପରେ ନୂଆ ସଂସଦ ଭବନର ନିର୍ମାଣ ଦାୟିତ୍ୱ ପୁରୀଙ୍କ ମନ୍ତ୍ରାଳୟଙ୍କ ଦାୟିତ୍ୱରେ ଚାଲିଛି। ଏଣୁ ପ୍ରସଙ୍ଗରେ ପୁରୀ ଗୃହରେ ଜବାବ ରଖିଛନ୍ତି। ସେ କହିଛନ୍ତି ଯେ ଉଭୟ ସଂରଚନାର ତୁଳନା କରିବାକୁ ଗଲେ କୋଣ, ଉଚ୍ଚତା ଓ ମାପର ପ୍ରଭାବକୁ ଦେଖିବାର କଥା। ଏ ନେଇ କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରି ଉଲ୍ଲେଖ କରିଛନ୍ତି ଯେ ଯଦି କୌଣସି ବ୍ୟକ୍ତି ତଳୁ ସାରନାଥ ପ୍ରତୀକକୁ ଦେଖୁଛନ୍ତି ସେ ସେତିକ ଶାନ୍ତ ଓ କ୍ରୋଧିତ ଦେଖାଯିବ ଯାହା ନୂଆ ପ୍ରତିକୃତିରେ ଦେଖା ଯାଉଛି। ଏଥିରେ ମୂଳ ପ୍ରତୀକର ବାସ୍ତବିକ ପ୍ରତିକୃତିକୁ ଯଦି ସଂସଦ ଭବନ ଉପରେ ସ୍ଥାପିତ କରିଦିଆଯାଏ ତେବେ ଏହା ଦୂରରୁ ଦେଖାଯିବନି ବୋଲି ଉଲ୍ଲେଖ କରିଛନ୍ତି। ତେବେ ବିଶେଷଜ୍ଞମାନଙ୍କୁ ଏହା ଜ୍ଞାତ ହେବା ଦରକାର ମୂଳ ପ୍ରତୀକଟି ଜମି ଉପରେ ରହିଛି ଓ ଏହାର ପ୍ରତିକୃତିଟି ଭୂମିରୁ ୩୩ ମିଟର ଉଚ୍ଚରେ ରହିଛି। ଏଣୁ ସେ ଅନ୍ୟ ଏକ ଟ୍ୱିଟ୍ରେ ଯଦି ସାରନାଥରେ ଥିବା ଜାତୀୟ ପ୍ରତୀକର ଆକାର ବଡ଼ା ଯାଏ ଓ ସଂସଦ ଭବନ ଉପରେ ସ୍ଥାପିତ ପ୍ରତୀକକୁ ଛୋଟ କରାଯାଏ ତେବେ ଉଭୟ ମଧ୍ୟରେ କୌଣସି ପ୍ରାର୍ଥକ୍ୟ ରହିନପାରେ ବୋଲି ସେ ଉଲ୍ଲେଖ କରିଛନ୍ତି। ସଂସଦ ଭବନ ଉପରେ ଏହି ପ୍ରତିକୃତିକୁ ପ୍ରଧାନମନ୍ତ୍ରୀ ନିକଟରେ ଉଦଘାଟନ କରିଛନ୍ତି।

## ୨୩ରେ ରାଷ୍ଟ୍ରପତିଙ୍କୁ ସଂସଦରେ ଦିଆଯିବ ବିଦାୟକାଳୀନ ସମ୍ବର୍ଦ୍ଧନା



**ନୂଆଦିଲ୍ଲୀ :** ଆସନ୍ତା ଜୁଲାଇ ୨୫ରେ ଭାରତର ନୂଆ ରାଷ୍ଟ୍ରପତି ଶପଥ ଗ୍ରହଣ କରିବେ। କିନ୍ତୁ ଏହା ପୂର୍ବରୁ ଜୁଲାଇ ୨୩ରେ ବର୍ତ୍ତମାନର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଏକ ସମାରୋହରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯିବ। ଆସନ୍ତା ଶନିବାର ସଂସଦ ଭବନର ସେଣ୍ଟ୍ରାଲ ହଲ୍‌ରେ ରାମନାଥ କୋବିନ୍ଦଙ୍କ ବିଦାୟ କାଳୀନ ସମାରୋହ ହେବ। ଏହି ଅବସରରେ ଭାରତର ଉପରାଷ୍ଟ୍ରପତି ଏମ. ଭେଙ୍କୟା ନାଇଡୁ, ଲୋକସଭା ଅଧକ୍ଷ ଓମ ବିର୍ଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ ସାଂସଦମାନେ ଉପସ୍ଥିତ ରହିବେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ବିଦାୟ ଉତ୍ସବ ସମୟରେ ରାମନାଥଙ୍କୁ ଲୋକସଭା ସଦସ୍ୟଙ୍କ ତରଫରୁ ପ୍ରଶସ୍ତି ପତ୍ର, ସ୍ମୃତି ଚିହ୍ନ, ଓ ସାଂସଦମାନଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା ହସ୍ତାକ୍ଷର ପୁସ୍ତିକା ଦଆଯିବ। ବିଦାୟ ଉତ୍ସବ ପରେ ହାଇ-ଟି ହେବ ଓ ଲୋକସଭା ବାଚଷ୍ପତି ଓମ ବିର୍ଲା ବିଦାୟ ଭାଷଣ ଦେବେ।

# ଜୁନ୍‌ରେ ପାଇକାରୀ ମୁଦ୍ରାସ୍ଫୀତି ସାମାନ୍ୟ ହ୍ରାସ



**ନୂଆଦିଲ୍ଲୀ :** କମର୍ସ ମିନିଷ୍ଟ୍ରି ପକ୍ଷରୁ ଜୁନ ମାସର ପାଇକାରୀ ମୁଦ୍ରାସ୍ଫିତି ହାର ଜାରି କରାଯାଇଛି। ତାଜା ତଥ୍ୟ ଅନୁସାରେ ଜୁନ ମାସରେ ପାଇକାରୀ ମୁଦ୍ରାସ୍ଫିତିରେ ସାମାନ୍ୟ ହ୍ରାସ ଦେଖାଯାଇଛି। ଏହା ପୂର୍ବବର୍ତ୍ତି ମାସ ଅର୍ଥାତ ମେ ମାସର ୧୫.୮୮ ପ୍ରତିଶତରୁ ହ୍ରାସ ହୋଇ ୧୫.୧୮ ପ୍ରତିଶତକୁ ପହଞ୍ଚିଛି। ତେବେ ହାର ଅନୁମାନରୁ କାମ ରହିବା ଏକ ଶୁଭେ ସଂକେତ ବୋଲି କୁହାଯାଉଛି। ଜୁନ ୨୦୨୧ରେ ଏହି ହାର ୧୨.୦୭ ପ୍ରତିଶତ ଥିଲା। ତେବେ ଏହା ପୂର୍ବରୁ ଅନୁମାନ କରାଯାଉଥିଲା ପାଇକାରୀ ମୁଦ୍ରାସ୍ଫିତି ହାର ୧୫.୫୦ ପ୍ରତିଶତ ରହିପାରେ। ତେବେ ଅନୁମାନ ଠାରୁ ହାର ହ୍ରାସ ହେବା ଏବେ ଆଶ୍ୱସ୍ତିର ଖବର ବୋଲି କୁହାଯାଉଛି। ଏଥିରୁ ମୂଲ୍ୟ ବୃଦ୍ଧି ନିୟନ୍ତ୍ରଣ ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ( ଆରବିଆଇ) କରୁଥିବା ଉପାୟ କାମ ଦେଉଥିବା ଓ ଭବିଷ୍ୟତରେ ଆହୁରି ହ୍ରାସ ହୋଇପାରେ ବୋଲି କୁହାଯାଇଛି। ତେବେ ଯାହା ସବୁଠୁ ଚିନ୍ତାର ବିଷୟ, ତାହା ହେଉଛି ଗତ ୧୫ ମାସରୁ ଉର୍ଦ୍ଧ୍ୱ କାଳ ହେଲା ଏହା ଦୁଇ ସଂଖ୍ୟାରେ ରହିଛି। ସୂଚନା ମୁତାବକ ଜୁନ ୨୦୨୨ରେ ଖାଦ୍ୟପଦାର୍ଥର ପାଇକାରୀ ମୁଦ୍ରାସ୍ଫିତି ମେ ମାସର ୧୦.୮୯ ପ୍ରତିଶତରୁ ବଢି ୧୨.୪୧ ପ୍ରତିଶତକୁ ପହଞ୍ଚିଯାଇଛି। ଏଥିରେ ପ୍ରାଇମେରି ଆର୍ଟିକ୍ଲର ହୋଲସେଲ ପ୍ରାଇସ୍ ଇଣ୍ଡେକ୍ସ (ଡବ୍ଲୁପିଆଇ) ୧୯.୭୧ ପ୍ରତିଶତରୁ ହ୍ରାସ ହୋଇ ୧୯.୨୨ ପ୍ରତିଶତକୁ ପହଞ୍ଚିଛି। ସେହିପରି ଏହି ସମୟରେ ଫ୍ୟୁଲ ଓ ପାୱାର ଡବ୍ଲୁପିଆଇ ୪୦.୬୨ ପ୍ରତିଶତରୁ ହ୍ରାସ ହୋଇ ୪୦.୩୮ ପ୍ରତିଶତକୁ ପହଞ୍ଚିଛି। ସେହିପରି ରେଡିମେଡ୍ ପ୍ରଡକ୍ଟସର ଡବ୍ଲୁପିଆଇ ୧୦.୧୧ ପ୍ରତିଶତରୁ ହ୍ରାସ ହୋଇ ୯.୧୯ ପ୍ରତିଶତ ହୋଇଛି। ତେବେ ଜୁନ ୨୦୨୨ରେ ପନିପରିବା ପାଇକାରୀ ମୁଦ୍ରାସ୍ଫିତି ମେ ମାସର ୫୬.୩୬ ପ୍ରତିଶତରୁ ବଢି ୫୬.୭୫ ପ୍ରତିଶତକୁ ପହଞ୍ଚିଯାଇଛି। ତେବେ ଅଣ୍ଡା ଓ ମାଂସର ଡବ୍ଲୁପିଆଇ ୭.୭୮ ପ୍ରତିଶତରୁ ହ୍ରାସ ହୋଇ ୭.୨୪ ପ୍ରତିଶତ ରହିଛି। ଏହି ସମୟରେ ପିଆଜର ହୋଲସେଲ ପ୍ରାଇସ୍ ଇଣ୍ଡକ୍ସ ବିଯୁକ୍ତ ୨୦.୪୦ ପ୍ରତିଶତରୁ ହ୍ରାସ ହୋଇ ବିଯୁକ୍ତ ୩୧.୫୪ ପ୍ରତିଶତକୁ ପହଞ୍ଚିଛି। ତେବେ ଆଳୁ ୨୪.୮୩ ପ୍ରତିଶତରୁ ବଢି ୩୯.୩୮ ପ୍ରତିଶତ ରହିଛି।

**ରାମ ସେତୁକୁ ଜାତୀୟ ଐତିହ୍ୟ ମାନ୍ୟତା ଦେବାକୁ ସୁବ୍ରମଣ୍ୟମ ସ୍ୱାମୀଙ୍କ ଆବେଦନ**

# ୨୬ରେ ସୁପ୍ରିମ୍‌କୋର୍ଟଙ୍କ ଶୁଣାଣି



**ନୂଆଦିଲ୍ଲୀ :** ରାମ ସେତୁକୁ ଜାତୀୟ ଐତିହ୍ୟ ମାନ୍ୟତା ଦେବା ନେଇ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି ବିଜେପି ନେତା ଡ. ସୁବ୍ରମଣ୍ୟମ ସ୍ୱାମୀ। କୋର୍ଟ ମଧ ଏହି ଆବେଦନକୁ ସ୍ୱୀକାର କରି ଶୁଣାଣି କରିବାକୁ ରାଜି ହୋଇଛନ୍ତି। ଜୁଲାଇ ୨୬ ତାରିଖରେ ଆବେଦନର ଶୁଣାଣି ହେବ ବୋଲି ତାରିଖ ଧାର୍ଯ୍ୟ ହୋଇଛି। ମାମଲା ଆବେଦନ ହେବା ପରେ ଶୁଣାଣି କରିବାକୁ ମୁଖ୍ୟ ବିଚାରପତି ଏନ୍.ଭି ରମଣାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ରମଣା ପ୍ରଥମେ କହିଲେ ଯେ ଏହି ମାମଲାକୁ ଆମେ ଦେଖିବୁ। ଆମକୁ ଗୋଟେ ସପ୍ତାହ ସମୟ ଦିଅ। ହେଲେ ପରେ ଜୁଲାଇ ୨୬ ତାରିଖରେ ମାମଲା ଶୁଣାଣି ହେବ ବୋଲି କହିଥିଲେ। ମାମଲାର ଶୁଣାଣି ପାଇଁ ଅନେକ ଥର କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ସୁବ୍ରମଣ୍ୟମ ସ୍ୱାମୀ। ଚଳିତ ବର୍ଷ ଫେବ୍ରୁଆରୀରେ ମଧ ମାମଲାରେ ଶୁଣାଣି କରିବାକୁ ସେ କୋର୍ଟରେ ଆବେଦନ କରିଥିଲେ। ଏନେଇ କେନ୍ଦ୍ର ସରକାର ମଧ ସତ୍ୟାପଠ ଦାଖଲ କରିଥିବା କୋର୍ଟକୁ ଜଣାଇଥିଲେ ସ୍ୱାମୀ। ୨୦୨୧ ଏପ୍ରିଲ ମାସରେ ସେତେବେଳର ମୁଖ୍ୟ ବିଚାରପତି ବୋବଡ୍ଙ୍କୁ ମାମଲାର ଶୁଣାଣି ପାଇଁ ଆବେଦନ କରିଥିଲେ। ହେଲେ ସେତେବେଳେ ଏହି ମାମଲାକୁ ପରବର୍ତ୍ତୀ ସିଜେଆଇ ଶୁଣାଣି କରିବେ ବୋଲି ବୋବଡ଼େ କହିଥିଲେ। କାରଣ ସେ ସେହି ଏପ୍ରିଲ ମାସରେ ଅବସର ନେବାର ଥିଲା। ଏକ ପ୍ରକାରର ପଥରରେ ଏହି ସେତୁ ନିର୍ମାଣ ହୋଇଛି। ତାମିଲନାଡୁର ଦକ୍ଷିଣପୂର୍ବ ଉପକୂଳରେ ଥିବା ରାମେଶ୍ୱରମ ଦ୍ୱୀପ ଏବଂ ଶ୍ରୀଲଙ୍କାର ଉତ୍ତର-ପଶ୍ଚିମ ଉପକୂଳରେ ଥିବା ମନାର ଦ୍ୱୀପକୁ ଏହି ସେତୁ ଯୋଡୁଛି। ହିନ୍ଦୁ ପୁରଣା ରାମାୟଣ ଅନୁସାରେ ଭଗବାନ ଶ୍ରୀ ରାମ ତାଙ୍କର ବାନର ସେନା ଦ୍ୱାରା ଏହି ସେତୁ ନିର୍ମାଣ କରାଇଥିଲେ। ତେଣୁ ଏହାର ଐତିହାସିକ ଗୁରୁତ୍ୱ ରହିଛି।

## ଦେଶରେ ଅବିବାହିତ ଯୁବବର୍ଗଙ୍କ ସଂଖ୍ୟାରେ ବୃଦ୍ଧି : ସର୍ଭେ



**ନୂଆଦିଲ୍ଲୀ :** ଦେଶରେ ଗତ କିଛି ବର୍ଷରେ ଅବିବାହିତ ଯୁବକଙ୍କ ସଂଖ୍ୟା ବଢିବାରେ ଲାଗିଛି। ସରକାରଙ୍କ ପକ୍ଷରୁ କରାଯାଇଥିବା ଏକ ସର୍ଭେରେ ଏହି କଥା ସାମନାକୁ ଆସିଛି। ସର୍ଭେର ପରିସଂଖ୍ୟାନ ଅନୁସାରେ ଦେଶରେ ୧୫-୨୯ ବର୍ଷର ବୟସର ଅବିବାହିତଙ୍କ ଅନୁପାତ ୨୦୧୯ରେ ବଢି ୨୩ ପ୍ରତିଶତ ହୋଇଛି। ୨୦୧୧ରେ ଏହା ୧୭.୨ ପ୍ରତିଶତ ଥିଲା। ରାଷ୍ଟ୍ରୀୟ ଯୁବ ନୀତି-୨୦୧୪ ଅନୁସାରେ ଦେଶରେ ୧୫ରୁ ୨୯ ବର୍ଷ ବୟସକୁ ଯୁବ ବର୍ଗରେ ସାମିଲ କରାଯାଇଛି। କେନ୍ଦ୍ରର ସଦ୍ୟ ରିପୋର୍ଟ ଅନୁସାରେ, ଦେଶରେ ବିବାହ କରି ନଥିବା ପୁରୁଷଙ୍କ ସଂଖ୍ୟା ୨୦୧୧ରେ ୨୦.୮ ପ୍ରତିଶତ ଥିଲ। ୨୦୧୯ରେ ଏହା ୨୬.୧ ପ୍ରତିଶତ ହୋଇଛି। ସର୍ଭେ ଅନୁସାରେ, ଏହି ଅବଧିରେ ବିବାହ କରିନଥିବା ମହିଳାଙ୍କ ଅନୁପାତ ମଧ୍ୟ ବୃଦ୍ଧି ପାଇଛି। ସର୍ଭେ ଅନୁସାରେ, ଅବିବାହିତ ମହିଳାଙ୍କ ଅନୁପାତ ୨୦୧୧ରେ ୧୩.୫ ପ୍ରତିଶତ ଥିଲା, ଯାହା ୨୦୧୯ରେ ବୃଦ୍ଧି ପାଇ ୧୯.୯ ପ୍ରତିଶତ ହୋଇଛି। ସର୍ଭେ ଅନୁସାରେ ଦେଶରେ ୨୦୧୯ରେ ଜାମ୍ମୁ କାଶ୍ମୀରରେ ଏପରି ଯୁବବର୍ଗଙ୍କ ସଂଖ୍ୟା ସବୁଠୁ ଅଧିକ ଥିଲା। ଏହାପରେ ଉତ୍ତର ପ୍ରଦେଶ, ଦିଲ୍ଲୀ ଏବଂ ପଞ୍ଜାବ ଥିଲା। ସର୍ଭେ ଅନୁସାରେ ଦେଶରେ ଯୁବବର୍ଗଙ୍କ ସଂଖ୍ୟା ବର୍ତ୍ତମାନ ସମୟରେ ବୃଦ୍ଧି ପାଇବାର ଆଶା ରହିଛି, କିନ୍ତୁ ୨୦୩୬ ପରେ ଏଥିରେ ହ୍ରାସ ଘଟିପାରେ। ଦେଶରେ ୧୯୯୧ରେ ମୋଟ ଯୁବବର୍ଗ ସଂଖ୍ୟା ୨୨.୨୭ କୋଟି ଥିଲା ଯାହା ୨୦୧୧ରେ ବଢି ୩୩.୩୪ କୋଟି ହୋଇଥିଲା। ୨୦୨୧ ସୁଦ୍ଧା ୩୭.୧୪ କୋଟିରେ ପହଞ୍ଚିବାର ଅନୁମାନ ଥିଲା ଏବଂ ଏହାପରେ ୨୦୩୬ରେ ଏହା ହ୍ରାସ ହୋଇ ୩୪.୫୫ କୋଟି ହୋଇପାରେ।

# ୨୦୨୩ରେ ଭାରତ ଜନସଂଖ୍ୟା ଚୀନ୍‌କୁ ଟପିବ : ଜାତିସଂଘ ରିପୋର୍ଟ



**ନୂଆଦିଲ୍ଲୀ :** ବିଶ୍ୱରେ ଚୀନ ଓ ଭାରତ ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ। ତେବେ ବର୍ତ୍ତମାନ ଏହି ଶ୍ରେଣୀରେ ଚୀନ ଭାରତ ଠାରୁ ଆଗରେ ରହିଛି। ଚୀନର ମୋଟ ଜନସଂଖ୍ୟା ଭାରତର ମୋଟ ଜନସଂଖ୍ୟା ଠାରୁ ଅଧିକ ରହିଛି। ହେଲେ ଏବେ ଯେଉଁ ସୂଚନା ମିଳିଲାଣି ତାହା ଭାରତବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କାରଣ ଆସନ୍ତା ବର୍ଷ ଭାରତର ଜନସଂଖ୍ୟା ଚୀନକୁ ଟପିଯିବ ଓ ଭାରତ ନମ୍ବର ୱାନ୍ ଜନବହୁଳ ରାଷ୍ଟ୍ର ହେଇଯିବ ବୋଲି ଜାତିସଂଘ ରିପୋର୍ଟ ପ୍ରକାଶ କରିଛି। ଆଜି ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ଜାତିସଂଘ ପକ୍ଷରୁ ବିଶ୍ୱ ଜନସଂଖ୍ୟାର ଏକ ରିପୋର୍ଟ ପ୍ରକାଶ ପାଇଛି। ଯେଉଁଥିରେ କୁହାଯାଇଛି ଯେ ବିଶ୍ୱର ମୋଟ ଜନସଂଖ୍ୟାରେ କେବଳ ଏସିଆ ମହାଦେଶରେ ୬୧ ପ୍ରତିଶତ ଲୋକବାସବାସ କରୁଛନ୍ତି। ସେଥିମଧ୍ୟରୁ ଚୀନ ଓ ଭାରତର ଜନସଂଖ୍ୟା ସର୍ବାଧିକ ରହିଛି। ଜନସଂଖ୍ୟାରେ ବର୍ତ୍ତମାନ ଚୀନ ଶୀର୍ଷରେ ଥିବା ବେଳେ ଆସନ୍ତା ବର୍ଷ ଭାରତ ଚୀନକୁ ଟପିଯିବ ବୋଲି ରିପୋର୍ଟରେ କୁହାଯାଇଛି। ଜାତିସଂଘ ସୋମବାର ଜାରି କରିଥିବା ରିପୋର୍ଟ ଅନୁସାରେ, ବର୍ଷ ୨୦୨୨ ମଧ୍ୟଭାଗ ବେଳକୁ ପୃଥିବୀର ଜନସଂଖ୍ୟା ୮ ଅରବ ହୋଇପାରେ। ମହାଦେଶଗୁଡ଼ିକର ଜନସଂଖ୍ୟାକୁ ଦେଖିଲେ ଏସିଆ ମହାଦେଶ ସବୁଠାରୁ ଆଗରେ ରହିଛି। ଏସିଆରେ ୪.୭ ଅରବ ଲୋକବସବାସ କରୁଛନ୍ତି। ଅର୍ଥାତ ସାରା ବିଶ୍ୱର ଜନସଂଖ୍ୟାରେ ଏକୁଟିଆ ଏସିଆ ମହାଦେଶର ଜନସଂଖ୍ୟା ୬୧% ପ୍ରତିଶତ ରହିଛି। ଏହା ପଛକୁ ରହିଛି ଆଫ୍ରିକା ମହାଦେଶ। ଆଫ୍ରିକାରେ ୧.୩ ଅରବ ଲୋକ ଅର୍ଥାତ୍ ୧୭ ପ୍ରତିଶତ ଲୋକ ବସବାସ କରୁଛନ୍ତି। ଏହା ବାଦ ୟୁରୋପର ଜନସଂଖ୍ୟା ୭୫ କୋଟି(୧୦ ପ୍ରତିଶତ), ଲେଟିନ ଆମେରିକା ଓ କେରିବିଆନ ଦେଶଗୁଡ଼ିକରେ ୬୫ କୋଟି(୮ ପ୍ରତିଶତ), ଉତ୍ତରଆମେରିକା ୩୭ କୋଟି ଓ ଓସେନିଆରେ ୪.୩ କୋଟି ଲୋକ ରହୁଛନ୍ତି। ବିଶ୍ୱଜନସଂଖ୍ୟା ପ୍ରୋସ୍ପେକ୍ଟସ ୨୦୧୯ ଅନୁସାରେ, ବର୍ତ୍ତମାନ ୧.୪୪ ଅରବ ଜନସଂଖ୍ୟା ସହ ଚୀନ ବିଶ୍ୱରେ ଏକ ନମ୍ବର ସ୍ଥାନରେ ରହିଛି। ସେହିପରି ୧.୩୯ ଅରବ ଜନସଂଖ୍ୟା ସହ ଭାରତ ଦ୍ୱିତୀୟରେ ରହିଛି। ବିଶ୍ୱର ମୋଟ ଜନସଂଖ୍ୟାରୁ ଚୀନରୁ ୧୯ ପ୍ରତିଶତ ଓ ଭାରତରୁ ୧୮ ପ୍ରତିଶତ ଲୋକ ରହିଛନ୍ତି। ରିପୋର୍ଟ ଅନୁସାରେ, ୨୦୨୩ ପର୍ଯ୍ୟନ୍ତ ଭାରତର ଜନସଂଖ୍ୟା ଚୀନକୁ ଟପିଯିବ। ସେହିପରି ଚୀନରେ ୨୦୧୯ରୁ ୨୦୫୦ ପର୍ଯ୍ୟନ୍ତ ଲୋକସଂଖ୍ୟା ୩.୧୪ କୋଟି ଅର୍ଥାତ୍ ୨.୨ ପ୍ରତିଶତ କମିଯିବ।



## ଓଡ଼ିଶାରେ କୋଟିଏ ଗାଡ଼ି

# ୩ ବର୍ଷ ହେଲା କମୁଛି ଗାଡ଼ି କିଣା

**ଭୁବନେଶ୍ୱର :** ରାଜ୍ୟରେ ସାଢ଼େ ୪ କୋଟି ଲୋକ ଥିବାବେଳେ ଏବେସୁଦ୍ଧା ବିଭିନ୍ନ ବର୍ଗର ପ୍ରାୟ ଏକ କୋଟି ଯାନବାହନ ପଞ୍ଜିକୃତ ହୋଇଛି। ତେବେ ଗତ ୩ ବର୍ଷ ଧରି କ୍ରମାଗତ ଭାବେ ରାଜ୍ୟରେ ଗାଡ଼ି ପଞ୍ଜିକରଣ ପରିମାଣ ହ୍ରାସ ପାଇବାରେ ଲାଗିଥିବା ରାଜ୍ୟ ସରକାର ସୂଚନା ଦେଇଛନ୍ତି। ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ରାଜ୍ୟରେ ଅଦ୍ୟାବଧି ପଞ୍ଜିକୃତ ହୋଇଥିବା ବିଭିନ୍ନ ପ୍ରକାର ଯାନବାହନର ସଂଖ୍ୟା ୧କୋଟି ୨୯ହଜାର ୭୨୦ । ଗତ ୨୦୧୭ ମସିହାରେ ୭ଲକ୍ଷ ୭୮ହଜାର ଗାଡ଼ି ପଞ୍ଜିକୃତ ହୋଇଥିବାବେଳେ



୨୦୨୧ରେ ଏହା ୫ଲକ୍ଷ ୩୬ହଜାର ୫୫୫କୁ ହ୍ରାସ ପାଇଛି। ୨୦୧୮ରେ ୮ଲକ୍ଷ ୫୮ହଜାର ୯୯୩ଟି ଗାଡ଼ି ପଞ୍ଜିକୃତ ହୋଇଥିବାବେଳେ ୨୦୧୯, ୨୦୨୦ ଓ ୨୦୨୧ରେ ୩.୮୮ରୁ ୨୭.୧୭% କମ୍ ଗାଡ଼ି ପଞ୍ଜିକୃତ ହୋଇଛି। ୨୦୧୯ରେ ୮ଲକ୍ଷ ୨୫ହଜାର ୬୩୧ଟି ଗାଡ଼ି, ୨୦୨୦ରେ ୬ଲକ୍ଷ ୧ହଜାର ୨୯୮ଟି ଗାଡ଼ି, ୨୦୨୧ରେ ୫ଲକ୍ଷ ୩୬ହଜାର ୫୫୫ଟି ବିଭିନ୍ନ ପ୍ରକାରର ଯାନବାହନ ପଞ୍ଜିକୃତ ହୋଇଛି। ସେହିପରି ରାଜ୍ୟ ସଡ଼କ ପରିବହନ ନିଗମ ଅଧୀନରେ ଏବେ ମୋଟ ୩୮୧ଟି ଗାଡ଼ି ଚାଲୁଥିବାବେଳେ ନିକଟ ଭବିଷ୍ୟତରେ ଆଉ ୨୦୦ଟି ନୂଆ ବସ୍ କିଣିବା ପାଇଁ ନିଗମ ଯୋଜନା କରିଛି। ତେବେ ନିଗମ ୨୦୧୯-୨୦ ଓ ୨୦୨୦-୨୧ରେ ପ୍ରାୟ ୧୯.୬୦କୋଟି ଟଙ୍କା କ୍ଷତି ସହିଛି। ଅବଶ୍ୟ ୨୦୨୧-୨୨ରେ ପ୍ରାୟ ୧.୫୧କୋଟି ଟଙ୍କା ଲାଭ କରିବ ବୋଲି ନିଗମ ଆକଳନ କରିଥିବା ମନ୍ତ୍ରୀ ଶ୍ରୀମତୀ ସାହୁ ସୂଚନା ଦେଇଛନ୍ତି।

# ୨ଟି ପର୍ଯ୍ୟାୟରେ ୬ ଲକ୍ଷ ପରିବାର ପାଇନାହାନ୍ତି କୋଭିଡ୍ ସହାୟତା

**ଭୁବନେଶ୍ୱର :** କରୋନା ସମୟରେ ଜୀବନଜୀବିକା ପ୍ରଭାବିତ ହେଇଥିବାରୁ ଗରିବ ରାସନକାର୍ଡଧାରୀଙ୍କୁ ଓଡ଼ିଶା ସରକାର ଦୁଇଟି ପର୍ଯ୍ୟାୟରେ ହଜାରେ ଟଙ୍କା ଲେଖାଏଁ ସହାୟତା ଦେଇଥିଲେ। ଏହି ସହାୟତାକୁ ରାସନ କାର୍ଡଧାରୀମାନେ ନିଜର ମାସିକ ରାସନ୍ ସାମଗ୍ରୀ ସହ ନଗଦ ଆକାରରେ ନିଜ ଅଂଚଳର କଂଟ୍ରୋଲ ଡିଲର ମାଧ୍ୟମରେ ପାଇଥିଲେ। କିନ୍ତୁ ପ୍ରଥମ ପର୍ଯ୍ୟାୟରେ ୨.୦୯ଲକ୍ଷ ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୩.୬୪ଲକ୍ଷ ପରିବାର ଏହି ସହାୟତା ପାଇବାରୁ ବଞ୍ଚିତ ଅଛନ୍ତି। କେଉଁ ପରିସ୍ଥିତିରେ ସମ୍ପୃକ୍ତ ପରିବାରଗୁଡ଼ିକୁ କୋଭିଡ୍ ସହାୟତା ଦିଆଗଲାନି ତାହା ଏବେବି ଅସ୍ପଷ୍ଟ। ବିଧାନସଭାରେ ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କହିଛନ୍ତି ଯେ, ରାଜ୍ୟରେ ୨୦୧୯-୨୦ ଆର୍ଥିକ ବର୍ଷରେ ମୋଟ ରାସନ କାର୍ଡଧାରୀ ପରିବାର



୯୫ଲକ୍ଷ ୫୧ହଜାର ୬୯୪ ଥିଲା। ଏବେ ତାହା ୯୫ଲକ୍ଷ ୮୫ହଜାର ୭୬୬ ଅଛି। ଏହି ରାସନକାର୍ଡଧାରୀ ପରିବାର ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୩ଲକ୍ଷ ୪୨ହଜାର ୪୪ଟି ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୯୨ଲକ୍ଷ ୨୧ହଜାର ୨୭୧ଟି ପରିବାରକୁ କୋଭିଡ୍ ସହାୟତା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୨ଲକ୍ଷ ୯ହଜାର ୬୫୦ଟି ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୩ଲକ୍ଷ ୬୪ହଜାର ୪୯୫ଟି ପରିବାର ନିଜର ମାସିକ ଆବଂଟିତ ଖାଦ୍ୟଶସ୍ୟ ଉଠାଇନାହାନ୍ତି କିମ୍ବା ଏହି ସହାୟତା ନେଇନାହାନ୍ତି। ଗଞ୍ଜାମରେ ସର୍ବାଧିକ ପ୍ରଥମ ପର୍ଯ୍ୟାୟରେ ୩୨୩୦୪ଟି ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୨.୦୭ ଲକ୍ଷ ପରିବାର, ନୟାଗଡ଼ରେ ୭୪,୧୫୮ଟି ପରିବାର, ଖୋର୍ଦ୍ଧାରେ ୧୭୪୪୯ଟି ପରିବାର ଓ ପୁରୀରେ ୯୯୮୧ଟି ପରିବାର ସେମାନଙ୍କର ଖାଦ୍ୟଶସ୍ୟ ସହ ସହାୟତା ରାଶି ନେଇ ନଥିବା ଜଣାପଡ଼ିଛି। ଏତେ ସଂଖ୍ୟକ ପରିବାର ନିଜର ମାସିକ ରାସନ ସାମଗ୍ରୀ ଓ ସରକାରଙ୍କ କୋଭିଡ୍ ସହାୟତା ନେଇନଥିଲେ ମଧ୍ୟ କେଉଁ କାରଣରୁ ସେମାନେ ଏଥିରୁ ବଞ୍ଚିତ ହୋଇଛନ୍ତି ସେ ନେଇ ସରକାରୀସ୍ତରରେ ଖୋଳତାଡ଼ କିମ୍ବା ସେମାନଙ୍କ ପାଖରେ ଏହି ସହାୟତା ପହଞ୍ଚାଇବା ଦିଗରେ ସରକାର ଆନ୍ତରିକତା ଦେଖାଇନଥିବା ସ୍ପଷ୍ଟ ହୋଇଛି। ନଚେତ୍ ଏତେ ସଂଖ୍ୟକ ପରିବାର କୋଭିଡ୍ ସହାୟତାରୁ ବଂଚିତ ହୋଇନଥାନ୍ତେ ବୋଲି ସାଧାରଣରେ ଚର୍ଚ୍ଚା।

# ବିପଦ ଟଳିନି, ମାସ୍କ ପିନ୍ଧନ୍ତୁ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟରେ କ୍ରମାଗତ ଭାବେ କୋଭିଡ୍ ସଂକ୍ରମଣ ମାମଲା ବୃଦ୍ଧି ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାସ୍କ ପିନ୍ଧିବା ସହ ସଚେତନ ରହିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ କୋଭିଡ୍ ସଂକ୍ରମଣ ମାମଲା ବୃଦ୍ଧି ପାଉଥିବା ଦେଖି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଟ୍ୱିଟ୍ ମାଧ୍ୟମରେ ଲୋକଙ୍କୁ କରୋନା ମହାମାରୀ ପ୍ରତି ସଚେତନ ରହିବା ପାଇଁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, କୋଭିଡ୍ ମହାମାରୀର ବିପଦ ଏପର୍ଯ୍ୟନ୍ତ



ଟଳି ନାହିଁ। ଏହାର ସଂକ୍ରମଣରୁ ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ପାଇଁ ମାସ୍କ ନିଶ୍ଚୟ ପିନ୍ଧନ୍ତୁ। ସଚେତନ ହୁଅନ୍ତୁ ଓ ସୁରକ୍ଷିତ ରୁହନ୍ତୁ ବୋଲି କହିଛନ୍ତି। ସେହିପରି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି ଯେ, ରଥଯାତ୍ରା ଶେଷ ହୋଇଛି। ଓଡ଼ିଶାରେ କୋଭିଡ୍ ସଂକ୍ରମଣ ମାମଲା ଅଧିକ ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ତେବେ ଅତୀତରେ ଯେଉଳି ଦ୍ରୁତ ଗତିରେ ସଂକ୍ରମଣ ବଢ଼ୁଥିଲା, ଏଥର ସେଭଳି ହେବ ନାହିଁ। ତେବେ ଅଗଷ୍ଟ ମଧ୍ୟଭାଗ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ ଓ ତା'ପରେ କରୋନା ମହାମାରୀ ସ୍ଥିତିରେ ସୁଧାର ଆସିବ ବୋଲି ସେ କହିଛନ୍ତି। ଅନ୍ୟପଟେ ରାଜ୍ୟରେ ସଂକ୍ରମଣ ଏବେ ଧୀର ଗତିରେ ବଢ଼ୁଥିବା ବେଳେ ଉପରମୁହାଁ ରହିଛି ଗ୍ରାଫ। ପ୍ରଥମ, ଦ୍ୱିତୀୟ ଲହର ପରି ଏହା କ୍ଷିପ୍ର ବେଗରେ ଆଗକୁ ବଢ଼ିବନି। ସମାନ୍ତରାଳ ସ୍ଥିତିକୁ ଆସିବା ପରେ ହିଁ ଖସିବ। ଅଗଷ୍ଟ ଦ୍ୱିତୀୟ ସପ୍ତାହ ସୁଦ୍ଧା ଓଡ଼ିଶା ଭଲ ସ୍ଥିତିକୁ ଆସିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର।

## ଗୋଟିଏ ରାଷ୍ଟ୍ର ଗୋଟିଏ ରାସନ କାର୍ଡ

# ଓଡ଼ିଶାରେ ୧.୧୦ଲକ୍ଷ ପରିବାର ଉପକୃତ

**ଭୁବନେଶ୍ୱର :** କେନ୍ଦ୍ର ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା 'ୱାନ ନେସନ ୱାନ ରାସନ କାର୍ଡ' ଯୋଗୁ ଓଡ଼ିଶାରେ ମୋଟ ୧.୧୦ଲକ୍ଷ ପରିବାର ଉପକୃତ ହୋଇଛନ୍ତି। ଏହି ଯୋଜନାରେ ଅଧିକ ସଂଖ୍ୟକ ହିତାଧିକାରୀଙ୍କୁ ସୁବିଧା ପ୍ରଦାନ ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ବିଧାନସଭାରେ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲିଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଖାଦ୍ୟଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ, ୨୦୨୧ ଜୁଲାଇ ୨୯ତାରିଖ ଠାରୁ ଏହି ଯୋଜନା ଓଡ଼ିଶାରେ ଲାଗୁ ହୋଇଛି। ଏହି ଯୋଜନା ମାଧ୍ୟମରେ ରାଜ୍ୟର ୧୦୫୭୮ଟି ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ୧.୧୦ଲକ୍ଷ ପରିବାର ଉପକୃତ ହୋଇଛନ୍ତି। ସେହିପରି ୫୩୩ଜଣ ଅନ୍ତଃରାଜ୍ୟ ହିତାଧିକାରୀମାନେ ଏହି ଯୋଜନାରେ ଉପକୃତ ହେଉଥିବାବେଳେ ଖାଦ୍ୟ ସୁରକ୍ଷା ଯୋଜନାରେ



ସାମିଲ ସମସ୍ତ ହିତାଧିକାରୀଙ୍କୁ ୱାନ ନେସନ, ୱାନ କାର୍ଡ ଯୋଜନାର ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସୂଚନାଯୋଗ୍ୟ, ଓଡ଼ିଶାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ଅନ୍ତର୍ଗତ ମୋଟ ୯୩,୧୩,୪୪୮ଟି ପରିବାରକୁ ରାସନକାର୍ଡ ମିଳିଛି ଓ ୩କୋଟି ୩୩ଲକ୍ଷ ୨୭ହଜାର ୨୫୫ଜଣ ଉପକୃତ ହେଉଛନ୍ତି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨ଲକ୍ଷ ୬୧ହଜାର ୨୨୭ଟି ପରିବାରର ୮ଲକ୍ଷ ୮ହଜାର ୮୦୦ଟି ଜଣ ଯୋଗ୍ୟ ହିତାଧିକାରୀ ସାମିଲ ଅଛନ୍ତି।

# ଠିକାଦାରଙ୍କ ମନମାନୀ ଯୋଗୁଁ ଦୁର୍ଦ୍ଦଶା ଭୋଗିଲେ ଚାଷୀ

**ଅସ୍ତରଙ୍ଗ :** ଦୀର୍ଘ ଚାରିବର୍ଷ କାଳ ସୁନାମୀ ନଦୀବନ୍ଧ କାମ ସାରି ପାରିଲେ ନାହିଁ ଠିକାଦାର। ଯାହା ଫଳରେ ଆଜି ପୂର୍ଣ୍ଣିମା ତିଥିରେ ଲୁଣା ଜୁଆର ପାଣି ଦୁର୍ବଳ ନଦୀବନ୍ଧକୁ ଭାଙ୍ଗି ଚାଷ ଜମିରେ ପ୍ରବେଶ କରିଛି। ଆଉ ଶହ ଶହ ଏକର ଚାଷ ଜମିରେ ମାଡି ଯାଇଛି ଲୁଣାପାଣି। ସେହି ଚିନ୍ତାରେ ଘାରି ହେଉଛନ୍ତି ଅସ୍ତରଙ୍ଗ ଅଞ୍ଚଳର ଚାଷୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀର ଶାଖା ନଦୀ ଭଉଁରିଆ ନଈର ବନ୍ଧ ଭାଙ୍ଗି ଚାଷ ଜମିକୁ ଲୁଣାଜଳ ପ୍ରବେଶ କରୁଛି। କାକଟପୁର ଜଳସେଚନ ବିଭାଗ ଅଧୀନରେ ରହିଥିବା ଏହି ନଦୀର ସୁନାମୀ ନଦୀବନ୍ଧ ନିର୍ମାଣ କରିବା ପାଇଁ ଟେଣ୍ଡର ଜରିଆରେ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା କିନ୍ତୁ ଠିକାଦାର ଚାରି ବର୍ଷ ଭିତରେ ସୁନାମୀ ନଦୀବନ୍ଧର କାମ ସାରି ପାରିଲେ ନାହିଁ। ଆଉ ଏତିକି ବେଳକୁ ବାରମ୍ବାର ଲଘୁଚାପ ବର୍ଷା ଓ ପୂର୍ଣ୍ଣିମା ଜୁଆର ପାଣି ଦୁର୍ବଳ ବନ୍ଧରେ କେଁଠି ଘାଇ ସୃଷ୍ଟି କରିଛି ତ କେଉଁଠି ବନ୍ଧ ଡେଇଁଛି। ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଭଉଁରିଆ ନଦୀର ଉତ୍ତର ପାର୍ଶ୍ୱ ବନ୍ଧର ବେଗୁନିଆବସ୍ତ ଗାଁ ଠାରୁ ପୁଇଁଚାନ୍ଦିଆ ଗାଁ ପର୍ଯ୍ୟନ୍ତ ରହିଛି। ନଦୀବନ୍ଧର ପ୍ରାୟ ତିନିଟି ସ୍ଥାନରେ ଘାଇ ସୃଷ୍ଟି ହୋଇଥିବା ବେଳେ ଅନେକ ସ୍ଥାନରେ ବନ୍ଧ ବୁଡି ଲୁଣାଜଳ ଚାଷଜମି ଭିତରକୁ ପ୍ରବେଶ କରୁଛି। ତେବେ ଏ ଖବର ଜଳସେଚନ ବିଭାଗ ପାଖରେ ନଥିଲା। ବର୍ତ୍ତମାନ ଚାଷୀ ନିଜ ଚାଷଜମିରେ ତଳି ପକାଇବା ସହ ଅନେକ ଚାଷୀ ଧାନ ବୁଣି ସାରିଛନ୍ତି। ଆଉ



କେତେକ ଚାଷୀ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଛନ୍ତି। ଏବେ ଏହି ଲୁଣାପାଣି ପନିପରିବା ଚାଷ ଆଦିକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛି। ଗତ ଲଘୁଚାପ ବର୍ଷାରେ ଅସ୍ତରଙ୍ଗ ଅଞ୍ଚଳରେ ଧାନଫସଲ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଥିବା ବେଳେ ଚାଷୀମାନେ ଚଳିତ ଖରିଫ ଧାନଚାଷ କରି କିଛି ଅମଳ କରିବାର ଆଶା ରଖିଥିଲେ। ହେଲେ ଏବେ ସେମାନଙ୍କ ସବୁ ଆଶାରେ ଲୁଣିପାଣି ମାଡିଯାଇଛି। ଜଳସେଚନ ବିଭାଗର ବେଫିକର ନୀତି ଏବଂ ଠିକାଦାରର ମନମାନି ଯୋଗୁଁ ଶହ ଶହ ଚାଷୀ ସର୍ବସ୍ୱାନ୍ତ ହେବାକୁ ବସିଛନ୍ତି। ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ସହ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଆମ ପ୍ରତିନିଧି ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ଭକ୍ତ ବଲ୍ଲଭ ମହାନ୍ତିଙ୍କୁ ପଚାରିବାରୁ ସେ କୁହନ୍ତି ବିଭାଗୀୟ ତଦନ୍ତ କରାଯାଇ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୨୦୧୦ ପରଠୁ ନିଜସ୍ୱ ୩୧ଟି ନୂଆ ଯୋଜନା କଲେଣି ରାଜ୍ୟ ସରକାର




**ଭୁବନେଶ୍ୱର :** ରାଜ୍ୟରେ କ୍ଷମତାସୀନ ବିଜେଡି ସରକାର ୨୦୧୦ ମସିହା ପରଠୁ ୩୧ଟି ନିଜସ୍ୱ ନୂଆ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ୨୦୧୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ୨୦୧୭ ଓ ୨୦୧୮ ମସିହାରେ ସର୍ବାଧିକ ୧୬ଟି ଯୋଜନା ଆରମ୍ଭ କରିଛନ୍ତି। ବିଧାନସଭାରେ ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ କହିଛନ୍ତି ଯେ, ୨୦୧୦ରୁ ୨୦୨୨ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୩୧ଟି ନୂଆ ଯୋଜନା କାର୍ଯ୍ୟକାରୀ ହେଉଛି। ୨୦୧୯ ମସିହା ଓ ୨୦୨୨ ମସିହାର ଏବେସୁଦ୍ଧା ଗୋଟିଏ ବି ନୂଆ ଯୋଜନା ନଥିବାବେଳେ ୨୦୨୧ ମସିହାରେ ୩ଟି, ୨୦୨୦ରେ ୨ଟି ନୂଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ୨୦୧୪ ସାଧାରଣ ନିର୍ବାଚନ ବର୍ଷରେ ଗୋଟିଏ ବି ନୂଆ ଯୋଜନା କରିନଥିବା ବିଜେଡି ସରକାର ୨୦୧୦ରୁ ୨୦୧୪ ନିର୍ବାଚନ ପର୍ଯ୍ୟନ୍ତ ମାତ୍ର ୬ଟି ନୂଆ ଯୋଜନା ଆଣିଥିଲେ। ଅବଶ୍ୟ ଏବେ ଏହି ମୋଟ ୩୧ଟି ଯୋଜନାରୁ କିଛି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବାବେଳେ ଆଉ କିଛି ଯୋଜନାର ସର୍ତ୍ତାବଳୀ ପରିବର୍ତ୍ତନ ହୋଇଥିବା ଜଣାପଡ଼ିଛି।

# ଖଣି ପରିଚାଳନାରେ ଓଡ଼ିଶା ନଂ୧

**ଭୁବନେଶ୍ୱର,(ନି.ପ୍ର)):** ଖୁବଶୀଘ୍ର ଓଡ଼ିଶାର ୧୫ଟି ପ୍ରମୁଖ ଖଣି ଏବଂ ୧୬ଟି ଲଘୁ ଖଣିଜ ବ୍ଲକର ନିଲାମ ହେବ। ୨୦୨୧-୨୨ରେ ୪୯ ହଜାର ୫୩୦ କୋଟି ଟଙ୍କାର ଖଣି ରାଜସ୍ୱ ଆଦାୟ ହୋଇଛି। ଖଣି ପରିଚାଳନାରେ ଓଡିଶା ଏକ ନମ୍ବର ଭାବେ ରାଷ୍ଟ୍ରୀୟ ଖଣିଜ ବିକାଶ ପୁରସ୍କାର ପାଇବା ପରେ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। କେନ୍ଦ୍ର ସରକାର ୨୦୧୫ରେ ଖଣି ନୀତି ରେ ନୂଆ ସଂସ୍କାର ଆଣିବା ପରେ ଅଧିକ ଲାଭାନ୍ୱିତ ହୋଇଛି ଓଡିଶା। ଖଣି କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଆସିଛି। ବର୍ତ୍ତମାନ ସୁଦ୍ଧା ୨୨ଟିର ଅବଧି ଶେଷ ହୋଇଥିବା ବେଳେ ଖଣିଜ ଲିଜ ସମେତ ୩୭ ଖଣିଜ ବ୍ଲକର ନିଲାମ ପ୍ରକ୍ରିୟା ଶେଷ ହୋଇଛି। ୫-ଟି ପଦକ୍ଷେପ ଆଧାରରେ ଖଣିଜ ଉତ୍ତୋଳନ, ମ୍ୟାପିଂ ପାଇଁ ଆଇଆଏମ୍ଏସ୍ ବ୍ୟବସ୍ଥା କରାଯାଇଛି। ଆଗକୁ ଆଉ ୧୫ଟି ପ୍ରମୁଖ ଖଣି ଏବଂ ୧୬ଟି ଲଘୁ ଖଣିଜ ବ୍ଲକର ନିଲାମ କରାଯିବ। ଚଳିତ ବର୍ଷ ମୋଟ ଖଣିଜ ପଦାର୍ଥର ଉତ୍ପାଦନ ୧୦୭.୫୪୬ ମିଲିୟନ ଟନ୍ ହୋଇଛି। ପରିବହନ ହୋଇଛି ୧୦୦.୬୧୨ ମିଲିୟନ ଟନ। ଯାହାକି



ଦେଶରେ ଆବଶ୍ୟକ ହେଉଥିବା ଲୁହା ପଥରର ୫୦ ପ୍ରତିଶତ କେବଳ ଓଡିଶା ପୂରଣ କରୁଛି। ୨୦୨୦-୨୧ରେ ୧୩ ହଜାର ୭୯୧ କୋଟି ଟଙ୍କାର ଖଣି ରାଜସ୍ୱ ମିଳିଥିବା ବେଳେ ୨୧-୨୨ରେ ୪୯ ହଜାର ୫୩୦ କୋଟି ଟଙ୍କାର ଖଣି ରାଜସ୍ୱ ଆସିଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୧୧ ହଜାର ୮୮୭ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରାଯାଇଛି। ଯାହାକି ବିଗତ ବର୍ଷ ତୁଳନାରେ ୨୧.୭୮ ପ୍ରତିଶତ ଅଧିକ।

## ଜରାଜୀର୍ଣ୍ଣ ଅବସ୍ଥାରେ ପିପିଲି ହସ୍ତଶିଳ୍ପ ଗ୍ରାମ

# କାମରେ ଲାଗୁନି ୮କୋଟି ଟଙ୍କାର ପ୍ରକଳ୍ପ

**ପିପିଲି :** ପିପିଲି ପୌରାଞ୍ଚଳ ଉପକଣ୍ଠ ଜାତୀୟ ରାଜପଥ କଡରେ ୮କୋଟି ଟଙ୍କା ବ୍ୟୟରେ ନିର୍ମିତ ପିପିଲି ହସ୍ତଶିଳ୍ପ ଗ୍ରାମ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରିନାହିଁ। ୬ବର୍ଷ ତଳୁ ଏହାର ନିର୍ମାଣ ସରିଥିଲେ ମଧ୍ୟ ଏହାକୁ ଉଦ୍ଘାଟନ କରାଯାଇନାହିଁ। ଫଳରେ ପିପିଲିର ଚାନ୍ଦୁଆ ଶିଳ୍ପୀ, ବ୍ୟବସାୟୀ ଓ କାରିଗରଙ୍କ ସ୍ୱପ୍ନ କେବେ ବାସ୍ତବ ରୂପ ନେବ ତାହା ଏବେ ସନ୍ଦିହାନ। ପିପିଲିର ଦିବଂଗତ ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ଉଦ୍ୟମ କ୍ରମେ ପର୍ଯ୍ୟଟନ ବିଭାଗ ପକ୍ଷରୁ ରୁରାଲ ଟୁରିଜିମ୍ ପ୍ରୋଜେକ୍ଟରେ ପିପିଲି ବଜାର ଉପକଣ୍ଠ ଜାତୀୟ ରାଜପଥ କଡରେ ଚାନ୍ଦୁଆ ହସ୍ତଶିଳ୍ପ ଗ୍ରାମ ନିର୍ମାଣ କରାଯାଇଥିଲା। ୨୦୦୭ ମସିହା ଜୁଲାଇ ୧ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ପାଇଁ ଇତିମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ୮କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିବା ସୂଚନା ମିଳିଛି। ୨୦୧୬ ମସିହାରୁ ଏହାର ନିର୍ମାଣ ସଂପୂର୍ଣ୍ଣ ହୋଇଛି। ତେବେ ଇତି ମଧ୍ୟରେ ୬ବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ଏହାକୁ ଉଦ୍ଘାଟନ କରାଯାଇନାହିଁ। ଏହି ହସ୍ତଶିଳ୍ପ ଗ୍ରାମରେ ୩୦ଟି ଅତ୍ୟାଧୁନିକ ଦୋକାନ ଗୃହ ଥିବା ବେଳେ ପ୍ରଶାସନିକ ଭବନ, ସୂଚନାକେନ୍ଦ୍ର ଆଦି ରହିଛି। ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କୁ ପିପିଲି ଚାନ୍ଦୁଆ ପ୍ରତି ଆକର୍ଷିତ କରିବା ପାଇଁ ସେଠାରେ ଚାନ୍ଦୁଆ ତିଆରି ସହ ବିକ୍ରୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ଯୋଜନା ରହିଥିଲା। ପର୍ଯ୍ୟଟକଙ୍କ ପାଇଁ ବିସ୍ତୃତ ଅଞ୍ଚଳରେ ଗାଡି ପାର୍କିଂ ବ୍ୟବସ୍ଥା ସହ ଅତ୍ୟାଧୁନିକ ଶୌଚାଳୟ ଓ ଭୋଜନାଳୟର ବ୍ୟବସ୍ଥା ମଧ୍ୟ ସେଠାରେ କରାଯିବାକୁ ଯୋଜନା ରହିଥିଲା। ଏହି ହସ୍ତଶିଳ୍ପ ଗ୍ରାମ ଦ୍ୱାରା ବିଶ୍ୱ ପ୍ରସିଦ୍ଧ ପିପିଲି ଚାନ୍ଦୁଆର ଅଧିକ ପ୍ରଚାର ପ୍ରସାର ହେବା ସହ ଚାନ୍ଦୁଆ କାରିଗରଙ୍କ ଜୀବିକା ନିର୍ବାହରେ ଏହା ବେଶ୍



ସହାୟକ ହେବ ଓ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ଆଶା କରାଯାଉଥିଲା। ପର୍ଯ୍ୟଟନ କ୍ଷେତ୍ର ପୁରୀ ସହ ଏହି ହସ୍ତଶିଳ୍ପ ଗ୍ରାମକୁ ଯୋଡି ଅଧିକ ଆକର୍ଷଣୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ଯୋଜନା କରାଯାଇଥିଲା। ତେବେ ଅଦ୍ୟାବଧି ସେଠାରେ ଥିବା ଦୋକାନ ଗୃହ ଗୁଡିକୁ ଆବଣ୍ଟନ କରାଯାଇପାରିନାହିଁ। ପର୍ଯ୍ୟଟନ ବିଭାଗ ପକ୍ଷରୁ ୬ବର୍ଷ ତଳୁ ଏହି ଚାନ୍ଦୁଆ ହସ୍ତଶିଳ୍ପ ଗ୍ରାମର ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଅଦ୍ୟାବଧି ଏହା ଲୋକଙ୍କ ସେବାରେ ଲାଗିପାରିନାହିଁ। ଫଳରେ ଏହାକୁ ନେଇ ପିପିଲିର ଚାନ୍ଦୁଆ ଶିଳ୍ପୀ, ବ୍ୟବସାୟୀ ଓ କାରିଗରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରକ୍ଷଣାବେକ୍ଷଣ ଅଭାବରୁ ହସ୍ତଶିଳ୍ପ ଗ୍ରାମ ପରିସର ଏବେ ବଣବୁଦାରେ ପରିଣତ ହୋଇଥିବା ବେଳେ ସେଠାରେ ନିର୍ମିତ ଘର ଗୁଡିକ ନଷ୍ଟ ହେବାକୁ ବସିଲାଣି। ତେବେ, ଉଦ୍ଘାଟନ ଅପେକ୍ଷାରେ ଥିବା ଏହି ଚାନ୍ଦୁଆ ହସ୍ତଶିଳ୍ପ ଗ୍ରାମକୁ ପୁରୀ ଜିଲାପାଳ ସମର୍ଥ ବର୍ମା ଗତ ୨୦୨୧ ଅଗଷ୍ଟ ୨୭ ତାରିଖରେ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାକୁ କିପରି ଅତି ଶିଘ୍ର କାର୍ଯ୍ୟକ୍ଷମ କରାଯିବ ସେ ନେଇ ଉପସ୍ଥିତ ଅଧିକାରୀଙ୍କ ସହ ସେ ଆଲୋଚନା କରିଥିଲେ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସେଠାରେ କଣ କଣ ବ୍ୟବସ୍ଥା ରହିବ ସେ ନେଇ ଜିଲାପାଳ ଉପସ୍ଥିତ ଅଧିକାରୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଜିଲାପାଳଙ୍କ ଗସ୍ତ ପରେ ଏହି ହସ୍ତଶିଳ୍ପ ଗ୍ରାମ ଟି କାର୍ଯ୍ୟକ୍ଷମ ହେବା ନେଇ ପିପିଲିବାସୀ ବେଶ୍ ଆଶାବାଦୀ ହୋଇଥିଲେ। ତେବେ, ଇତିମଧ୍ୟରେ ୧୦ ମାସ ବିତି ଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ କରିବା ନେଇ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବା ସହ ସେଠାରେ ଥିବା ଦୋକାନ ଗୃହ ଗୁଡିକୁ ଚାନ୍ଦୁଆ ବ୍ୟବସାୟୀ ଓ କାରିଗରଙ୍କୁ ଆବଣ୍ଟନ କରିବା ପାଇଁ ଚାନ୍ଦୁଆ ବ୍ୟବସାୟୀଙ୍କ ମହଲରୁ ଦାବି ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୮ - ୨୪ ଜୁଲାଇ, ୨୦୨୨

# ଗୋଟିଏ ଦେଶ, ଗୋଟିଏ ନିୟମ

ସମ୍ପାଦକୀୟ
ତାରକ ମହାନ୍ତି



ସିଂହ କାହିଁକି ହସିଲାନି,ରୁଚିକାର ମା' କଲେଜ ସାମ୍ନାରେ ଝିଅର ଦଶାହ ପାଳିଲେ କାହିଁକି,ଏହା ହିଁ ଆଜି ଦେଶ ଓ ରାଜ୍ୟରେ ବଡ଼ ପ୍ରସଙ୍ଗ ହୋଇଛି। ଶ୍ରୀଲଙ୍କା ରାଷ୍ଟ୍ରପତି ଦେଶ ଛାଡି କାହିଁକି ଲୁଚି ପଳାଇଲେ ଏହାର କାରଣ ଅଧିକ ପ୍ରସଙ୍ଗ ନୁହେଁ କାହାପାଇଁ। ଦେଶ ବା ରାଜ୍ୟ ଦେବାଳିଆ ପଛରେ ଜନସାଧାରଣଙ୍କ କେଉଁ ତ୍ରୁଟି ରହିଛି ତାହାକୁ ନିରେଖି ଦେଖିବା ଅପେକ୍ଷା ଉଦୟପୁର ହତ୍ୟାକାଣ୍ଡ ଘଟଣାରେ କେଉଁ ଲୋକ କଣ କହିଲେ ତାହା ଏବେ ବଡ଼ ଖବର। ତେବେ ଦେଶ ଭିତରେ ଏଭଳି ମାନସିକତା ବୃଦ୍ଧି ପାଇଲା କାହିଁକି। ଯେଉଁମାନେ ଶାସନ କ୍ଷମତାରେ ରହିଲେ ସେମାନେ ଦେଶର ସୁରକ୍ଷା ପ୍ରତି ଧ୍ୟାନ ନଦେଇ ଭୋଟ ବ୍ୟାଙ୍କ ସୃଷ୍ଟି କରିଚାଲିଥିଲେ ବୋଲି ଗୋଟେ ଧାରଣା ହେବା ସ୍ୱାଭାବିକ। ଗୋଟେ ଦେଶରେ ନିୟମ ଭିନ୍ନ ଭିନ୍ନ ହେଲା କାହିଁକି ଓ କିଭଳି ସେଥିପ୍ରତି ସମସ୍ତେ ଆଖି ବୁଜିଦେଇଥିଲେ ଓ ଏବେ ଆଖି ଖୋଲିବା ଭଳି ଘଟଣା ମଧ୍ୟ ଆଶ୍ଚର୍ଯ୍ୟ ମଧ୍ୟରୁ କମ ନୁହଁ। ଗୋଟିଏ ସମ୍ପ୍ରଦାୟ ଯଦି ସମ୍ବିଧାନ ନମାନିବେ ବା ଦେଶ ହିତରେ ପ୍ରଣୟନ ହେଉଥିବା ଆଇନ ବିରୁଦ୍ଧରେ ଯିବେ, ସେତେବେଳେ ଗଣତନ୍ତ୍ର କେଉଁ ଦିଗରେ ଗତି କରୁଛି ବୋଲି ଭାବିବାକୁ ହେବ। ଏଭଳି ଭାବନା ସୃଷ୍ଟି ହେବାର ଆବଶ୍ୟକତା ଅଛି କି ନାହିଁ ସମଗ୍ର ଦେଶବାସୀ ଏହା ଚିନ୍ତା କରିବାର ଅଛି। ଦେଶ ନରହିଲେ କାହାର ଯଶ ରହିବ। ଦେଶ ଅଛି ବୋଲି ତ ଏତେ ହୋହଲ୍ଲା। ଦେଶ ଶ୍ରୀଲଙ୍କା ଭଳି ହେଲେ ସବୁ ଗୋଷ୍ଠୀ ସଙ୍କଟରେ ହିଁ ପଡିବେ। ପ୍ରଥମେ ଦେଶ କିଭଳି ରହିବ, ସମୃଦ୍ଧ ହେବ ଏହା ଦେଶବାସୀ ଚିନ୍ତା କରନ୍ତୁ। ଧର୍ମ ନିରପେକ୍ଷ ରାଷ୍ଟ୍ର ନାଁରେ ଯିଏ ଯାହାର ରୁଟି ସେକିବା ଛାଡି ବାସ୍ତବ ତଥ୍ୟ ଉପଲବ୍ଧି କରିବା ଆବଶ୍ୟକ। କୌଣସି ରାଜନେତା ବା ରାଜନୈତିକ ଦଳକୁ ବିରୋଧ କରିବା ବାହାନାରେ ଦେଶକୁ ନଷ୍ଟ କରୁଥିବା ତତ୍ତ୍ୱଙ୍କୁ ସାବାଡ଼ କରାଯିବା ଦରକାର। ଏହା କ୍ରିକେଟ ବା ଭଲିବଲ ଖେଳ ମୈଦାନ ନୁହେଁ। ଦେଶର ଅଖଣ୍ଡତା ପ୍ରତି ଗୁରୁତ୍ୱ ଦେବା ପ୍ରତ୍ୟେକ ଭାରତୀୟଙ୍କ କର୍ତ୍ତବ୍ୟ ନହେଲେ ଏହା ଆଉ ଗୋଟିଏ ଦେଶ ହୋଇ ରହିବନାହିଁ। ନିକଟରେ ରାଜ୍ୟରେ ଆଉ ଗୋଟିଏ ରାଜ୍ୟ ଗଠନ ନେଇ ଯେଉଁ ଲୀଳା ଚାଲିଲା ତାହା ମଧ୍ୟ କପଟୀଙ୍କ କପଟ ଆଚରଣ ବୋଲି ଦେଖିବା ଉଚିତ। କାରଣ ସଂଗଠିତ ହେବା ବଦଳରେ ଆମେ ଯେତେବେଳେ ନିଜକୁ ଭାଗ କରି ଚାଲିବା ଏହା ଅନ୍ୟ ରାଜ୍ୟକୁ ଭୁଲ ସଂକେତ ଦେବ। ଏକତାର ବଳ ପରିବର୍ତ୍ତେ ଆମ ଭିତରେ ବିଦ୍ୱେଷ ବର୍ଣ୍ଟନ କରୁଥିବା ନେତୃମଣ୍ଡଳୀଙ୍କ ଉଦ୍ଦେଶ୍ୟ ମହତ ହୋଇନଥିବ ନିଶ୍ଚୟ। କ୍ଷମତା ଲାଳସାରେ ଅନେକ ପ୍ରସଙ୍ଗ ଏଭଳି ସୃଷ୍ଟିକରି କିଛିଲୋକ ମହାମାନ୍ୟ ହେବାକୁ ଚେଷ୍ଟା କରିବା ନୂଆ ନୁହଁ। କିନ୍ତୁ ବିଭେଦ ସୃଷ୍ଟି ଦ୍ୱାରା ଗୋଟିଏ ରାଷ୍ଟ୍ର ପ୍ରଭୁତ କ୍ଷତିର ସାମ୍ନା କରେ। ଏଥିରେ ଆର୍ଥିକ ସଙ୍କଟ ସହିତ ବିକାଶ ବାଧାପ୍ରାପ୍ତ ମଧ୍ୟ ହୋଇଥାଏ। ଶତ୍ରୁ ରାଷ୍ଟ୍ର ଏହି ସୁଯୋଗରେ ଦେଶକୁ ଖଣ୍ଡ ବିଖଣ୍ଡିତ ପ୍ରକ୍ରିୟାରେ ଲାଗିପଡନ୍ତି। ଦେଶବାସୀଙ୍କ ମନରେ ଶାସନକୁ ନେଇ ଏଭଳି ସନ୍ଦେହ ସୃଷ୍ଟିହୁଏ ଯେ ଯାହାର ପରିଣତି ଠିକ ଶ୍ରୀଲଙ୍କା ଭଳି। ତେଣୁ ଅଖଣ୍ଡ ଭାରତକୁ ପୁଣିଥରେ ଅଖଣ୍ଡ ରଖିବାରେ ନିଜର ଯୋଗଦାନ ଦେବା ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ମହତ୍ୱପୂର୍ଣ୍ଣ ସାବ୍ୟସ୍ତ କରିବା ହିଁ ଜଣେ ନାଗରିକର କର୍ତ୍ତବ୍ୟ ହେବା ଉଚିତ। ନିଜେ ନିଜେ ନିଜ ଦେଶକୁ ବଳିଷ୍ଠ ଭାବେ ଦେଖିବାର ଆନ୍ତରିକତା ଜାଗ୍ରତ ନହେଲେ କୌଣସି ଦେଶ ମହାନ ହୋଇ ରହେନାହିଁ। ଭାରତ ଭଳି ଏକ ମହାନ ଦେଶର ଅଖଣ୍ଡତା ବଜାୟ ରଖିବା ବଦଳରେ ଯେତେବେଳେ ଆମେ ନିଜ ଭିତରେ ବିଭେଦର ପ୍ରାଚୀର ଠିଆ କରିବା ଏହା କେବେହେଲେ ଦେଶ ପାଇଁ ଶୁଭଙ୍କର ନୁହେ। ବାହ୍ୟ ଦେଶର ପ୍ରରୋଚନାରେ ପଡି ଯେଉଁମାନେ ନିଜ ଦେଶର କ୍ଷତି କରୁଛନ୍ତି ସେମାନେ ସଚ୍ଚା ଦେଶପ୍ରେମୀ ନୁହନ୍ତି। ଯେଉଁ ଦେଶର ପାଣି ପବନ ଆମକୁ ସମର୍ଥ କରିଛି, ସେ ଦେଶର କ୍ଷତି ଚିନ୍ତା କରିବା ମହାପାପ। କୌଣସି ଧର୍ମ ଅପେକ୍ଷା ଦେଶଧର୍ମ ପାଳନ ବଡ଼କଥା। ଦେଶରେ ବଢୁଥିବା ଦେଶ ବିରୋଧୀ କାର୍ଯ୍ୟକଳାପ ଯୋଗୁ ଦେଶ ଆଜି ବିପଦ ଆଡକୁ ଟାଣି ହୋଇଯାଉଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିହାର ଗସ୍ତ ବେଳେ ଏଭଳି କିଛି ତଥ୍ୟ ସାମ୍ନାକୁ ଆସିଛି ଯାହା ଅତ୍ୟନ୍ତ ଗମ୍ଭୀର ଖବର। ଏହା କେବଳ ବିହାର ଭିତରେ ସୀମିତ ହୋଇରହିନାହିଁ। ବରଂ ଦେଶର ଅନେକ ରାଜ୍ୟରେ ଏଭଳି କିଛି ଯୋଜନା ଚାଲିଥିବା ଜଣାପଡିଛି। ଥରେ ଭାବନ୍ତୁ ଯେଉଁ ଦେଶର ନାଗରିକ ନିଜ ଦେଶ ବିରୋଧରେ ଷଡଯନ୍ତ୍ର କରୁଛନ୍ତି ସେମାନଙ୍କୁ କଣ କୁହାଯିବ। ଦେଶ ଏକ ଆଇନ ଏକ ନହେବା ପର୍ଯ୍ୟନ୍ତ ଏଭଳି ତତ୍ତ୍ୱ କେବେବି ସାବାଡ଼ ହୋଇପାରିବେନାହିଁ ବୋଲି ଧାରଣା ସୃଷ୍ଟି ହେଲାଣି। ସମାନ ଆଇନ ପ୍ରଣୟନ ନହେଲେ ଧର୍ମକୁ ଆୟୁଧ କରି ଦେଶବିରୋଧୀ ମାନେ ନିଶ୍ଚୟ କିଛି ବଡ଼ ଅଘଟଣ କରିବାର ଆଶଙ୍କାକୁ ଏଡାଇ ଦେଇହେବକି ? ନିକଟରେ ନୂଆ ସଂସଦ ଭବନ ଉପରେ ସ୍ଥାପିତ ହୋଇଥିବାଦେଶର ପ୍ରତୀକ ସିଂହମୂର୍ତ୍ତିକୁ ଯେଉଁମାନେ ବିରୋଧ କରୁଛନ୍ତି,ଏହା ପଛରେ କାରଣ କଣ ? ସିଂହ ଜଙ୍ଗଲର ରାଜା, ସେ କେବେ ନିରୀହ ନୁହେଁ କି ଶାନ୍ତ ନୁହେଁ। ନିଜ ସ୍ୱଭାବରେ ସିଂହ ଯେମିତି ସେଭଳି ମୂର୍ତ୍ତି ଦେଖିଲେ କାହାକୁ ଡର ଲାଗୁଚି। ସିଂହ କଣ ଧ୍ୟାନ ମୁଦ୍ରା ବା ନିଦ୍ରିତ ରହିଥିଲେ ଦେଶର ଗୌରବ ବଢ଼ିଥାନ୍ତା ! ବର୍ତ୍ତମାନ ସଂସଦ ଭବନରେ ସ୍ଥାପିତ ସିଂହ ମୂର୍ତ୍ତି ଦେଶର ଗର୍ବ, ଗୌରବ, ବଳ, ବୀର୍ଯ୍ୟ, ସାହସ ଓ ଶୌର୍ଯ୍ୟର ପ୍ରତୀକ। ଏହାକୁ ବିରୋଧ କରୁଥିବା ରାଜନୈତିକ ଦଳ କଣ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ? ତାଙ୍କ ବିଚାରରେ ଦେଶ ଏଭଳି ହେଉ ଯେମିତିକି ବାହ୍ୟ ଶତ୍ରୁ ଆମ ଉପରେ ଆକ୍ରମଣ କଲେ ଆମେ କେବଳ ନିର୍ଦ୍ୱନ୍ଦ୍ରଷ୍ଟା ହେବା। ଆହୁରି ଅଧିକ ବିଖଣ୍ଡିତ କରି ଦେଶକୁ ବିଭାଜିତ କରି ନିଜର ସ୍ୱାର୍ଥ ପୂରଣ ଚିନ୍ତାରେ ରହିଥିବା ଏଭଳି ଦଳ କେବେ ଦେଶର ହିତ ଚାହୁଁ ନାହାନ୍ତି ବା ନଥିଲେବୋଲି ବୁଝିବାକୁ ହେବ। ଯେଉଁମାନେ ସମ୍ବିଧାନରେ ଧର୍ମନିରପେକ୍ଷ ଶବ୍ଦ ଯୋଡିଲେ ସେମାନଙ୍କର ଉଦ୍ଦେଶ୍ୟ ମହତ୍ କିମ୍ବା ଖରାପ ତାହା ବୁଝିବାକୁ ପଡିବ। ଦେଶର ଜନସଂଖ୍ୟା ଯେଭଳି ଭାବେ ବୃଦ୍ଧି ପାଉଛି ଖୁବ୍ କମଦିନ ଭିତରେ ଏହା ଚୀନ୍‌ର ଜନସଂଖ୍ୟାକୁ ଟପିଯିବ ବୋଲି ସୂଚନା ମିଳିସାରିଲାଣି। ଏଭଳି ହେଲେ ଦେଶର ଅର୍ଥନୀତି କିଭଳି ପରିଚାଳନା କରାଯିବ ତାହା ମଧ୍ୟ ଏକ ପ୍ରଶ୍ନବାଚୀ। କାରଣ ବର୍ତ୍ତମାନ ପରିପ୍ରେକ୍ଷୀରେ ବେକାରୀ ସମସ୍ୟା ଯେଭଳି ଭାବେ ବଢ଼ିଚାଲିଛି ଏବଂ ଦରଦାମ ନିୟନ୍ତ୍ରଣ ବାହାରେ ରହୁଛି ସେଥିରେ ଜନସଂଖ୍ୟା ବ୍ୟାପି ଚାଲିଲେ ଏସବୁ ନିୟନ୍ତ୍ରଣ ହେବ କିପରି। ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରୁ ଆମେ ଦୂରେଇ ଯାଇ କେବଳ ନିଜ ନିଜର ସୁଖ, ସ୍ୱାଚ୍ଛନ୍ଦ୍ୟ ପ୍ରତି ଧ୍ୟାନ ଦେଲେ ନିଜର ବିକାଶ ହୁଏତ ହୋଇପାରେ, କିନ୍ତୁ ଦେଶର ବିକାଶ ଆଦୌ ହେବନାହିଁ। ଏହି ପରିପ୍ରେକ୍ଷୀରେ ଦେଶକୁ ଧର୍ମ ଆଧାରରେ ନିୟମ ବଦଳରେ ସବୁ ଧର୍ମ ପାଇଁ ଗୋଟିଏ ନିୟମର ଆବଶ୍ୟକତା ରହିଛି। ନିୟମ ଏଭଳି ହେବା ଉଚିତ ଯେ ଦେଶର ସବୁ ନାଗରିକ ଏହି ନିୟମ ମାନି ଚଳିବାକୁ ବାଧ୍ୟ ହେବେ। କେବଳ ବିରୋଧ ନାଁରେ ଅସଲ ପ୍ରସଙ୍ଗଟିକୁ ଏଡାଇ ଦେଇ ଚାଲିଲେ ସମସ୍ୟା ବଢ଼ିବ ସିନା କମିବାର ନାଁ ଧରିବନି।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମୋ ବସ୍‌କୁ ଜାତିସଂଘ ପୁରସ୍କାର



ସୌମେନ୍ଦ୍ର ଜେନା

ଓଡିଶା ପାଇଁ ଖୁସିର ଖବର ହେଉଛି ରାଜ୍ୟର ସହରାଞ୍ଚଳ ବସ୍ ସେବା ମଧ୍ୟରୁ ପୁରୀ-ଭୁବନେଶ୍ୱର-ଖୋର୍ଦ୍ଧା-କଟକ ମଧ୍ୟରେ ଚଳୁଥିବା ମୋ ବସ୍ ସେବାକୁ ଆନ୍ତର୍ଜାତିକ ସ୍ତରରେ ସମ୍ମାନ ମିଳିବା । ଜାତିସଂଘର ସାଧାରଣ ସେବା ପ୍ରକଳ୍ପ ମଧ୍ୟରେ ପୃଥିବୀର ଭିନ୍ନ ଭିନ୍ନ ଦେଶରୁ ମୋଟ ୧୦ଟି ସଂସ୍ଥାକୁ ନିକଟରେ ପୁରସ୍କାର ପାଇଁ ଚୟନ କରାଯାଇଛି । ତନ୍ମଧ୍ୟରେ ବ୍ରାଜିଲ, କାନାଡା, ଭାରତ, ପାନାମା, ଆୟର୍ଲାଣ୍ଡ, ଥାଇଲାଣ୍ଡ, ଫିଲିପାଇନ୍ସ, ପୋଲାଣ୍ଡ, ସାଉଦି ଆରବ, ୟୁକ୍ରେନ ଦେଶର ନାମ ରହିଛି । ଭାରତରୁ ଏକମାତ୍ର ମୋ ବସ୍‌କୁ ଏହି ପୁରସ୍କାର ପାଇଁ ବଛାଯିବା ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ନିଶ୍ଚୟ ।

ଏକଥା ସତ ଯେ କୋରୋନା ସମୟରେ ନାନାବିଧ ଅସୁବିଧା, ତୈଳଦର ବୃଦ୍ଧି ସତ୍ତ୍ୱେ ଏହି ସେବାରେ କୌଣସି ପ୍ରକାର ଫରକ୍ ଆସିନାହିଁ । ସେବା କ୍ଷେତ୍ରର ଟିକଟଦର ବୃଦ୍ଧି ନକରି ଏହି ସେବା ଯାତ୍ରୀମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇଛି । ଫଳରେ ସହରାଞ୍ଚଳର ୫୭ପ୍ରତିଶତ ଯାତ୍ରୀ ଏଥିରୁ ଉପକୃତ ହେଉଛନ୍ତି । ଜାତିସଂଘର ଆର୍ଥିକ ଏବଂ ସାମାଜିକ ବ୍ୟାପାର ବିଭାଗ ପକ୍ଷରୁ ପ୍ରଦତ୍ତ ଏହି ପୁରସ୍କାର ମୋ ବସ୍‌ର ପରିଚାଳନା ବୁଝୁଥିବା ସଂସ୍ଥା କ୍ରୁଟକୁ (କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ) ପ୍ରଦାନ କରାଯାଇଛି । ୨୦୨୨ର ଏହି ପୁରସ୍କାରକୁ ଜାତିସଂଘର ଅନୁଶାସନ ସାଧାରଣ ସଚିବ ଲିଉ ଝେନମିନ୍ ଘୋଷଣା କରିଛନ୍ତି । ୨୦୦୩ରୁ ଏହି ପୁରସ୍କାର ଦିଆଯାଇଆସୁଛି । ନିରନ୍ତର ବିକାଶ କ୍ଷେତ୍ରରେ ସର୍ବଶ୍ରେଷ୍ଠ ୧୦ ଉଦ୍ୟମକୁ ସ୍ୱୀକୃତି ଦେବାଲାଗି ଏହି ପ୍ରୋତ୍ସାହନର ପ୍ରୟାସ ହୋଇଛି । ଜାତିସଂଘ ପକ୍ଷରୁ ସାର୍ବଜନୀନ ସେବାରେ ରଚନାତ୍ମକ ସଫଳତା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଉଛି । ୨୩ଜୁନ୍ ୨୦୨୨ ଦିନ ଜାତିସଂଘ ସାଧାରଣ ସେବା ଦିବସ ଅବସରରେ ଏହି ପୁରସ୍କାର ଘୋଷଣା କରାଯାଇଛି । କ୍ରୁଟକୁ ଏହି ପୁରସ୍କାର ଦେବା ପଛରେ ସାଧାରଣ ସେବା ପ୍ରଦାନ ବେଳେ ଲିଙ୍ଗଗତ ସମାନତାକୁ ଜୋର ଦେଇ ନିରନ୍ତର ବିକାଶର ଲକ୍ଷ୍ୟ ହାସଲ କରିବା ଦିଗରେ କାର୍ଯ୍ୟକରିବା ସମୟରେ ଅତ୍ୟାଧୁନିକ ଟେକ୍‌ନୋଲୋଜିର ବ୍ୟବହାର, ସମାଜର ବଞ୍ଚିତ ବର୍ଗକୁ ଗୁରୁତ୍ୱ ପ୍ରଦାନ କରିଥିବା କାରଣ ରହିଛି ।

ଭୁବନେଶ୍ୱର-ଖୋର୍ଦ୍ଧା ଏବଂ କଟକ ପରି ମହାନଗର ଅନ୍ତର୍ଗତ ଅଞ୍ଚଳ ସହ ପୁରୀର ଯାତ୍ରୀ ପରିବହନକୁ ସୁଦୃଢ଼ କରିବା, ବିଶ୍ୱସନୀୟ ଏବଂ ଏକୀକୃତ ବସ୍‌ସେବା ଯୋଗାଇ ଦେବା ଲକ୍ଷ୍ୟରେ ୪ମଇ ୨୦୧୮ରେ କ୍ରୁଟ ଆରମ୍ଭ ହୋଇ ୬ ନଭେମ୍ବର ୨୦୧୮ରେ ମୋ ବସ୍ ସେବାର ଆରମ୍ଭ କରିଥିଲା । ଏହି ବସ୍ ସେବା କ୍ଷେତ୍ରରେ ନିର୍ଦ୍ଦିଷ୍ଟ ସମୟରେ ବସ୍ ଚଳାଚଳ, ସିସିଟିଭି କ୍ୟାମେରା ବ୍ୟବସ୍ଥା, ଇ-ଟିକେଟ୍ ପ୍ରଦାନ, ଗାଡି ଟ୍ରାକିଂ ବ୍ୟବସ୍ଥା, ଇଲେକଟ୍ରୋନିକ୍ ଘୋଷଣା, ୱାଇଫାଇ ସେବା, ୪୦ପ୍ରତିଶତ ମହିଳା କଣ୍ଡକ୍ଟରଙ୍କୁ ନିଯୁକ୍ତି ଦେବା ପରି ଉତ୍ତମ ପଦକ୍ଷେପ ଲୋକସେବା କ୍ଷେତ୍ରରେ ପ୍ରୟୋଗ କରି କ୍ରୁଟ ଅନ୍ୟମାନଙ୍କଠାରୁ ନିଜକୁ ସ୍ୱତନ୍ତ୍ର କରି ଗଢି ତୋଳିଛି । ଏଥିରେ ବୟସ୍କଙ୍କୁ ୫୦ ପ୍ରତିଶତ ରିହାତି, ଦିବ୍ୟାଙ୍ଗଙ୍କୁ ମାଗଣା ଯାତ୍ରାର ସୁବିଧା ପ୍ରଦାନ କରାଯାଇଛି । ବସ୍ ମଧ୍ୟରେ ବୟସ୍କ, ଦିବ୍ୟାଙ୍ଗ ଏବଂ ମହିଳା ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ସିଟର ସୁବିଧା କରାଯାଇଛି । ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କୁ ଜାଣିବା ପାଇଁ ୟୁନିଫର୍ମର ବ୍ୟବସ୍ଥା ରହିଛି । କ୍ରୁଟର ପ୍ରାୟ ୩୧୦ ବସ୍‌ସେବା ମାଧ୍ୟମରେ ଦୈନିକ ୩୨୦୦୦ ଲୋକେ ଯାତ୍ରା କରୁଛନ୍ତି । ସଂସ୍ଥା ପକ୍ଷରୁ ଚଳୁଥିବା ଇ-ରିକ୍ସା କ୍ଷେତ୍ରରେ ୧୦୦ ପ୍ରତିଶତ ମହିଳା ଏବଂ କିନ୍ନରଙ୍କୁ ନିଯୁକ୍ତି ଦେଇ କ୍ରୁଟ ଉଦାହରଣ ସୃଷ୍ଟି କରିପାରିଛି । ଉତ୍ତମ ସେବା ଯୋଗାଣ ଏବଂ ଡିଜିଟାଲ ପେମେଣ୍ଟ ପାଇଁ ସ୍ୱତନ୍ତ୍ର ଆପର ବ୍ୟବସ୍ଥା ହୋଇଛି । ପୁରୀ, କୋଣାର୍କ, ଖଣ୍ଡଗିରି, ଲିଙ୍ଗରାଜ ମନ୍ଦିର, ନନ୍ଦନକାନନ, ବାରବାଟୀ ଦୁର୍ଗ ପରି ଐତିହାସିକ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଯୋଡି ବସ୍‌ସେବା ପ୍ରଦାନ କରାଯାଉଥିବା ହେତୁ ସହରାଞ୍ଚଳ ଲୋକେ ନିଜସ୍ୱ ଗାଡିର ବ୍ୟବହାର କମ୍ କରିଛନ୍ତି । ଫଳରେ ସହରାଞ୍ଚଳରେ ୩୦ରୁ ୫୦ପ୍ରତିଶତ ପର୍ଯ୍ୟନ୍ତ ପ୍ରଦୂଷଣ ହ୍ରାସ ପାଇଛି । ପ୍ରଥମେ ଭୁବନେଶ୍ୱର -ପୁରୀ ମଧ୍ୟରେ ବସ୍‌ସେବା ଯୋଗାଣ ଏହାର ଲକ୍ଷ୍ୟ ଥିଲେ ହେଁ ଏହି ସେବା ଅଧିକରୁ ଅଧିକ ସ୍ଥାନକୁ ଯୋଡିବାରେ ସକ୍ଷମ ହୋଇଛି, ଲୋକମାନଙ୍କର ବିଶ୍ୱାସ ଅର୍ଜନ କରିପାରିଛି । ଉତ୍ତମମାନର ବସ୍‌ରହଣି ସ୍ଥାନରେ ଆଲୋକର ବ୍ୟବସ୍ଥା, ବସ୍‌ଚଳାଚଳ ସଂପର୍କୀତ ରୁଟ୍‌ର ସୂଚନା ଫଳକ ଆଦି ରହିବା ଫଳରେ ଲୋକେ ନିଜନିଜର ସୁବିଧା ମୁତାବକ ଯାତ୍ରା କରିବାକୁ ସକ୍ଷମ ହେଉଛନ୍ତି । ଏହି ବସ୍‌ସେବା ଯୋଗୁ ସଂଖ୍ୟାଧିକ ବେସରକାରୀ ପୁରୁଣାବସ୍ ଯାହା ପୂର୍ବରୁ ଚଳାଚଳ କରୁଥିଲା ସେସବୁ ବନ୍ଦ ହୋଇଛି । ମୋ ବସ୍ ଚଳାଚଳ କରିବାର ପ୍ରଥମାବସ୍ଥାରେ ଭିନ୍ନ ଭିନ୍ନ ସ୍ଥାନରେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ଲୋକେ ପ୍ରତିବନ୍ଧକ ସୃଷ୍ଟି କରି ଆଇନ- କାନୁନ ସମସ୍ୟା ମାଧ୍ୟମରେ ପ୍ରତିବନ୍ଧକ ଆଣିଥିଲେ ମଧ୍ୟ ସଂସ୍ଥା ସମସ୍ତ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୋଇ ନିରନ୍ତର ସେବା ଯୋଗାଇଦେଇ ପ୍ରଶଂସାର ପାତ୍ର ହୋଇଛି । ବସ୍‌ଗୁଡିକର ଭିନ୍ନ ଭିନ୍ନ ସ୍ଥାନରେ ରାତ୍ରୀ ରହଣି ପାଇଁ ଡିପୋର ବ୍ୟବସ୍ଥା କରାଯାଇଛି । ଭୋର ସମୟରୁ ରାତି ୯ଟା ପର୍ଯ୍ୟନ୍ତ ଏହି ସେବା ଦ୍ୱାରା ବହୁ ଲୋକେ ଉପକୃତ ହେଉଛନ୍ତି। ସହରର କୋଣାନୁକୋଣକୁ ବସ୍ ସଂଯୋଗ କରାଯିବା ଦ୍ୱାରା ନୂଆ ଜନବସତି ଗଢିଉଠିଛି । କ୍ରୁଟ ପକ୍ଷରୁ ଭିନ୍ନ ଭିନ୍ନ ବସ୍‌ରୁଟ ଯୋଗେ ଯେଉଁ ସବୁ ଯୋଗାଯୋଗ ମାର୍ଗ ପ୍ରସ୍ତୁତ କରାଯାଇଛି ତାହା ଏହିପରି : ରୁଟନଂ ୧୦- ଭୁବନେଶ୍ୱର ବିମାନ ବନ୍ଦରରୁ କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ପାର୍କ (ଭାୟା ନନ୍ଦନକାନନ) । ରୁଟନଂ ୧୧-ନନ୍ଦନ ବିହାରରୁ ଭୁବନେଶ୍ୱର ରେଳ ଷ୍ଟେସନ । ରୁଟ ୧୨- ଭୁବନେଶ୍ୱର ରେଳଷ୍ଟେସନରୁ ନନ୍ଦନକାନନ । ରୁଟ ୧୩ - ନନ୍ଦନବିହାରରୁ ଲିଙ୍ଗିପୁର, ରୁଟ ୧୬- ଭୁବନେଶ୍ୱର ରେଳଷ୍ଟେସନରୁ କଟକର ବିଜୁପଟ୍ଟନାୟକ ପାର୍କ । ରୁଟ ୧୭- ବିମାନବନ୍ଦର-ବାରବାଟୀ ଷ୍ଟାଡିୟମ୍, ରୁଟ ୧୮-ବରମୁଣ୍ଡାରୁ ଜଗତପୁର (ନନ୍ଦନକାନନ) । ରୁଟ ୧୯- ଏମ୍ସରୁ ଓଏମ୍‌ପି ଛକ । ରୁଟ୍ ୨୦- ଭୁବନେଶ୍ୱର ରେଳଷ୍ଟେସନ-ଖୋର୍ଦ୍ଧା ଭାୟା ବାଣୀବିହାର। ରୁଟ-୨୧ ରେଳଷ୍ଟେସନ -ଖୋର୍ଦ୍ଧା (ଭାୟା ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)। ରୁଟ- ୨୨ ଭୁବନେଶ୍ୱର ରେଳଷ୍ଟେସନ -ଖୋର୍ଦ୍ଧା (ଜଟଣୀ) । ରୁଟ ୨୩- ରେଳଷ୍ଟେସନରୁ ସମ୍ ହସ୍‌ପଟାଲ। ରୁଟ ୨୪-ସାଇମନ୍ଦିର-କଳିଙ୍ଗ ବିହାର । ରୁଟ୍ ୨୫- ମଞ୍ଚେଶ୍ୱରରୁ ଡୁମୁଡୁମା (ରଣସିଂହପୁର)। ରୁଟ ୨୬- ଚକେଇସିଆଣିରୁ ଡୁମଡୁମା (ଯଦୁପୁର)। ରୁଟ-୨୭ ଷ୍ଟେସନରୁ ଏମ୍ସ । ରୁଟ୍ ୨୮ - ଷ୍ଟେସନରୁ କଳିଙ୍ଗନଗର । ରୁଟ୍ ୨୯ କଳିଙ୍ଗ ବିହାର (କେ ୯ ବି)- ସାଇମନ୍ଦିର। ରୁଟ ୨୯ଇ- କଳିଙ୍ଗ ବିହାରରୁ ଏସ୍‌ବିଆଇ କଲୋନୀ (କେଶୁରା) । ରୁଟ-୩୦ ଷ୍ଟେସନରୁ ଛତାବର (ସମ ହସପିଟାଲ)। । ରୁଟ୍ ୩୧- ଷ୍ଟେସନ-ହାଇଟେକ ହସପିଟାଲ। ରୁଟ ୩୨- ବରମୁଣ୍ଡାରୁ ଲିଙ୍ଗରାଜ ମନ୍ଦିର। ରୁଟ ୩୩- ଷ୍ଟେସନ - ପିପିଲି । ରୁଟ ୩୪- ଷ୍ଟେସନ - ବାଲକାଟୀ । ରୁଟ୍ ୫୦ -ଷ୍ଟେସନରୁ ପୁରୀ। ରୁଟ ୫୧- ବରମୁଣ୍ଡା ବସ୍‌ଷ୍ଟାଣ୍ଡ- ପୁରୀ। ରୁଟ ୭୦- ବରମୁଣ୍ଡାରୁ-କୋଣାର୍କ। ଭୁବନେଶ୍ୱର ରେଳଷ୍ଟେସନ ନିକଟରେ ମୋ ବସ୍‌ର ମୁଖ୍ୟ ବସ୍‌ଷ୍ଟାଣ୍ଡ ରହିଛି । ଷ୍ଟେସନ କହିଲେ ଭୁବନେଶ୍ୱର ରେଳ ଷ୍ଟେସନକୁ ହିଁ ବୁଝିବାକୁ ହେବ ।

କ୍ରୁଟର ବସ୍‌ସେବାକୁ ରାଜ୍ୟର ଅନ୍ୟାନ୍ୟ ସହରାଞ୍ଚଳକୁ ପରିବ୍ୟାପ୍ତ କରାଯିବା ସହ ଉନ୍ନତମାନର ବସ୍‌ସେବା ଯୋଗାଇଦେବା ପାଇଁ ପ୍ରୟାସ କରାଯିବା ଦରକାର । ଅନ୍ୟାନ୍ୟ ସହରାଞ୍ଚଳରେ ପ୍ରଥମେ ପ୍ରଥମେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ପ୍ରଥମେ ସମସ୍ୟା ସୃଷ୍ଟି କରିପାରନ୍ତି, ପ୍ରତିବନ୍ଧକ ଛିଡା କରିପାରନ୍ତି । ରାଜ୍ୟ ସରକାର ଲୋକସେବାକୁ ଅଧିକ ଗୁରୁତ୍ୱଦେଇ ଏହି ସୁବିଧାକୁ ରାଜ୍ୟର ସହରାଞ୍ଚଳରେ ପରିବ୍ୟାପ୍ତ କରାଇଲେ ନାଗରିକମାନେ ଉତ୍ତମ ସେବା ଲାଭ କରିବା ସହ ପ୍ରଦୂଷଣ ହ୍ରାସ ପାଇବ । ଜିଲ୍ଲା ପ୍ରଶାସନ ଏବଂ ଜନସାଧାରଣ ଏହି ବସ୍ ଚଳାଚଳରେ ସହଯୋଗ କଲେ ରାଜ୍ୟର ଗମନାଗମନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ଏଥିରେ ସନ୍ଦେହ ନାହିଁ ।

*ଭାରତୀୟ ସମ୍ବାଦ ସେବା (ଭାସ)*
*ଭୁବନେଶ୍ୱର-୭୫୧୦୦୩*

# ଓଡ଼ିଶାର ସ୍ୱାର୍ଥରେ ବିଧାନସଭା



ତ୍ରିନାଥ ଓଝା

ଓଡ଼ିଶାର ରାଜ୍ୟବାସୀଙ୍କ ସାମଗ୍ରିକ ସୁବିଧା ସୁଯୋଗ, ରାଜ୍ୟର ପ୍ରଗତି ଓ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ପ୍ରତ୍ୟେକ ରାଜ୍ୟରେ ବିଧାନ ସଭା ପ୍ରତିଷ୍ଠା ହୋଇଥାଏ। ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨ ତାରିଖରୁ ଆରମ୍ଭ ହେବ। ଏଥିରେ ମୋଟ ୨୪ଟି କାର୍ଯ୍ୟ ଦିବସ ରହିଛି। ଅଧିବେଶନର ପ୍ରଥମ ଦିନରେ ୨୦୨୨-୨୩ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରାଯିବ। ଜୁଲାଇ ୩୦ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ ଉପସ୍ଥାପନ ହେବ। ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଜୁଲାଇ ୨ରୁ ୬ ତାରିଖ ଯାଏ ଗୃହ ଚାଲିବ। ଜୁଲାଇ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଗୃହ ମୁଲତବୀ ରହିବ। ୧୪ ତାରିଖରୁ ପୁଣି ଚାଲିବ ଦ୍ୱିତୀୟ ଅଧିବେଶନ। ଅଗଷ୍ଟ ୪ ତାରିଖ ଯାଏଁ ଚାଲିବ।

ଓଡ଼ିଶାର ଜନସାଧାରଣ ସବୁବେଳେ ବିଧାନସଭା ଅଧିବେଶନକୁ ଚାହିଁ ରହିଥାନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୁଏ ବିଧାନସଭା ଚାଲିବା କାଳରେ। ବିରୋଧୀ ଦଳ ଜନସ୍ୱାର୍ଥ ବିରୋଧୀ ଅନେକ ନିଷ୍ପତ୍ତି କିମ୍ବା ଯୋଜନାର ସମାଲୋଚନା କରନ୍ତି। ଲୋକେ ଭାବନ୍ତି ଏଣିକି ଯାହା ସମସ୍ୟା ରହିଛି ସବୁ ସୁଧୁରିଯିବ ବିଧାନସଭାରେ ଆଲୋଚନା ହେବା ପରେ। ଲୋକଙ୍କ ସ୍ୱାର୍ଥ ସମ୍ବଳିତ ପ୍ରଶ୍ନ ପଚରାଯାଏ ଶାସକ ଦଳଙ୍କୁ ସେମାନଙ୍କ ଠାରୁ ଏକ ସନ୍ତୋଷଜନକର ଉତ୍ତର ପାଇବା ପାଇଁ। ବିଧାନସଭାକୁ ଗଣତନ୍ତ୍ରର ମନ୍ଦିର କୁହାଯାଏ। ଗଣଙ୍କ ଗୁହାରି ଏଠି ଶୁଣାଯାଏ, ସମସ୍ୟା ସମାଧାନର ବାଟ ଫିଟାଯାଏ। ଠିକ ଯେମିତି ଭକ୍ତଙ୍କ ଗୁହାରି ଶୁଣନ୍ତି ଭଗବାନ ମନ୍ଦିରରେ। କିନ୍ତୁ ଗଣତନ୍ତ୍ରର ଏ ମନ୍ଦିରର ଭଗବାନ ଭକ୍ତଙ୍କ କଥା କେତେ ଶୁଣନ୍ତି ଏବଂ ଭକ୍ତ କେତେ ସନ୍ତୁଷ୍ଟ ହୁଅନ୍ତି ସେ କଥା କାହାରିକୁ ଅଛପା ନାହିଁ। ସେ ଯାହାବି ହେଉ ବିଧାନସଭା ଓଡ଼ିଶାର ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ହେଉ। ନେତାମାନେ ନିଜ ନିଜ ଯୁକ୍ତିରେ ଅନ୍ୟ ଦଳର ନେତା ମାନଙ୍କୁ ପରାସ୍ତ କରିବା ଲକ୍ଷ୍ୟରେ କେବଳ ଅଯଥା ଯୁକ୍ତିତର୍କ, ହୋ ହଲ୍ଲା ଏଂବ ଶେଷରେ ଗୃହ ମୁଲତବୀରେ ଶେଷ ନହେଉ ବିଧାନସଭା।

ରାଜ୍ୟର ଅନେକ ସମସ୍ୟା ରହିଛି। ଏଗୁଡ଼ିକ ଓଡ଼ିଶା ଲୋକଙ୍କ ସାମୁହିକ ସମସ୍ୟା। ପ୍ରତିଟି ଦଳର ସମର୍ଥିତ ଜନତା ଏ ସମସ୍ୟା ଗୁଡ଼ିକର ସମାଧାନ ଚାହାନ୍ତି। ଏ ସମସ୍ୟା ଗୁଡ଼ିକୁ ନିର୍ବାଚିତ ପ୍ରତିନିଧିମାନେ ଗୁରୁତ୍ୱ ଦେବା ଉଚିତ। ଆଜିର ଦିନରେ ସେ ସମସ୍ୟାଗୁଡ଼ିକ କ'ଣ ? ଆମ ମତରେ ଓଡ଼ଶାର ସୀମା ବିବାଦ ଉତ୍କଟ ହେବାରେ ଲାଗିଛି। ଓଡ଼ିଶା ସଂକୁଚିତ ହେଉଛି ଦିନକୁ ଦିନ। ନଦୀ ପାଣିକୁ ନେଇ ମଧ୍ୟ ବିବାଦର ଅନ୍ତ ଘଟୁନି। ଚାଷୀଙ୍କୁ କେବଳ କାଳିଆ ଯୋଜନା କିମ୍ବା କେନ୍ଦ୍ରର ପ୍ରଧାନମନ୍ତ୍ରୀ ଯୋଜନାରେ କିଛି କିଛି ଟଙ୍କା ଦେଇଦେଲେ ଯେ ସେମାନଙ୍କ ସମସ୍ୟା ସୁଧୁରିଯିବ ଏକଥା ଭାବିବା ଉଚିତ ନୁହେଁ। ସେମାନଙ୍କ ସମସ୍ୟାର ସ୍ଥାୟୀ ପ୍ରତିକାର ଦରକାର। ଯେମିତି କି ମଣ୍ଡି ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା। କ୍ଷେତକୁ ପାଣି ଏବଂ ଚାଷୀକୁ ବିହନ, ସାର ଏବଂ କୀଟନାଶକ ଠିକ ସମୟରେ ଯୋଗାଇ ଦେବାକୁ ଗୁରୁତ୍ୱ ଦିଆଯିବା ଉଚିତ। ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ନାହିଁ ଆମ ରାଜ୍ୟରେ, ଯେତିକି ଅଛି ସେତକ ଯଥେଷ୍ଟ ନୁହେଁ। ଏଥିସହିତ ବିପଣନ ବ୍ୟବସ୍ଥାର ଉନ୍ନତିକରଣ ମଧ୍ୟ ଦରକାର। ଏସବୁ ସମସ୍ୟା ଉପରେ ବିଧାନସଭାରେ ଫୋକସ ଦିଆଯିବା ଦରକାର। ପ୍ରତିଟି ଦଳର ନେତାମାନେ ଏକାଠି ହୋଇ ସମସ୍ୱରରେ ସ୍ୱର ଉଠାଇବା ଦରକାର ଏସବୁ ସମସ୍ୟାର ସମାଧାନ ପାଇଁ। ଏକାଠି ସ୍ୱର ନ ଉଠାଇଲେ ଏସବୁ ସମସ୍ୟାର ସମାଧାନ ହୋଇପାରିବନି। ତେଣୁ ବିଧାନସଭାରେ ଓଡ଼ିଶା ପାଇଁ ଦଳ ମତ ନିର୍ବିଶେଷରେ ଏକାଠି ହେବା ଦରକାର। ସେମିତି ହେଲେ କେନ୍ଦ୍ର ପାଖରେ ଅଟକିଥିବା ଅନେକ ସମାଧାନର ବାଟ ସହଜେ ଫିଟିପାରିବ। ରାଜ୍ୟ ସରକାରଙ୍କ ହାତରେ ମଧ୍ୟ ଯେଉଁସବୁ ସମସ୍ୟାର ସମାଧାନ ରହିଛି ସେଗୁଡ଼ିକର ସମାଧାନ ପାଇଁ ମଧ୍ୟ ଚାପ ପଡ଼ିବା ଦରକାର। କେବଳ ମୁଲତବୀ, ମୁଲତବୀ, ମୁଲତବୀ ହୋଇ ମୌସୁମୀ ଅଧିବେଶନ ସରିନଯାଉ ଅଳ୍ପ କେଇ ମିନିଟର ଆଲୋଚନାରେ।

*ଭାଗବତ ଗାଦି ବଡ଼ଦାଣ୍ଡ,*
*ଧବଳେଶ୍ୱର ଗଡ଼ା, କଟକ*
*ଦୂରଭାଷ :୯୨୩୮୬୦୨୮୨୫*

# ଯୋଗଃକର୍ମସୁ କୌଶଳଂ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଶ୍ରୀମଦ୍ ଭଗବତ୍ ଗୀତାର ଦ୍ୱିତୀୟ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ଅର୍ଜ୍ଜୁନଙ୍କୁ କହିଛନ୍ତି - କର୍ମର ଯେ ସୁ କୌଶଳ ଯୋଗ ବୋଲେ ତାହା, ଗୁରୁ ସମୀପରୁ ନର ଜାଣିପାରେ ଏହା। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣରେ ପ୍ରକାଶ କଲେ - କୌଣସି କିଛିରେ ଯୁକ୍ତହେବା ବା ଏକମୁଖୀ ଆସକ୍ତିର ନାମ ହିଁ ଯୋଗ। ତୁମେ ଯଦି ଯୋଗୀ ହେବାକୁ ଚାହଁ, ତାହାହେଲେ ତୁମକୁ କୌଣସି ଆଦର୍ଶ, ସଦ୍‌ଗୁରୁ ବା ପ୍ରିୟପରମଙ୍କ ସହିତ ଭଲପାଇବା ବା ଆସକ୍ତି ମାଧ୍ୟମରେ ଏପରି ଭାବରେ ଯୁକ୍ତ ହେବାକୁ ହେବ ଯାହାଫଳରେ ତୁମେ ସର୍ବଦା ଓ ସର୍ବତୋଭାବେ ଏକ ଗଭୀର ତୃପ୍ତି ନେଇ ଚାଲିପାରିବ ବା ରହିପାରିବ - ତୁମର ଇଷ୍ଟ-ଗୁରୁ ଅକ୍ଷୁର୍ଣ୍ଣ ବା ଅତୁଟ ଥିଲେ ଦୁନିଆରେ ଆଉ ତୁମର କୌଣସି ପ୍ରୟୋଜନ ନାହିଁ, ଠିକ୍ ଏହିପରି ଭାବରେ ଚାଲିବାକୁ ହେବ। ଆଉ ଏହା ସହିତ ଗୁରୁଙ୍କର ଇଛା ଓ ଚାହିଦାର ପରିପୂରଣ କରି ତାଙ୍କୁ ତୁଷ୍ଟ ଓ ପୁଷ୍ଟ କରିବାର ସନ୍ଦୀପ୍ତମୟୀ ଚାହିଦା ଦାଉ ଦାଉ କରି ଜଳିଉଠିବ ତୁମ ଅନ୍ତରରେ, ଯାହାଫଳରେ କର୍ମରେ ତାର ବାସ୍ତବ ରୂପରେଖ ନଦେଇ ତୁମେ ଟିକିଏ ମାତ୍ର ଶାନ୍ତିରେ ରହିପାରିବନାହିଁ। ଆଉ ଏହିଠାରୁ ହିଁ କର୍ମର କଳକୌଶଳ, ପାରିପାର୍ଶ୍ୱିକ ନିୟନ୍ତ୍ରଣ ଓ ପରିପୂରଣ ତୁମର ଚିନ୍ତା ଓ ଚରିତ୍ରରେ ଫୁଟି ଉଠି ତୁମକୁ ତଦନୁପାତିକ ଉଦ୍‌ଭାସିତ କରି ଉଠାଇବ। ଏଥିପାଇଁ କୁହାଯାଇଛି ଯୋଗଃ କର୍ମସୁ କୌଶଳଂ। ପୁନର୍ବାର ଜଗତ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଯୋଗଯୁକ୍ତ ନଥିଲେ କର୍ମର କୌଶଳ ଜାଣି ହୁଏନାହିଁ। କୌଣସି କିଛି ସୁଷ୍ଠୁ ଭାବରେ କରିବାକୁ ଗଲେ ମନରେ ଯେଉଁ ଏକାଗ୍ରତା ଓ ସୌନ୍ଦର୍ଯ୍ୟ ଦରକାର ତାହା ପାଇଁ ଆବଶ୍ୟକ ପ୍ରେଷ୍ଠନିଶା। ତେଣୁ ନିଷ୍ଠାବାନ ହୋଇ କର୍ମ କୌଶଳ ଆୟତ୍ତ କରିବା ଦରକାର। ଚିର ଅଭ୍ରାନ୍ତ ପୁରୁଷ ଯିଏ ତାଙ୍କ ସହିତ ଅଚ୍ୟୁତ ଭଲ ପାଇବା ସହିତ ଯୋଗ ଯୁକ୍ତ ହୋଇ ରହିଲେ ମନୁଷ୍ୟର ବୁଦ୍ଧି, ବିବେଚନା, ଚଳନ, କଥାବାର୍ତ୍ତା, ଆଚାର-ବ୍ୟବହାର, କର୍ମ ପଦ୍ଧତି ସବୁ ଆପେ ଆପେ ଠିକ୍ ହୋଇଆସେ। ଭକ୍ତିଯୋଗ, କର୍ମଯୋଗ ଓ ଜ୍ଞାନଯୋଗ ଇତ୍ୟାଦି ସବୁ ଭିତରେ ମୂଳ ଜିନିଷ ହେଉଛି ଭକ୍ତି ବା ଅନୁରାଗ। ଯାହାଙ୍କୁ ଭଲ ପାଉ ତାଙ୍କୁ ତୁଷ୍ଟ କରିବାର ପ୍ରବୃତ୍ତି ହୁଏ। ଏହିଠାରୁ ହିଁ ଆସେ କର୍ମ ଓ କର୍ମରୁ ଆସେ ଜ୍ଞାନ। ତେଣୁ ଏସବୁ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଭକ୍ତି ଓ ଅନୁରାଗ ହେଉଛି ଜୀବନର ଅସଲ ସମ୍ପଦ। ଆକାଶର କାଳ୍ପନିକ ଭଗବାନଙ୍କ ଠାରେ ଅନୁରାଗ ହେଲେ ଚଳିବ ନାହିଁ, ଆବଶ୍ୟକ ସଦ୍‌ଗୁରୁ, ତାଙ୍କ ଠାରେ ଯୋଗଯୁକ୍ତ ହେଲେ ମନୁଷ୍ୟ ଭିତରେ ନିୟନ୍ତ୍ରଣ, ସାମଞ୍ଜସ୍ୟ, ସମାଧାନ, ଜ୍ଞାନ ଓ ପ୍ରଜ୍ଞାର ଉଦୟ ହୁଏ। ଏହି ପ୍ରସଙ୍ଗରେ ଭକ୍ତକବି ମଧୁସୂଦନ ରାଓ ଲେଖିଛନ୍ତି - ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରୀ। ଠିକ ସେହିପରି ଭାବରେ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଉଦ୍‌ଘୋଷଣା କଲେ - ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର। ଭକ୍ତଜନଙ୍କ ଆକୁଳ ପ୍ରାର୍ଥନାରେ ଭକ୍ତ ବତ୍ସଳ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବୁଝାଇ କହିଲେ - ମୃତ୍ୟୁ ସମୟରେ ସମଗ୍ର ଜୀବନର କାର୍ଯ୍ୟକଳାପ ଚଳଚ୍ଚିତ୍ର ପରି ଭାସିଉଠେ ଆମ ସମ୍ମୁଖରେ ଭଲମନ୍ଦ ସବୁକିଛି, ଯାହାକୁ କୁହାଯାଏ ଚିତ୍ରଗୁପ୍ତ ପାଞ୍ଜି। ଭଲକଥା ଦୃଶ୍ୟ ହେଲେ ମନ ଆନନ୍ଦିତ ହୁଏ ଏବଂ ମୁହଁରେ ସରସତାର ଚିହ୍ନ ଫୁଟି ଉଠେ। ଖରାପ କାମ କରୁଥିବା ଦେଖିଲେ ଭଲ ଲାଗେନାହିଁ। ତେଣୁ ସେହିପରି ବିକୃତ ଭାବର ଚିହ୍ନ ମୁହଁରେ ଫୁଟିଉଠେ। ଏଗୁଡ଼ିକ ଶେଷ ହୋଇଗଲା ପରେ ପ୍ରଚଣ୍ଡ ଶବ୍ଦ ଢ଼ଂ ଢ଼ଂ ଢ଼ଂ ହୋଇ ଶୁଣାଯାଏ, ଯାହାକୁ କୁହନ୍ତି ମୃତ୍ୟୁ ଘଣ୍ଟା। ତାପରେ ସବୁ ଅନ୍ଧକାର। ଅନ୍ଧକାର ଅଜଣା ମଧ୍ୟରେ ଭୟ ପାଇଯିବ ଆତ୍ମା। କୁଆଡ଼େ ଯିବ ? ଯଦି ମଣିଷ ଜୀବନ କାଳ ମଧ୍ୟରେ ଇଷ୍ଟଯୁକ୍ତ ବା ଗୁରୁଯୁକ୍ତ ଓ ଯୋଗଯୁକ୍ତ ହୋଇଥିବ, ତାଙ୍କ ପଥରେ ନିଷ୍ଠା ଓ ବିଶ୍ୱାସର ସହିତ ଚାଲିଥିବ, ଧ୍ୟାନରେ ତାଙ୍କୁ ଦେଖିଥିବ, ତେବେ ସେହି ଭୟଙ୍କର ସମୟରେ ମଧ୍ୟ ସ୍ନିଗ୍ଧ ଆଲୋକ ଦୃଶ୍ୟ ହେବ ଏବଂ ତା ମଧ୍ୟରେ ଆର୍ବିଭୂତ ହେବେ ଇଷ୍ଟଗୁରୁ ପୁରୁଷୋତ୍ତମ। ସେ ଆତ୍ମାର ହାତଧରି ନେଇଯିବେ ଅଜଣା ପଥରେ, ତାପରେ ତାର କର୍ମ ଅନୁସାରେ ରହିବାର ସ୍ଥାନଦେବେ ଅର୍ଥାତ୍ ତାର ପୁର୍ନଜନ୍ମ ହେବ। ଏହା ହିଁ ମୃତ୍ୟୁସିନ୍ଧୁ ପାର ହେବାର ରହସ୍ୟ।

*ସହ-ପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ,*
*ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ*
*କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

## ଧାରାବାହିକ ଉପନ୍ୟାସ

### ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୧୬




*(ପୂର୍ବପ୍ରକାଶ ଉତ୍ତାରୁ)*

ପାର ପଚାରିଲା- କଣ ଦେବି ଖାଇବାକୁ? ଟିକେ କିଛି ଖାଅ। ନହେଲେ ବିଛଣାରୁ ଉଠିବ କେମିତି? କହି କମଳାରୁ ଚୋପା ଛଡେଇ ଚିରୁଡାଏ କମଳା ତା ପାଟିରେ ଭର୍ତ୍ତିକଲା- ଖାଇବାକୁ ଚେଷ୍ଟାକର। ମନକୁ ଦୃଢକର। ଆମପାଇଁ ତୁମକୁ ଭଲ ହେବାକୁ ପଡିବ। ହେଇଟି, ମୁଁ ଏ ସଂସାରକୁ ଏକା ଏକା ସଂଭାଳି ପାରିବିନି କହି ଦଉଚି। ଆଉ ତମେ ଭଲହବା ପରେ ଯିଏ ଯେତେ କହିଲେ କି ନେହୁରା ହେଲେ ବି ମୁଁ ଆଉ କୋଉଠି କାମ କରିବିନି। ତମେ ଯାହା ଆଣିଦବ ସୁଖରେ ଆଦେରି ନେବି। ଖାଲି ସୁସ୍ଥହୋଇ ଉଠି ବସ। ଶୁଣୁଚ ନା ନାହିଁ?

ସେପଟେ ଜଡ ହୋଇଆସୁଥିଲା ସମଗ୍ର ଶରୀର। ତା ପ୍ରଶ୍ନର ଉତ୍ତର ନଥିଲା। ଡକାଡକି ହୋଇ ଶାଶୁ ଜ୍ୱାଇଁ ଦିନକେଇଟାରେ ଚାଲିଗଲେ ଆରପାରିକୁ। ସ୍ୱାମୀସୁଖ କଣ ଭଲକରି ଜାଣିନଥିବା ପାର ହୃଦୟରୁ ଲୁହ ନୁହେଁ ତ ଯେପରି ଲହୁ ଝରୁଥିଲା! ସେ ଏବେ ସଂସାରରେ ଏକା, କୋଳରେ ବର୍ଷକର ଛୁଆ। କେମିତି ପାଳିବ ସେ ତାକୁ ଏକାଟିଆ। ମନତଳେ ଅସରନ୍ତି କୋହ..ଈଶ୍ୱର କଣ ସତରେ ନାହାନ୍ତି ଗରିବଙ୍କ ପାଇଁ? ବସ୍ତିରେ ଥିବା ଘର ଏବେ ସରକାରଙ୍କ କବଜାରେ। ସେତିକିବେଳେ ମାଲିକାଣିଙ୍କ ଶାଶୁଘରୁ ତାପାଇଁ ଡାକରା ଆସିଲା। କିନ୍ତୁ ତାର ଇଚ୍ଛାନଥିଲା ଆଉ। ସେଠିକୁ ଯିବାପରେ ତ ତା ସଂସାର ସୁଖ ସରିଛି।

ଏ ମାଲିକମାନଙ୍କ କଣ ଗୋଟେ ମଣିଷର ମନନଥାଏ? ଏମାନେ କଣ ସବୁବେଳେ ନିଜ ଚିନ୍ତାରେ ଏତେ ଆକୁଳ ଯେ ତାଙ୍କ ସାମ୍ନାର ମଣିଷକୁ ସେମାନେ ଦେଖିପାରନ୍ତି ନାହିଁ? ତାର ଦୁଃଖ ସେମାନଙ୍କୁ ଅଧୀର କରିପାରେ ନାହିଁ? ଏମିତି ଭାବିଭାବି ଅନେକ ଦିନ ବିତିଗଲାଣି। ଏବେ ହାତରେ ଟଙ୍କାଟିଏ ବି ନାହିଁ। ପୁଅ ତାର ଆଣ୍ଠେଇଲାଣି। ଭାତ, ଡାଲି ଖାଇଲାଣି। ଆଉ କିଛି ଦିନ ପରେ ସେତକ ବି ସେ ଯୋଗାଡ କରିପାରିବନି। ସାରା ସଂସାର ତାକୁ ଅନ୍ଧାର ଦିଶୁଛି। ସେ କଣ କରିବ ଭାବି ପାରୁନି। ହଠତ୍ ଜୀବନରେ ଦୁର୍ଦ୍ଦିନର କଳା ବାଦଲ ଘୋଟି ଆସିଛି। ଅର୍ହନିଶ ଆଖିରୁ ଲୁହ ଝରାଇ ଝରାଇ ସେ ବି ଦୁର୍ବଳ ହୋଇଗଲାଣି। ଏଭଳି ଦୁଃଖକୁ ସେ ଆଜିଯାଏଁ ବି ସହିପାରୁନି କି ଗ୍ରହଣ କରିପାରୁନି। ଏକାଥରକେ ସ୍ୱାମୀ ଓ ମାଆର ମୃତ୍ୟୁକୁ ସେ ଭୁଲିପାରୁନି। ହିତୈଷୀ କେତେଜଣ ତାକୁ ପୁନଶ୍ଚ ବିବାହ କରିବାକୁ ପ୍ରସ୍ତାବ ଦେଲେଣି।

ଦୁଇଟା ଘରଛାଡି ସେ ଅନାଦିଟି ଭାଲି ଭଲ ପିଲା। ଏ ବସ୍ତିର ସବୁଠାରୁ କାମିକା ଭଦ୍ର ଓ ବିଶ୍ୱସ୍ତ। ଏଇକିଛି ଦିନ ହେବ ତା ବାହାଘରର ଚାରିମାସ ନପୂରୁଣୁ ସେ ତା ସ୍ତ୍ରୀକୁ ହରାଇଛି। ବୋଧହୁଏ ବିହି ଏ ଦୁଇଜଣଙ୍କୁ ଏକତ୍ର ମିଶାଇବାକୁ ଏପରି କରିଛି ବୋଲି କେତେକ କୁହାକୁହି ହେଉଛନ୍ତି। ପାର କାନକୁ ଏସବୁ ଅବାସ୍ତବ ଲାଗୁଛି। ସେ କିଛି ଭାବିପାରୁନି। କୌଣସି ସିଦ୍ଧାନ୍ତରେ ପହଂଚି ପାରୁନି। ଜୀବନ ପ୍ରତି ତାର ବିଶ୍ୱାସ ଓ ମୋହ ସତେଯେପରି ତୁଟିଯାଇଛି। ଅନାଦି ବି କେତେଥର ଖାଇବା ଜିନିଷଧରି ତା ପାଖକୁ ଆସିଛି, ତାକୁ ବୁଝାଇବାକୁ ଚେଷ୍ଟା କରୁଛି। ଜୀବନ ରୀତିକୁ ଗ୍ରହଣ କରିବାକୁ ଉପଦେଶ ଦେଉଛି।

ହେଲେ ଏତେ ଶୀଘ୍ର କଣ ନିଜର ଲୋକମାନଙ୍କୁ ଭୁଲିହୁଏ? ଜୀବନର ପୋଡା ଘା'ଟି କଣ ଏତେ ଶୀଘ୍ର ଶୁଖିଯାଏ? ଅଥଚ ଜୀବନଟାଯାକ ସେ ଦାଗ ଯେ ଅଲିଭା..ସବୁବେଳେ ତାର ଅବସ୍ଥିତିକୁ ମନେପକାଉଥାଏ, ଉଖାରୁଥାଏ। ଜୀବନର ଦୋଛକିରେ ପଡି ଛଟପଟ ହେଉଥିଲା ପାର। ତାର ଏଭଳି ଅଭାବିତ ଖବର ଶୁଣି ମାଲିକାଣୀ ନିଜେ ଆସିଲେ ତା କୁଡିଆକୁ। କେତେ କଣ କହି ମନ ଭୁଲାଇଲେ। ତାଙ୍କୁ ଦେଖି ପାର ଯେମିତି ଦଂଭ ଟିକେ ପାଇଗଲା।

କିଛି ଦିନ ଭିତରେ ବୁଲ୍‌ଡୋଜର୍‌ର ନିଷ୍ଠୁର ଆଘାତରେ ଏ ଯାଗା ମାଟିରେ ମିଶିବ। ସରକାରୀ ଯାଗା..ଇଏ। ବସ୍ତି ବାସିନ୍ଦାମାନେ ଆବୋରି ବସିଥିଲେ। ଏବେ ସର୍କାରଙ୍କ ନିଦ ଭାଙ୍ଗିଲା ଓ ସେ ଗୋଟାଏ କଣ କରିବେ। ତା ଭିତରେ ପାର୍ବତୀ ମାଆ ବି କୁଡିଆଟେ କରିଥିଲା। ଘରଟି ଯିବା ପରେ ତାର କଣ ହେବ ସେ ଜାଣେନି। କିନ୍ତୁ ମାଲିକାଣୀ ତା ଦୁଃଖରେ ଦୁଃଖୀ ହୋଇ ତାକୁ କୋଳେଇନେଲେ ଆଦରରେ।

ତା ଆଖିର ଅବାରିତ କୁହଧାରାକୁ ନିଜ ହାତରେ ପୋଛିଦେଇ କହିଲେ- ମୁଁ ଅଛି ପରା! ମୋ ଉପରୁ ତୁ କଣ ବିଶ୍ୱାସ ତୁଟାଇଦେଲୁ? ତୁ ମୋ ଘରେ ଯେତେକାମ କଲେ ବି ତୁ ଯେ ମୋର ସାଥୀ ସହଚରୀ..ଏକଥା କଣ ମୁଁ କେବେ ଭୁଲିଛି? ତୁ ବ୍ୟସ୍ତ ହ'ନି। ଏଭଳି ଦୁଃସ୍ଥିତିରେ ହାରିଯାଇ କିମ୍ବା ଭାଙ୍ଗିପଡି ଏ ପିଲାଟି ଉପରେ ଅବିଚାର କରନି। ଚାଲ୍ ଏବେ.. ଘରକୁ। ସେଇ ହବ ତୋର ଓ ମୋର ଘର..। ହେଲା? ଏଥର ଲୁହତକ ପୋଛି ପକା। ଯିବାଲୋକ ତ ଚାଲିଗଲେ, ପଛକୁ ଫେରି ଚାହିଁଲେନି। ତାଙ୍କ ଦୁଃଖରେ ଏ ଛୋଟିଆ ଛୁଆଟାକୁ କେତେଦିନ ଆଉ ହନ୍ତସନ୍ତ କରିବୁ?

ଏତିକି କହି ସେ ତା ପୁଅର ଲଙ୍ଗଳା ଓ ଧୂଳି ଧୂସରିତ ଦେହଟାକୁ କୋଳେଇନେଲେ। ତା ସହିତ ପାରର ସମସ୍ତ ଦାୟିତ୍ୱକୁ ଆବୋରି ନେଲେ।

*(କ୍ରମଶଃ)*

## ଆନିଭର୍ସରୀ

### ଗୀତାଞ୍ଜଳି ମହାରଣା





*(ପୂର୍ବପ୍ରକାଶ ଉତ୍ତାରୁ)*

କଲିଂ ବେଲର ଶବ୍ଦରେ ବର୍ଷା ଝିଅକୁ ଶୋଇ ଦଉ ଦଉ ଦୌଡି ଗଲା କବାଟ ଖୋଲିବାକୁ। ମଳୟ ହାତରେ ଗୋଲାପର ତୋଡା ମୁହଁରେ ଦୁଷ୍ଟାମୀର ଛିଟା ଦେଖି ବର୍ଷା କବାଟ ଖୋଲୁ ଖୋଲୁ ଟିକେ ଲାଜେଇ ଗଲା।

ମଳୟ ଗୋଟେ ହାତରେ କବାଟ ବନ୍ଦ କରୁଥାଏ ଅନ୍ୟ ହାତରେ ବର୍ଷାକୁ ଟାଣି ଆଣି ତା ପାଖକୁ ଲାଗି ଆସେ ତ ପଛରୁ ଝିଅ ଆଖି ମଳି କାନ୍ଦି କାନ୍ଦି ଆସିଗଲା, ବିଜୁଳି ଆଘାତ ପରି ଦୁହେଁ ଅତର୍କିତ ଭାବେ ପରସ୍ପର ଠାରୁ ଦୁରେଇ ଗଲେ।

ରାତି ବାରଟା ବାଜିଲାଣି, ଝିଅ ଶୋଇ ଲାଣି, ବର୍ଷା ତାର ବିବାହ ଯୋଡା, ଗହଣା ପିନ୍ଧି ନୂଆ ବୋହୁ ପରି ସଜେଇ ହେଇ ଫୁଲର ବେଡ ଉପରେ ବସି ଥାଏ। ମଳୟ ସେରବାନି ପିନ୍ଧି ଡ୍ରେସିଂ ଟେବୁଲ ଆଗରେ ନିଜକୁ ପରଫ୍ୟୁମ ସ୍ପ୍ରେ କରି ବେଡରୁମକୁ ପଶିଆସିଲା। ଓଃ... କି ବାସ୍ନା...। ପ୍ରେମର ତରଙ୍ଗରେ ତରଙ୍ଗାୟିତ ଆବଦ୍ଧ କୋଠରୀର ପ୍ରତ୍ୟେକ ଅଣୁ ପରମାଣୁ। ସେ ଅଣୁ ପରମାଣୁ ଦୁଇ ପବିତ୍ର ଶରୀର ଭିତରେ ପ୍ରବେଶ କରି ରଚି ଚାଲନ୍ତି ଉନ୍ମାଦନାର ବଂଶୀ ନାଦ। ସେ ବଂଶୀ ନାଦର ଶବ୍ଦରେ ପାଦରୁ ମୁଣ୍ଡ ଯାଏ ଖେଳି ଯାଏ ଅପରିପକ୍ୱ ପାଗଳାମି। ଶରୀର ସାରା ଝଡବାତ୍ୟାରେ ଉଚ୍ଛୁଳା ନଈର ଦୁଷ୍ଟ ଢେଉ ସବୁ ଦେହର ପ୍ରତ୍ୟେକ ଲୋମ କୂପରେ ମୁଣ୍ଡ ପିଟେ। କୂଳ ଲଙ୍ଘି ଏକାକାର ହେଇଜିବାର ଅବ୍ୟକ୍ତ ଆତ୍ମତୃପ୍ତିରେ।

ମଳୟ ଲାଇଟ ଅଫ କଲା। ହଠାତ ବର୍ଷା ମୋବାଇଲରେ ଗୋଟେ ହ୍ୱାଟ୍ସଆପ ମେସେଜରେ ରୁମ ଆଲୋକିତ ହେଇ ଗଲା। ମଳୟ ବେଡକୁ ଯାଉ ଯାଉ ଟେବୁଲ ଉପରେ ଥିବା ମୋବାଇଲ ଚେକ କରିଦେଲା। "Hello darling, how r u" Sorry ଆଜି ଯାଇ ପାରିଲିନି। କାଲି ତୁମ ସ୍ୱାମୀ ଅଫିସ ଗଲା ପରେ ନିଶ୍ଚୟ ମିଳିବା। ସେମ ଜାଗା ଆଉ ସେମ ଟାଇମରେ। bye love u......।

ମଳୟ ପାଦତଳୁ ମାଟି ଖସିଗଲା ସତେକି ତା ମୁଣ୍ଡ ଉପରେ ଆକାଶ ଛିଡିଗଲା। ଶିରା ପ୍ରଶିରା ଖଣ୍ଡ ଖଣ୍ଡ ହେଇ ବିଷାକ୍ତ ରକ୍ତ ସବୁ ଦେହ ସାରା ଖେଳେଇ ହେଇ ଗଲା। ଆଖିରୁ ଖଣ୍ଡ ଖଣ୍ଡ ଲାର୍ଭା ଉଦ୍‌ଗିରଣ ପରି ଭୟଙ୍କର ଦେଖାଯାଉଥିଲା। ମୋବାଇଲ ଫୋପାଡି ଦେଇ ବେଡ ଉପରୁ ବର୍ଷାର ଚୁଟିକୁ ଘୋଷାଡି ଆଣି ତଳେ ପକେଇ ଦେଲା। ତୋର ଏ ଅଲଜ୍ୟା ଚରିତ୍ର ଉପରେ ମୋର ସନ୍ଦେହ ଥିଲା ଆଜି ସତ କଥା ଜଣାପଡିଲା। ମୋ ଆଗରେ ସତୀ ସାବିତ୍ରୀର ଅଭିନୟ କରି ମୋ ପଛ ପଟେ ଟୋକାଙ୍କ ସହିତ ରାସ ଲୀଳା କରୁଛୁ। କରିବୁନି କେମିତି ମୁଁ ତ ତତେ ଟାଇମ ଦେଇ ପାରୁନି। ତୋର ସହିତ ଏମିତି ନିର୍ଲଜ ହେଇ ପାରୁନି। ଯେତେ ଜୋର ପାଟି ଚାଲୁ ଥାଏ ସେତେ ଜୋର ଗୋଇଠା ଉପରେ ଗୋଇଠା ମାରି ଚାଲି ଥାଏ।

ବର୍ଷା- ମୋ କଥା ତ ଥରେ ଶୁଣ.....

କଣ ହେଲା ତମର..... ଏମିତି ଅଧା ଅଧା କଥା କହି ଚାଲିଥାଏ। ଶେଷରେ ନିରୁପାୟ ହେଇ ମଳୟର ଗୋଡକୁ ଧରି ପକେଇଲା। ମଳୟ ଆହୁରି ରାଗିଯାଇ ତ ଚୁଟିକୁ ଘୋଷାଡି ଘୋଷାଡି ନେଇ ବାହାରେ କବାଟ ଖୋଲି ଗୋଟେ ଧକ୍କା ମାଇଲା ଯେ ବର୍ଷା ଯାଇ ରାସ୍ତାରେ ପଡିଛି। ଜା ଜା ମନ ଭରି ଟୋକାଙ୍କ ସାଂଗରେ ବୁଲ। ତୋ ପରି ଜଣେ ଚରିତ୍ର ହୀନା ଝିଅ ଜଣେ ପୁରୁଷ ପାଖରେ କେବେ ସନ୍ତୁଷ୍ଟ ନୁହନ୍ତି କି ତୁ ମୋ ପାଖରେ ରହି ପାରିବୁନି। ତୁ ରହିଲେ ବି ମୁଁ ଆଉ ତୋ ପାଖରେ ରହିପାରିବିନି କହି କବାଟ ଧଡ ଧାଡ ବନ୍ଦ କରିଦେଲା। ଡାଇନିଂରେ ବସି ଗୋଟେ ପରେ ଗୋଟେ ମଦ ବୋତଲ ଖାଲି କରି ଚାଲିଥାଏ।

ବର୍ଷାର ମୁଣ୍ଡ କଂକ୍ରିଟ ରାସ୍ତାରେ ବାଜି ବେହୋସ ହେଇ ପଡିଥାଏ। କରେଣ୍ଟ ନଥିବା ଏକ ଅନ୍ଧାର ରାତିରେ ତ ମୁଣ୍ଡରୁ ରକ୍ତ ବୋହି ଚାଲିଥାଏ।

ମଳୟର ନିଶା ଆଉ ନିଦ ଭାଙ୍ଗିଲା ପରେ ଡାଇନିଂ ଉପରୁ ମୁଣ୍ଡ ଟେକି କାନ୍ଥ ଘଣ୍ଟାକୁ ଚାହିଁଲା ରାତି ପ୍ରାୟ ଚାରିଟା ହେଲାଣି। ଉଠି ଭାବିଲା ଯାଏ ତା ମୋବାଇଲରୁ ମୁଁ ବର୍ଷା ନାରେ ସେ ଟୋକାକୁ ମେସେଜ କରିବି। ଟଳି ଟଳି ଯାଇ ପାର୍ଟ ପାର୍ଟ ହେଇ ଯାଇଥିବା ମୋବାଇଲକୁ ଯୋଡି ସୁଇଚ ଅନ କଲା। ଦେଖିଲା ସେ ଟୋକାର ଆଉ ଗୋଟେ ମେସେଜ ଆସିଛି।

"Sorry ଏ ମେସେଜ ୮୦ରେ ଯିବା କଥା ଭୁଲରେ ଆପଣଙ୍କ ନମ୍ବର ୦୮କୁ ଚାଲିଯାଇଛି, I am extremely sorry"।

ମଳୟ ଫଟାଫଟ ମୁହଁକୁ ଝାଡି ଆଖିକୁ ଭଲ ଭାବରେ ପୋଛି ସେ ମେସେଜ ଆଉ ଥରେ ପଢିଲା। ବାରମ୍ବାର ପଢିଲା। ଦୌଡି ଯାଇ ମେନ ଡୋର ଖୋଲିଲା ବର୍ଷା ନାହିଁ। ରାସ୍ତାରେ ପାଗଳଙ୍କ ପରି ବର୍ଷା ବର୍ଷା ଡାକି ଏ ଗଳିରୁ ସେ ଗଳିକୁ ଘୁରିବୁଲିଲା। କିଛି ବାଟ ଗଲା ପରେ ରାସ୍ତା କଡରେ ଚାରି ଛଅ ଟି ଗଛ ଛାଇରେ କିଛି ଧଡ ଖଡ ଶବ୍ଦ ହଉଥାଏ। ମଳୟର ପାଟି ଶୁଣି ସେମାନେ ଦୌଡି ପଳେଇ ଗଲେ। ମଳୟ କିଛି ନଭାବି ସେଠି କି ଦୌଡି ଗଲା। ମୋବାଇଲର ଝାପ୍ସା ଆଲୁଅରେ ଦେଖିଲା ଖିନ୍‌ଭିନ୍ ହେଇ ପଡିଛି ବର୍ଷାର ରକ୍ତ ଜୁଡୁବୁଡୁ ଉଲଗ୍ନ ମୃତ ଶରୀର....।

*ଭବାନୀପାଟଣା*

*ଦୂରଭାଷ : ୯୪୩୭୩୯୫୦୩୮*



[illegible] କବିତା

## ବର୍ଷା

### ଗଜାନନ ମିଶ୍ର



ବର୍ଷା ନିଜେ ଆସି
ଦେଲା ଘାଣ୍ଟି ଭିତର ବାହାର
ଆଉ ବସି ରହିଲା ଚକାମାଡି
ସାମ୍ନାରେ ଯିବାକୁ ନ ଦେଇ
କାହାକୁ ଜଣକୁ ବି।

ବର୍ଷା ମାଗିଲା ପ୍ରେମ
ଦେବାଲୋକ ନ ଥିବାବେଳେ
କେହି ଜଣେ ଏଠି।
ଝୁଙ୍କିପଡି ଆଗକୁ ଖୋଜିଲା
କଣ କଣ ମନଭରି।
ଅନ୍ୟମନସ୍କ କଲା ସଭିଙ୍କୁ,
ଶ୍ରଦ୍ଧା ଦେଲା ସମ୍ମାନ ଦେଲା
ଆଉ ରଖିଲା ସମୁଦ୍ର ଭିତରର
ବତୀଘର ଭଳି।
ହାତ ହଲେଇ ଟା ଟା କଲା
ଆଉ କହିଲା ପୁଣି ହେବା ଦେଖା,
ଏଥର ଏତିକି ବୋଲି କହିଲା ପୁଣି
ଆଉ ନିର୍ଜନ ଇଲାକାରେ
ଡାକିଲା ଥାରେ ଥା।

*ତପୋବନ, ଟିଟିଲାଗଡ, ବଲାଙ୍ଗିର*

## ପ୍ରଶ୍ନ ଟିଏ

### ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ



ହଜିଯାଇଥିବା ଅତୀତ
ତୋତେ କେବଳ ଗୋଟିଏ ପ୍ରଶ୍ନ!
ତୁ କହି ପାରିବୁକି?
ଦୂର ଅରଣ୍ୟର ଦୁଃଖଦ କାହାଣୀ
ଈର୍ଷାଳୁ ପବନର ଅହଂକାର ଆଉ
ସେଇ କାମନା ଜର୍ଜରିତ ଦୃଷ୍ଟି ସଂପର୍କରେ।
ତୁ କହିପାରିବୁକି?
ତୋ ସମୟ ବଳୟରେ ସୃଷ୍ଟ
ସେ ଅସହାୟତା ବିଷୟରେ
ଯୋଉଠି ଦଗ୍ଧୀଭୂତ
ହେଉଥିଲା କେତେକ ଛାତି
କଅଁଳ ଶିଶୁକୁ ଦେଇ ନପାରି
କ୍ଷୀର ମୁନ୍ଦିଏ।
ମୃତ ପୃଥିବୀର ଇତିହାସକୁ
ଓଲଟେଇ ପାରିବାର କ୍ଷମତା ଅଛି କି ତୋର?
ଅମେରୁଦଣ୍ଡୀ ମାନଙ୍କୁ ସାହସ,
ହାରିଯାଉଥିବା ଦୁର୍ବଳ ମାନଙ୍କୁ
ଆତ୍ମବିଶ୍ୱାସ ଯୋଗେଇ ଦେଇ।
ଉଲଗ୍ନ ନୀରବତାକୁ ଆଡେଇ
ଶବ୍ଦର କୋଳାହଳ ସୃଷ୍ଟି କରିବାକୁ
ଅଛି କି ଖୋରାକ ତୋ ପାଖରେ?
ଏ ଜଗତ ଜୀବନର ଉଦ୍ଧାର ପାଇଁ।
ତୁ କହିଦେ ଅତୀତ
ଫିଟେଇଦେ ସଳଖ ରାସ୍ତା ଟିଏ
ଏ ଦେଶ ଶ୍ମଶାନ ହେବା ଆଗରୁ
ଏ ଜାତି ନିଶ୍ଚିହ୍ନ ହେବା ଆଗରୁ!

*ମାର୍ଫତ-ଶ୍ରୀ ଦେବରାଜ ସାହୁ*
*ଝରିଆପାଲି, ସୁନ୍ଦରଗଡ*

## ତୁମେ ଡାକିଥିଲେ

### ଉମାକାନ୍ତ ମହାପାତ୍ର



ତୁମେ ଡାକିଥିଲେ
ଥାଆନ୍ତି ଯାଇ,
ନ ଡାକିଲ ନାଇଁ
ରହିଚି ଚାହିଁ,
ଯିବି ପଳେଇବି
ଏ ଦୁନିଆ ଛାଡି
ନ ହେଲା ନାଇଁ।
ବୟସ ସରିଲା
ଅୟସ ସରିଲା
ବାସ ଚହଟିଲା
ନ ହେଲା ନାଇଁ,
ଯିବି ଛାଡି ଯିବି
ଏ ଧରା ଭୂଇଁ।
ମନରେ ତୁମର
କଅଣ ଅଛି ମୁଁ
ଜାଣି ତ ନାଇଁ।
କପଟ କରି ମୁଁ
ଜାଣି ତ ନାଇଁ,
ଦେହେ ବହୁଅଛି
ଅଜଣା ନଈ,
ହାତରେ କାଇଁ
କିଛି ତ ନାଇଁ।
ନିଶ୍ୱାସରେ ଆଜି
ଫୁଟୁଛି ଖଇ,
ପାଖ ପଡିଶା ମୋ'
କେହି ତ ନାହିଁ।
ନିଜର ନିଃଶ୍ୱାସ
ନିତି ଡରଉଛି
ଖରା ଯାଇ ସଞ୍ଜ
ଆସୁଛି ନଇଁ।
ନହେଲା ନାଇଁ
ଆଉ କା ପାଇଁ
ରହିବି ଚାହିଁ ମୁଁ
ରତରତ ରାତି
ଆସୁଛି ଧାଇଁ,
ମୁଁ କାହାରି ପାଇଁ
ବିକଳେ ଆକୁଳେ
ରହିଛି ଚାହିଁ
କଅଣ ପାଇଁ
ଡାକିଲ ନାଇଁ?

*ବଳିଆପଣ୍ଡା, ପୁରୀ*

## କବିତାର କଥା

(ଭାଗ-୭୮)



ଉମାକାନ୍ତ ରାଉତ



## ତାଙ୍କୁ ଲୁଚେଇ ରଖିଥିଲା କିଏ ?

କିଏ ଦେଖିଛ କି ....??

ଅଶ୍ୱତ୍ଥ ଗଛରୁ ପବନ କେମିତି ସାଉଁଳେଇ ଆଣେ ହଳଦୀଆ ପତ୍ର!

ପତ୍ରର ଶବ୍ଦ ତୁମକୁ ଶୁଭେ କି ପ୍ରକାର?

ମୁହଁରେ କେମିତି ବଦଳେ ପାଗ?

ବିନା ଇସାରାରେ କେମିତି ବହେ ଝଡ଼।

ବିନା ଆଷାଢ଼ରେ କେମିତି ବର୍ଷିଯାଏ ପୂବେଇ ଉଠାଣ!

ଫୁଲର ଛାତି କେମିତି ହୁଏ ପଥରରୁ ଆହୁରି ପଥର!!

ଆଖିର ବଉଦ କେମିତି ଆଣିଦିଏ ବର୍ଷା....??

ଏମିତି ସବୁ ଛାତିଜଡ଼ା ନିରଳା ଓ ନିର୍ଭେଜାଲ କଥା ମୁଁ ଦେଖିଛି ତଥା ହେଜିଛି ବୋଲି ଜାଣି ଆପଣ ହୁଏତ ଈର୍ଷାରେ ଜଳି ଯାଉଥିବେ। ଜଳିବା ବି ସ୍ୱାଭାବିକ। ହେଲେ ସତକଥାଟି ହେଲା - ଏସବୁ କ'ଣ ମୋର? ଏମିତି ସବୁ ଶବ୍ଦପୁଞ୍ଜର ପ୍ରେମରେ ପଡି ଯାକୁ ନିଜର କରିନେଇଛି ସିନା, ଏସବୁ ମୋର ନୁହେଁ; ତାଙ୍କର।

ଆପଣମାନଙ୍କ ଭଳି ସମାନଭାବେ ମୋର ବି ଈର୍ଷା ଜନ୍ମିଥିଲା ଏମାନଙ୍କ ଗହଣରେ ଚଲାବୁଲା କଲାବେଳେ। ହେଲେ, ସେଇ ଈର୍ଷା ହିଁ ଏସବୁ ଶବ୍ଦମାନଙ୍କ ପ୍ରତି ତା'ର ବିପରୀତ ଘଟଣା ଘଟେଇଲା। ତାହା ହେଲା - ମୋହ ବା ପ୍ରେମ। ଅଜାଣତରେ ସେଇସବୁ ଶବ୍ଦମାନଙ୍କ ପ୍ରତି ମୋର ପ୍ରେମ ହେଇଗଲା। ବାସ୍, ପ୍ରେମରେ ପଡ଼ିଲି ତ ପଡ଼ିଲି.......ସେଇ ଦିନଠୁଁ ତା'ର ଘୁମର ଗଣ୍ଡରେ ବୁଡୁଛି ଆଉ ଉଠୁଛି, ଆକ୍ତାମାକ୍ତା ହେଉଛି ସିନା; ତା'ର ଆବର୍ତ୍ତରୁ ମୁକୁଳି ପାରୁଛି କାହିଁ? ସେଇ ଶବ୍ଦମାନଙ୍କର ମନ୍ତ୍ରଧ୍ୱନି ଯେମିତି ମୋର ମୁକୁଳିବାର ସମସ୍ତ ରାହାକୁ ବନ୍ଦୀ କରି ଦେଇଛି! ଆଉ ବନ୍ଦ କମଳ ପାଖୁଡ଼ା ଭିତରେ ବନ୍ଦୀ ଭଅଁରର ବିଷମ ସନ୍ଧି ଭଳି ମଧୁ ରେ ମଧୁରେ ଶେଷ ନିଃଶ୍ୱାସ ପାଇଁ ମୁଁ ଚୁକ୍ତିବଦ୍ଧ ହେଉଛି! ଆପଣାର ଚିତାଗ୍ନି ଦେଖିବାର ଚଉଡ଼ା କପାଳକୁ ଆୟତ୍ତ କରି ଦୁଃଖକୁ ଉଡ଼େଇ ଦେଉଛି ଅଜଣା ଚଢ଼େଇ କରି....। ପୁଣି ସେଇ ଶବ୍ଦମାନେ ଚୋରା ଚଇତାଳି ସାଜି ମୋ ପାଖକୁ ସାଉଁଟି ଆଣୁଛନ୍ତି ସୁଖର ସୌରଭ।ଆପଣାର ଚିତାଗ୍ନି ଦେଖିବାର ଚଉଡ଼ା କପାଳ କ'ଣ ସମସ୍ତଙ୍କ ଭାଗ୍ୟରେ ଥାଏ?

ସ୍ୱପ୍ନର ଭୁଆସୁଣୀ କ୍ଷେତସବୁ ଉଜୁଡି ଗଲେ ବି ତାଙ୍କ ଶବ୍ଦର କାଉଁରି ପ୍ରତିଟି ପ୍ରତ୍ୟୟରେ ଭରିଦିଏ ମୁଠୁଣିଏ ମାଟି ପରି ଅଙ୍ଗାର ଭିତରେ ଶୃଙ୍ଗାର, ପୋଷେ ଆକାଶ ପରି କାଳିମା ଭିତରେ ନିଳୀମା,ଆଉ ଫୁଲର ଚମକ ପରି ତୃଷ୍ଣା ଭିତରେ ବି ତାରାର ତଲାସ୍। ତାଙ୍କର ଶବ୍ଦମାନଙ୍କର କରିସ୍ମା ପରାଧୀନତାରେ ବି ଭରିପାରେ ସାର୍ବଭୌମତାର ସ୍ୱାଦ।

ମୋ'ର ସମଗ୍ର ଜୀବଦ୍ଦଶାରେ ଏମିତି ଚାଲବୁଲ କରିପାରୁଥିବା, ମୁହାଁମୁହିଁ କଥାବାର୍ତ୍ତା କରୁଥିବା ଜୀଅନ୍ତା ଶବ୍ଦମାନଙ୍କର ସିମ୍ଫୋନି ଯେ ମୁଁ ଆଉ କେଉଁଠୁ ପାଇବି, ସେ ଆଶା ବିଶ୍ୱାସ ମୋର ଆସୁନାହିଁ। ଗୋଟିଏ କାହିଁକି, ତାଙ୍କର ପ୍ରତିଟି କବିତାକୁ ପଢନ୍ତୁ। ଯଦି ମୁଁ କିଛି ବି ଲେଖି ନାହିଁ ବୋଲି ଗୋଟେ ଅପାରଗ ଅପାରଗ ଭାବ, ଅବସୋସ ଏବଂ ତ୍ରିଶଙ୍କୁ ଅବସ୍ଥା ଆପଣଙ୍କୁ ଗ୍ରାସ ନ କରିବ,ତେବେ କହିବେ ଯେ ମୁଁ ଭୁଲ୍ କହୁଛି। ହେଲେ ମୋତେ ଭୁଲ୍ ବୋଲି ପ୍ରମାଣ କରିବା ଆଗରୁ ମୋ ଭଳି ଆପଣ ମଧ୍ୟ ତାଙ୍କର ସେଇ ଶବ୍ଦକୁହୁକର ଗଣ୍ଡରେ ପଡ଼ି ସାରିଥିବେ। ହାଃ...ହାଃ....

ସବୁ ବଉଳ ଆମ୍ବ ହୁଅନ୍ତି ନାହିଁ। ସବୁ ଲେଖାଯାଇଥିବା ଧାଡ଼ି କବିତା ହୁଏ ନାହିଁ। ହେଲେ, ତାଙ୍କର ପ୍ରତ୍ୟେକଟି କବିତା କ'ଣ, ପ୍ରତିଟି ଧାଡ଼ି ଯେମିତି ରସାଳ ବୃକ୍ଷର ଗୋଟେ ଗୋଟେ ସୁସ୍ୱାଦୁ ଫଳ! କେବଳ ସହାବସ୍ଥାନ ନୁହେଁ, ମାଟି ସହ ଏକ ଓ ଅଭିନ୍ନ ନହେଲେ କବିତା ଫଳେ ନାହିଁ - ସିଏ ହିଁ ଏହାର ଜ୍ୱଳନ୍ତ ଉଦାହରଣ। ଏ ଲେଖକ କେବଳ ତାଙ୍କର ଜଣେ ମୁଗ୍ଧ ପାଠକ ନୁହେଁ, ତାଙ୍କର ଅନନ୍ୟ ବ୍ୟକ୍ତିତ୍ୱକୁ ପାଖରୁ ଦେଖିଥିବା, ଅନୁଭବ କରିଥିବା ଜଣେ ହତବାକ୍ ମଣିଷ। ବଡ଼ ବଡ଼ ପୁରସ୍କାର ହାତେଇଥିବା ଅନେକ ତଥାକଥିତ ବଡ଼ କବିଙ୍କଠାରୁ ସିଏ ଯେ ଢେର୍ ମହାନ୍ - ଏକଥା ମୁଁ ଛାତିରେ ହାତ ବାଡ଼ଇ କହିପାରେ।

ହେଲେ, ଏମିତି ଜଣେ ଜନ୍ମଜାତ, ମାଟି ମାଆ ଗାଆଁ ଆଉ ନଈନଉକାର କବିଙ୍କୁ ଏତେଦିନ ଆଢୁଆଳରେ ଲୁଚେଇ ରଖିଥିଲା କିଏ??

ପରବର୍ତ୍ତୀ ଭାଗଗୁଡିକ କହିବ ସେ କଥା........।।

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ




**ଜଗତ୍‌ସିଂହପୁର :** ଦିନକୁ ଦିନ ଜଙ୍ଗଲ ଜମି ସବୁ ହଣାଯାଇ ସରକାରୀ ବାବୁମାନଙ୍କ ପାଇଁ ଗୃହନିର୍ମାଣ ହେଉ ବା ବଡ ବଡ ଶିଳ୍ପପତି ମାନଙ୍କୁ ବିକ୍ରୟ କରିଦିଆଯାଉଥିବା ବେଳେ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉନାହିଁ। ଜଗତସିଂହପୁର ଜିଲ୍ଲାରେ ୧୯୯୯ ମସିହା ମହାବାତ୍ୟାରେ ବୃକ୍ଷରାଜି ସବୁ ଭାଙ୍ଗି ଧ୍ୱଂସ ସ୍ତୁପ ହୋଇଯାଇଥିବା ବେଳେ ଏହି ଜିଲ୍ଲାର ବହୁ ବୁଦ୍ଧିଜୀବି, ପ୍ରକୃତି ବନ୍ଧୁ ଓ ସମାଜସେବୀମାନେ ଜିଲ୍ଲାକୁ ବନ୍ୟା, ବାତ୍ୟା, ମହାବିପତିରୁ ରକ୍ଷା କରିବାପାଇଁ ସବୁ ସ୍ଥାନମାନଙ୍କରେ ବୃକ୍ଷରୋପଣ କରିବା ନିମନ୍ତେ ସରକାରଙ୍କ ନିକଟକୁ ହାତ ବଢାଇଛନ୍ତି। ସେଥିପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରୁଛନ୍ତି। ଜଗତସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉପଢୌକନ ଓ ମାନପତ୍ର ପ୍ରଦାନ କରିଥିବା ବେଳେ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ମଧ୍ୟ ଅଂଶଗ୍ରହଣ କରିଥିଲେ। ବୃକ୍ଷରାଜି ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଜଗତସିଂହପୁର ଜିଲ୍ଲାରେ ୮ଗୋଟି ବ୍ଲକ ମଧ୍ୟରୁ ଚଳିତ ବର୍ଷ ୮ଜଣଙ୍କୁ ସମ୍ମାନୀତ କରାଯିବା ସହିତ ନଗଦ ୧୦ହଜାର ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି । ଜଗତସିଂହପୁର ବ୍ଲକ ପକ୍ଷରୁ ବିଜୟଲକ୍ଷ୍ମୀ ମହାପାତ୍ର, ବିରିଡି ବ୍ଲକ ପକ୍ଷରୁ ଗୟାଧର ମହାନ୍ତି, ନାଉଗାଁ ବ୍ଲକ ପକ୍ଷରୁ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ବାଲିକୁଦା ବ୍ଲକ ପକ୍ଷରୁ ସ୍ମିତା ଦାସ, ଏରସମା ବ୍ଲକ ପକ୍ଷରୁ କୈଳାଶ ଚନ୍ଦ୍ର ପରିଡା, କୁଜଙ୍ଗ ବ୍ଲକ ପକ୍ଷରୁ ସୂର୍ଯ୍ୟମଣି ନାୟକ, ତିର୍ତୋଲ ବ୍ଲକ ପକ୍ଷରୁ ପ୍ରଦ୍ୟୁମ୍ନ ରଥ ଓ ରଘୁନାଥପୁର ବ୍ଲକ ପକ୍ଷରୁ ଯୁବସମାଜସେବୀ ତଥା ସମାଜ ବିକାଶ ମିଶନ୍‌ର ସୃଷ୍ଟିକର୍ତ୍ତା ସରିତ୍ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଶ୍ରୀ ମହାପାତ୍ର ଜଣେ କେବଳ ପରିବେଶବିତ୍ ନୁହନ୍ତି, ତାଙ୍କ ଜୀବନକାଳ ମଧ୍ୟରେ ପରୋପକାରୀ ସେବା କରି କରି କୋଭିଡ୍ ମହାମାରୀ ସମୟରେ ମଧ୍ୟ କୋଭିଡରେ ମୃତ୍ୟୁବରଣ କରିଥିବା ଶବକୁ ତାଙ୍କ ଦ୍ୱାରା ପରିଚାଳିତ ସମାଜ ବିକାଶ ମିଶନ ଦ୍ୱାରା ନେଇ ଦାହ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି କଟକ-ପାରାଦ୍ୱୀପ ରାସ୍ତା ହେଉ ବା ଗ୍ରାମାଂଚଳମାନଙ୍କରେ ଦୁର୍ଘଟଣା ଘଟୁଥିଲେ ଚିହ୍ନା ଅଚିହ୍ନା ନଭାବି ତାଙ୍କୁ ଡାକ୍ତରଖାନାରେ ପହଂଚାଇ ତାଙ୍କର ଚିକିତ୍ସା କରିବାରେ ପ୍ରମୁଖ ଭୂମିକା ବି ରହିଛି। ତାହା ସହିତ ରାସ୍ତାକଡ ମାନଙ୍କରେ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ବୁଲୁଥିବା ପାଗଳ ଲୋକମାନଙ୍କୁ ଉଦ୍ଧାର କରି ତାଙ୍କର ବି ଚିକିତ୍ସା କରିବାରେ ସେ ସହାୟତାର ହାତ ବଢାଇଛନ୍ତି। ଶ୍ରୀ ମହାପାତ୍ର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକୃତିବନ୍ଧୁ ପୁରସ୍କାର ପାଇବା ପରେ ରଘୁନାଥପୁର ଅଂଚଳରେ ବହୁ ବୁଦ୍ଧିଜୀବି ଏହାକୁ ସ୍ୱାଗତ କରିବା ସହିତ ତାଙ୍କର ଉତୋରତର ଉନ୍ନତି କାମନା କରିଛନ୍ତି।

# ଗଞ୍ଜେଇ ଚୋରା ଚାଲାଣ ମାମଲା: ତିନି ଜଣଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**କୋରାପୁଟ :** କୋରାପୁଟ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ମହଲତ ସା' ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ବିଚାରକରି ତିନିଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଏବଂ ଏକ ଲକ୍ଷ ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦେୟ ଆଉ ଦୁଇବର୍ଷ ସଶ୍ରମ କାରାଦଣ୍ଡ। ଅଭିଯୁକ୍ତମାନେ ହେଲେ ଛତିଶଗଡ଼ କାଙ୍କେର ଅଞ୍ଚଳର କେଶବ କୁମାର ତାରେ (୩୫), ଛତିଶଗଡ଼ ବାଲୁଦ ଅଞ୍ଚଳର ଶୀତଲ ସିଂ (୪୮) ଓ କୋରାପୁଟ ଜିଲ୍ଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ଡାଲିଗୁଡାର ଲକ୍ଷ୍ମଣ ଅଡାରି । ୮ ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ମାନ୍ୟବର ଅଦାଲତ ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ଏକ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି । ଜରିମାନା ଅନାଦେୟ ଆଉ ଦୁଇ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି ମାନ୍ୟବର ଅଦାଲତ।ମିଳିଥିବା ସୂଚନା ଅନୁଯାୟୀ, ୨୦୧୬ ଅଗଷ୍ଟ ୨୫ ତାରିଖ ସକାଳୁ ମାଛକୁଣ୍ଡରୁ ଛତିଶଗଡ଼ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ସବ ଇନ୍ସପେକ୍ଟର ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ମାଛକୁଣ୍ଡ ପୁଲିସ ଟିମ ଲମତାପୁଟ ଜୟପୁର ରାସ୍ତାର ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଯାଞ୍ଚ କରୁଥିଲା । ସକାଳ ପ୍ରାୟ ସାଢ଼େ ସାତଟା ସମୟରେ ଲମତାପୁଟ ସଗର ଆଡୁ ଏକ ସ୍ୱରାଜ ୧୧୧୦ ଟ୍ରକ୍ (ସିଜି ୪ ଜେଡି ୫୭୩୬) ଆସୁଥିବା ଦେଖି ପୁଲିସ ଅଟକାଇବାରୁ ଗାଡିଟି ନ ଅଟକି ଦ୍ରୁତ ଗତିରେ ଚାଲିଯାଇଥିଲା। ପୁଲିସ ଗାଡିଟିର ପିଛା କରିବାରୁ ଗାଡି ମାଲିକ, ଡ୍ରାଇଭର ଏବଂ ଅନ୍ୟ ଜଣେ ରାସ୍ତାକଡରେ ଗାଡିଟିକୁ ରଖି ଦୌଡ଼ିଯାଇ ପଳାଇ ଯାଇଥିଲେ। ଗାଡି ତନଖିକରିବାରୁ ପୁଲିସ ଗାଡିରୁ ୧୨୦୦ କିଲୋ ଗଞ୍ଜେଇ ଜବତ କରିବା ସହ ଗାଡ଼ିରେ ବସିଥିବା କେଶବ ତାରେ, ଶୀତଲ ସିଂ ଓ ଲକ୍ଷ୍ମଣ ଅଡାରୀଙ୍କୁ ଗିରଫ କରିଥିଲା। ଫେରାର ହୋଇଯାଇଥିବା ଅଭିଯୁକ୍ତ ମାନେହେଲେ ଛତିଶଗଡ଼ର ଗାଡି ମାଲିକ ସରିତା ତୁରେ, ଡ୍ରାଇଭର ନନ୍ଦକୁମାର ଓରଫ ସନ୍ତୋଷ କୁମାର ଓ ମାଛ କୁଣ୍ଡ ଅଂଚଳର ରାମାରାଓ ଖଡା। ଏନଡିପିଏସ ଆଇନ ଅନୁଯାଇ ମାଛକୁଣ୍ଡ ଥାନାରେ ଏକ ମାମଲା ନମ୍ବର ୫୫/୨୦୧୬ ରୁଜୁ କରାଯାଇ ତଦନ୍ତ ଚାଲିଥିଲା । ପରବର୍ତ୍ତୀ ସମୟରେ ଗିରଫ ତିନି ଅଭିଯୁକ୍ତଙ୍କ ନାମରେ ପୁଲିସ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପରେ କୋରାପୁଟ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜଙ୍କ ଅଦାଲତରେ କେଶ ନମ୍ବର ଟିଆର ୪୧/୨୦୧୬ ରେ ବିଚାର ଚାଲିଥିଲା । ଅଭିଯୁକ୍ତଙ୍କ ବିଚାର ଆଜି ଶେଷ ହୋଇଥିବା ବେଳେ ମାନ୍ୟବର ଅଦାଲତ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଜୟନ୍ତ କୁମାର ମିଶ୍ର ମାମଲାର ପରିଚାଳନା କରୁଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅନ୍ଧ କରିଦେବ ...

ହେଲେ ଗୁଗଲ ଅର୍ଥର ସଦ୍ୟତମ ଚିତ୍ରରୁ ଜଣା ପଡୁଛି ଯେ, କାମ ଏବେ ଦ୍ରୁତ ବେଗରେ ଆଗେଇ ଚାଲିଛି। ସ୍ପେସ ରିଭ୍ୟୁ ଏବଂ ବିଡିଆରର ରିପୋର୍ଟ୍ସ ଅନୁଯାୟୀ, ଏହି ଆଣ୍ଟି ସାଟେଲାଇଟ୍ ସିଷ୍ଟମ କ୍ରୋନା ସ୍ପେସ୍ ସର୍ଭିଲାନ୍ସ ସିଷ୍ଟମର ଉନ୍ନତ ଭର୍ସନ। ଏଥିରୁ ଲେଜର ଆକ୍ରମଣ କରାଯାଇଥାଏ। ଏହାର ସଞ୍ଚାଳନ ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ କରିଥାଏ। ଏହାକୁ ପଶ୍ଚିମି ଜେଲେନଚୁକସ୍କାୟାଠୁ ଅନେକ ମାଇଲ୍ ଦୂରରେ ମୁତୟନ କରାଯାଇଛି। ରୁଷ ଏମିତି ପ୍ରଣାଳୀକୁ ଉପଯୋଗ କରୁଛି ଯଦ୍ୱାରା ଆଣ୍ଟି ସାଟେଲାଇଟ୍ ସିଷ୍ଟମକୁ ରାଡାର ଏବଂ ଲିଡାର ଉଭୟର ଉପଯୋଗ କରି ସୂଚନା ଦେଇପାରିବ। ୧୯୭୦ ଦଶନ୍ଧିରେ ସରକାର ଏହାର ପରିକଳ୍ପନା କରିଥିଲେ। ହେଲେ ୨୦୦୦ ମସିହା ପର୍ଯ୍ୟନ୍ତ ଏହାର ସଞ୍ଚାଳନ କରାଯାଇ ପାରିନଥିଲା। ମହାକାଶ ସମୀକକ୍ଷଙ୍କ କହିବା କଥା ସଂପ୍ରତି ଅନଲାଇନ୍ ପେପର ଏବଂ କୋର୍ଟ ରେକର୍ଡରୁ କଲୀନାର ଉପସ୍ଥିତି ବିଷୟରେ ସନ୍ଧାନ କରିବାକୁ ପଡିବ। କଲୀନା ଏକ ଆଣ୍ଟି ସାଟେଲାଇଟ୍ ହତିଆର ଭାବେ କାମ କରିଥାଏ। ଏହା ବିଦେଶୀ ସାଟେଲାଇଟ୍‌କୁ ଟାର୍ଗେଟ୍ କରିବାର କ୍ଷମତା ରଖିଥାଏ। ତେବେ ଏହା ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ ଯେ, କଲୀନା ସାଟେଲାଇଟ୍ ବିରୋଧରେ କେତେ ପ୍ରଭାବୀ ରହିଛି। ରୁଷ ଏହି ହତିଆରକୁ ୨୦୧୧ରେ ବିକଶିତ କରିଥିଲା। ସେହି ସମୟରେ ଏହା ଉପରେ କାମ ଚାଲିଥିବା କୁହାଯାଇଥିଲା। ରୁଷ ଭବିଷ୍ୟତରେ କଲୀନାର ବ୍ୟବହାର କରିବାର ସମ୍ଭାବନା ରହିଛି। ସଂପ୍ରତି ମହାକାଶ ସଂପର୍କିତ ପ୍ରୋଜେକ୍ଟକୁ ନେଇ ରୁଷ କୌଣସି ସୂଚନାକୁ ସାମ୍ନାକୁ ଆସିବାକୁ ଦେଉନାହିଁ। ଏମିତିରେ କଲୀନା ବାସ୍ତବରେ କେତେ ପ୍ରଭାବଶାଳୀ ରହିବ, ତାହା ଭବିଷ୍ୟତରେ ବ୍ୟବହାର ପରେ ହିଁ ଜଣା ପଡିବ।

### ଶ୍ରେଷ୍ଠ ୧୦୦ରେ ...

ର୍‍ୟାକିଙ୍ଗ୍ ଫେମୱାର୍କ(ଏନଆଇଆରଏଫ) ଅନ୍ତର୍ଗତ ଇଣ୍ଡିଆ ର୍‍ୟାକିଙ୍ଗସ୍- ୨୦୨୨କୁ ଉନ୍ମୋଚନ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦେଶର ଶ୍ରେଷ୍ଠ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡିକୁ ପୁରସ୍କୃତ କରିବା ସହ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଯେ ଆମେ ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା ଯୁକ୍ତ ଶିକ୍ଷା ଆଧାରିତ ଅର୍ଥନୀତି ଗଠନ କରିବାରେ ଅଗ୍ରସର ହେଉଛୁ । ଆମର ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡିକ ଭାରତକୁ ବୈଶ୍ୱିକ ନବସୃଜନ ତଥା ଡିଜିଟାଲ ଅର୍ଥନୀତି କ୍ଷେତ୍ରରେ ଆଗକୁ ନେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବେଳେ ସମାଜର ଅନ୍ତିମ ଶ୍ରେଣୀର ଲୋକଙ୍କ ପାଖରେ ଗୁଣାତ୍ମକ ଶିକ୍ଷାକୁ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ଆକ୍ରେଡିଟେସନ ଏବଂ ଆସେସମେଂଟ୍ ଆଗକୁ ବାଧ୍ୟତାମୂଳକ ହେବ ଓ ସବୁ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଆକ୍ରିଡେଟେଡ୍ ହେବାକୁ ପଡିବ । ଆତ୍ମଘୋଷଣା(ସେଲଫ ଡିକ୍ଲାରେସନ) ଏବଂ ପାରଦର୍ଶିତା ମୂଲ୍ୟାଙ୍କନ ଏବଂ ଆକ୍ରେଡିଟେସନ ଆଧାରରେ ସମସ୍ତ ଶିକ୍ଷାନୁଷ୍ଠାନ ଆଗାମୀ ଦିନରେ ଏନଆଇଆରଏଫର ର୍‍ୟାଙ୍କିଂ ବ୍ୟବସ୍ଥାର ଅଂଶ ହେବେ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଗାମୀ ଶିକ୍ଷା ବର୍ଷରୁ ଏନଆଇଆରଫ୍ ର୍‍ୟାକିଙ୍ଗରେ ଇନୋଭେସନ ଏବଂ ଉଦ୍ୟମିତା ବିଭାଗ ମଧ୍ୟ ସାମିଲ କରାଯିବ । ସ୍କୁଲ, ଆଇଟିଆଇ ଏବଂ ପଲିଟେକନିକକୁ ର୍‍ୟାଙ୍କିଂ ଫ୍ରେମୱାର୍କରେ ସାମିଲ କରିବା ପାଇଁ ମଧ୍ୟ ଯୋଜନା କରାଯାଉଛି । ଆମ ଆକ୍ରେଡିଟେସନ ଏବଂ ର୍‍ୟାଙ୍କିଂ ବ୍ୟବସ୍ଥା ଅ'ରାଷ୍ଟ୍ରୀୟ କରାଯିବ । ବିଦେଶୀ ଶିକ୍ଷାନୁଷ୍ଠାନ ଗୁଡିକୁ ମଧ୍ୟ ଏଥିରେ ଭାଗିଦାରୀ ହେବା ପାଇଁ ନିମନ୍ତ୍ରଣ ଦିଆଯିବ । ଆଗାମୀ ଶିକ୍ଷା ବର୍ଷରୁ ନାକ୍ ଏବଂ ଏନବିଏ ଦ୍ୱାରା କରାଯାଉଥିବା ଆକ୍ରିଡେସନକୁ ଏକୀକରଣ କରାଯିବ ବୋଲି ସେ କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ନୂଆ ଜାତୀୟ ଶିକ୍ଷା ନୀତିରେ ମଲଟି ଡିସପ୍ଲିନାରୀକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ନୂଆ କ୍ରେଡିଟ ଫ୍ରେମୱାର୍କରେ ଛାତ୍ରଛାତ୍ରୀମାନେ ପଢୁଥିବା ପାଠକୁ ଅଭିଭାବକମାନେ ଅବଗତ ହେବା ଦିଗରେ ବ୍ୟବସ୍ଥା କରାଯାଉଛି । ସେହିପରି ଶିକ୍ଷାକୁ ସୁଲଭ କରିବା ପାଇଁ ଭାରତ ସରକାର ଡିଜିଟାଲ ବିଶ୍ୱବିଦ୍ୟାଳୟର କଳ୍ପନା କରିଛନ୍ତି । ତେଣୁ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକ ଶିକ୍ଷାକୁ ବ୍ୟବସାୟୀକରଣ ନ କରି ସାଧାରଣ ଘରର ବିଦ୍ୟାର୍ଥୀଙ୍କ ପାଖରେ କିପରି ଶିକ୍ଷା ପହଁଚାଯିବ ଏବଂ ସେଥିପାଇଁ କେଉଁ ଟେକ୍ନୋଲୋଜିର ବ୍ୟବହାର କରାଯିବ, ଏ ଦିଗରେ ଭାବିବା ଉଚିତ୍ । ଦେଶର ସାଧାରଣ ଘରର ପିଲାଙ୍କୁ ଶିକ୍ଷା ମାଧମରେ ଆଗକୁ ନେବାକୁ ସେ ପରାମର୍ଶ ଦେଇଛନ୍ତି । ସୂଚନାଯୋଗ୍ୟ, ଏନଆଇଆରଏଫ ତାଲିକାରେ ସର୍ବଭାରତୀୟ ସ୍ତରରେ ସାମଗ୍ରିକ ବା ଓଭରାଲ ବର୍ଗରେ ଆଇଆଇଟି ମାଡ୍ରାସ୍ ପ୍ରଥମ ସ୍ଥାନରେ ଥିବା ବେଳେ ଆଇଆଇଏସସି ବେଙ୍ଗାଲୁରୁ ଦ୍ୱିତୀୟ ସ୍ଥାନରେ ଏବଂ ଆଇଆଇଟି ବମ୍ବେ ତୃତୀୟ ସ୍ଥାନରେ ରହିଛି। ସେହିପରି ବିଶ୍ୱବିଦ୍ୟାଳୟ ବର୍ଗରେ ଆଇଆଇଏସ୍‌ସି ବେଙ୍ଗାଲୁରୁ ପ୍ରଥମ ସ୍ଥାନରେ ଥିବାବେଳେ ଦ୍ୱିତୀୟ ସ୍ଥାନରେ ନୂଆଦିଲ୍ଲୀ ସ୍ଥିତ ଜେଏନ୍‌ୟୁ ଏବଂ ତୃତୀୟ ସ୍ଥାନରେ ଜାମିଆ ମିଲିଆ ଇସ୍‌ଲାମିଆ ରହିଛି। ଇିନିୟରିଂ ଶିକ୍ଷାନୁଷ୍ଠାନ ବର୍ଗରେ ଆଇଆଇଟି ମାଡ୍ରାସ ପ୍ରଥମ ସ୍ଥାନରେ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଆଇଆଇଟି ଦିଲ୍ଲୀ ଓ ଆଇଆଇଟି ବମ୍ବେ ରହିଛି । ସେହିପରି ମ୍ୟାନେଜମେଣ୍ଟ୍ ବର୍ଗରେ ଆଇଆଇଏମ୍ ଅହମଦାବାଦ ଶୀର୍ଷରେ ରହିଥିବା ବେଳେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି ଆଇଆଇଏମ ବାଙ୍ଗାଲୋର ଓ ଆଇଆଇଏମ କୋଲକାତା । ଫାର୍ମାସି ପ୍ରତିଷ୍ଠାନ ଗୁଡ଼ିକ ମଧରେ ନୂଆଦିଲ୍ଲୀ ସ୍ଥିତ ଜାମିଆ ହମ୍‌ଦର୍ଦ ତାଲିକାର ପ୍ରଥମ ସ୍ଥାନରେ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ହାଇଦ୍ରାବାଦର ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ଏଜୁକେସନ୍ ଆଣ୍ଡ୍ ରିସର୍ଚ ଏବଂ ତୃତୀୟ ସ୍ଥାନରେ ରହିଛି ଚଣ୍ଡିଗଡ଼ ସ୍ଥିତ ପାବ ବିଶ୍ୱବିଦ୍ୟାଳୟ। ଏହାବ୍ୟତିତ କଲେଜ ବର୍ଗରେ ପ୍ରଥମ ସ୍ଥାନରେ ଦିଲ୍ଲୀର ମିରାଣ୍ଡା ହାଉସ, ଆର୍କିଟେକଚରରେ ଆଇଆଇଟି ରୁରକି, ଆଇନରେ ବେଙ୍ଗାଲୁରୁ ସ୍ଥିତ ନ୍ୟାସନାଲ ଲ' ସ୍କୁଲ ଅଫ୍ ଇଣ୍ଡିଆ ୟୁନିଭରସିଟି ଏବଂ ମେଡିକାଲ୍ କଲେଜ ବର୍ଗରେ ଏମ୍ସ ଦିଲ୍ଲୀ ତାଲିକାର ପ୍ରଥମ ସ୍ଥାନରେ ରହିଛି । ଡେଂଟାଲରେ ଚଳିତ ବର୍ଷ ଚେନ୍ନାଇ ସ୍ଥିତ ସବିଥା ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ଆଣ୍ଡ୍ ଟେକ୍ନିକାଲ ସାଇନ୍ସ ଏବଂ ରିସର୍ଚ୍ଚ ବିଭାଗରେ ଆଇଆଇଏସସି ବେଙ୍ଗାଲୁରୁ ତାଲିକାର ଶୀର୍ଷରେ ରହିଛି । ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଉଚ୍ଚ ଶିକ୍ଷା ସଚିବ କେ.ସୟ. ମୂର୍ତ୍ତୀ, ଅନିତା କରୱାଲ, ୟୁଜିସି ଅଧ୍ୟକ୍ଷ ପ୍ରଫେସର ଏମ.ଜଗଦେଶ କୁମାର,ଏଆଇସିଟିଇ ଅଧ୍ୟକ୍ଷ ପ୍ରଫେସର ଅନିଲ ସହସ୍ରବୁଦ୍ଧେ, ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନର କୁଳପତି ଏବଂ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ ।

### ଖରାସାହାପୁର ପଞ୍ଚାୟତ ...

ଅନୁସୂଚିତ ଜାତି ଲୋକ ଥିବାବେଳେ ତନ୍ମଧ୍ୟରୁ ଶତକଡ଼ା ୪୦ ଭାଗ ମତ୍ସ୍ୟଜୀବୀ। ଖରାସାହାପୁର ପଞ୍ଚାୟତ କାର୍ଯ୍ୟାଳୟ ତଥା ଚାଷ ଜମିକୁ ବାଉଁଶ ଆଡ଼ିଆ ଓ ରାମତାଳି ଆଡ଼ିଆର ଲୋକେ କୋଷ୍ଟ କେନାଲ (କୃପା ପଛାଲ) ନିକଟରେ ବିପଦପୂର୍ଣ୍ଣ ବାଉଁଶ ପୋଲ ଉପରେ ଆତଯାତ କରି ଚାଷ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ଚାଷୀଙ୍କ ପାଇଁ ୨୦୧୧ ମସିହାରେ ୧ କୋଟି ୭୫ ଲକ୍ଷ ଟଙ୍କାର ବରବନ୍ଧ ନିର୍ମାଣ ହେଲା ସତ ତାହାର ଏଯାବତ ଫାଟକ ଲାଗିନାହିଁ। ଫାଟକ ପାଇଁ ବରବନ୍ଧ ପ୍ରକଳ୍ପ ଅସମାପ୍ତ। ଉକ୍ତ ପୋଲରେ ସଟର ନଲାଗିବାରୁ ସମୁଦ୍ର ଜଳ ପଞ୍ଚୁବିଶା ନଦୀରେ ପଡି ଏବେ ୧୦୦୦ ହେକ୍ଟରରୁ ଅଧିକ ଜମି ଏବେ ଲୁଣା ଜଳ ମାଡ଼ି ଯାଇ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବେଆଇନ ଚିଙ୍ଗୁଡ଼ି ଘେରି କରିଥିବା ଲୋକେ ଲାଭଖୋର ମନୋବୃତ୍ତି ପାଇଁ ଜଳ ନିଷ୍କାସନ ପଥ ଅନ୍ୟତ୍ର ସ୍ଥାନାନ୍ତର କରିବାରୁ ଜଳ ଅଭାବରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ।କେବଳ ଖରାସାହାପୁର ନୁହେଁ ଅଭଣା,ବିଷ୍ଣୁପୁର, ଆରୁହାବାଡ଼, ବରିପଦା ଆଦି ଉପକୂଳବର୍ତ୍ତୀ ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷ ଜମିରେ ଲୁଣା ଜଳ ପଶିଯାଇଥିବାରୁ ଚାଷୀ ଚାଷ କିପରି କରିବ ତାହାକୁ ନେଇ ଆଶା ଆଶଙ୍କାରେ ରହିଛି। କେତେକ ଚାଷୀ କହିବାନୁସାରେ ଉପର ମୁଣ୍ଡରେ ଜଳ ନଥିବାରୁ ଶୁଖିଲା ଜମି ଥିବାବେଳେ ଉଠା ଜଳସେଚନ ପ୍ରକଳ୍ପ ନଥିବାରୁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଅନ୍ୟପଟେ ସମୁଦ୍ରର ଲୁଣା ଜଳ ହଜାର ହଜାର ଧାନ ଚାଷ ଜମିରେ ମାଡିଯାଇ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ।ଏଥିପ୍ରତି ଜିଲାପ୍ରଶାସନ ହସ୍ତକ୍ଷେପ କରି ଚାଷୀଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାକୁ ଚାଷୀକୂଳ ତରଫରୁ ଦାବୀ ହୋଇଛି।

### ଚାଲିଛି ଆଲୋଚନା ...

କୌଣସି ଛାତ୍ରଛାତ୍ରୀ ଦୋଷୀ ସାବ୍ୟସ୍ତ ହୁଅନ୍ତି, ସଙ୍ଗେ ସଙ୍ଗେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଥାନାରେ ମାମଲା ରୁଜୁ ସହ ଦୋଷୀ ଛାତ୍ରଛାତ୍ରୀଙ୍କୁ ବହିଷ୍କାର ପରି କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ଆଗକୁ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନାମଲେଖା ହେବାକୁ ଥିବାରୁ ଏବେ କ୍ୟାମ୍ପସ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯିବ। ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଦର୍ଶାଇଛନ୍ତି ଯେ ବରିଷ୍ଠ ଓ କନିଷ୍ଠ ଛାତ୍ରଛାତ୍ରୀଙ୍କୁ ଏକାଠି କରି ଶିକ୍ଷାନୁଷ୍ଠାନରେ ସେମାନଙ୍କ କର୍ମଶାଳା କରିବେ। ପ୍ରତି ଶିକ୍ଷାନୁଷ୍ଠାନରେ ଆଣ୍ଟିରାଗିଂ ସେଲ୍ ଓ ଆଣ୍ଟିରାଗିଂ ସ୍କ୍ୱାଡ୍ ଗଠନ, ପିଲାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ଲିଫ୍ଲେଟ୍ ଓ ବୁକ୍ଲେଟ୍ ବଣ୍ଟନକୁ ପ୍ରାଥମିକତା ଦେବାକୁ କୁହାଯାଇଛି। ଏଥିସହ ନାମଲେଖା ସମୟରେ ପିଲାମାନେ ଲିଖିତ ଭାବେ ଅଣ୍ଡରଟେକିଂ ଦେବାକୁ ବାଧ। ପ୍ରତି ହଷ୍ଟେଲରେ ସ୍ଥାୟୀ ୱାର୍ଡେନ୍ ନିଯୁକ୍ତ ହେବେ। ଯିଏ କି ହଷ୍ଟେଲ ଭିତରେ ହିଁ ରହିବେ। ନ ହେଲେ ହଷ୍ଟେଲ ନିକଟରେ ରହିବାର ବ୍ୟବସ୍ଥା କରିବେ। ଯେପରିକି ସବୁବେଳେ ହଷ୍ଟେଲ ଉପରେ ନଜର ରଖିବା ସହ ମଝିରେ ମଝିରେ ହଷ୍ଟେଲକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିପାରୁଥିବେ। ନୂଆ କରି ନାମ ଲେଖାଉଥିବା ଛାତ୍ରଛାତ୍ରୀ ଯଦି କୌଣସି ପ୍ରକାର ରାଗିଂର ଶିକାର ହେଉଥାନ୍ତି, ତେବେ ତୁରନ୍ତ ଅଭିଭାବକ ଓ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କ ନଜରକୁ ଆଣିବେ। ନାମଲେଖା ସମୟରେ ଶିକ୍ଷାନୁଷ୍ଠାଗୁଡ଼ିକରେ ଆଣ୍ଟି ରାଗିଂ କାର୍ଯ୍ୟକ୍ରମ ଜାରି ରଖିବେ। ଯଦି କେ ?ଣସି ବି ସ୍ଥାନରେ ରାଗିଂ ହେଉଥିବା ନେଇ ଖବର ଆସେ ତେବେ କଲେଜ ଅଧକ୍ଷମାନେ ଆବଶ୍ୟକ ପଦକ୍ଷେପ ନେବା ସହ ତୁରନ୍ତ ଥାନାକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

### ବାପାଙ୍କୁ ଭଲ କରିବା ...

ରୋଗରେ ଆକ୍ରାନ୍ତ ହୋଇଥିବାର ଜଣାପଡ଼ିବା ପରେ ୪ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରି ଏବେ ମଧ୍ୟ ପ୍ରତ୍ୟେହ ୧୦୦ ରୁ ଅଧିକ ଟଙ୍କାର ଔଷଧ ଖାଉଛନ୍ତି। ଅନ୍ୟପଟେ ସ୍ତ୍ରୀ ଦିନ ମଜୁରିଆ ଭାବେ ଯେତକ ଅର୍ଥ ରୋଜଗାର କରନ୍ତି ସେହି ଅର୍ଥରେ ପରିବାର ସଦସ୍ୟ ପେଟକୁ ଗଣ୍ଡେ ଦାନା ସହ ଚିକିତ୍ସା ପାଇଁ ଅର୍ଥ ନିଅଣ୍ଟ ହୁଏ। ଅନ୍ୟପକ୍ଷରେ ଏକମାତ୍ର ପୁଅ ନରେନ୍ଦ୍ର କୁ ପାଠ ପଢାଇ ଉଚ୍ଚ ଶିକ୍ଷିତ କରାଇବା ନିଶା ଭାଗିରଥିଙ୍କର ମଉଳି ଯାଇଛି। ନିଜେ ଶଯ୍ୟାଶାୟୀ ହୋଇ ରହୁଥିବାବେଳେ ତାଙ୍କ ପାଇଁ ଖାଦ୍ୟ ଓ ଔଷଧ ବାବଦରେ ଅର୍ଥ ରୋଜଗାର କରିବା ପାଇଁ ପରିବାରର ମୁଣ୍ଡ ବ୍ୟଥାର କାରଣ ସାଜିଛି ।କିଡନୀ ରୋଗରେ ଆକ୍ରାନ୍ତ ଭାଗିରଥିର ଚିକିତ୍ସା ପାଇଁ ଘରେ ଯାହା ଆଳି ଅଳଙ୍କାର, ଆସବାବପତ୍ର ଓ ଜମି ଥିଲା ତାହା ବିକି ସାରିଥିଲେ ମଧ୍ୟ ରୋଗର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଫଳରେ ଦଶମ ଶ୍ରେଣୀର ଛାତ୍ର ନରେନ୍ଦ୍ର ନିଜ ବାପାଙ୍କୁ ଭଲ କରିବା ପାଇଁ ସମୟ ବଳିଲେ ଭିକ୍ଷାବୃତ୍ତି କରୁଛନ୍ତି। ଗରିବ ପରିବାରର ମୁଖ୍ୟ ଭାଗିରଥିଙ୍କୁ ଭଲ କରିବା ପାଇଁ ସରକାରୀ ଅବା ବେସରକାରୀ ହାତ ଟେକା ସାହାଯ୍ୟ କୁ ଅନାଇ ବସିଛନ୍ତି ସ୍ତ୍ରୀ ଅନିତା। ତେବେ ଦୂରାରୋଗରେ ପିଡ଼ିତ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ଚାହୁଁ ଥିବା ବ୍ୟକ୍ତି ଫୋନ ନମ୍ବର ୯୦୪୦୮୪୧୬୬୮ କୁ ଯୋଗାଯୋଗ କରି ଅର୍ଥ ସାହାଯ୍ୟ କଲେ ଆପତତଃ ସ୍ୱାମୀ ଚିକିତ୍ସିତ ହୋଇପାରନ୍ତେ ବୋଲି ମହିଳା କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।

### ମୟୂରଭଞ୍ଜର କାଇ ...

ଏହାକୁ କୋରନା ଭୂତାଣୁ ଭଳି ସଂକ୍ରମଣର ମୁକାବିଲା ପାଇଁ ଔଷଧ ଭାବେ ବ୍ୟବାହାର କରାଯାଇପାରିବ। ଏହାକୁ କୋରନା ଭୂତାଣୁ ସଂକ୍ରମଣ ଜନିତ ଚିକିତ୍ସା ଓ ନିବାରଣ ପାଇଁ ବ୍ୟବାହାର କରାଯିବାର କିଛି ବାଧା ନାହିଁ। କୋରନା ମୁକାବିଲା ପାଇଁ ଔଷଧ ଭାବେ ଏହାକୁ ମାନ୍ୟତା ଦେବା ପାଇଁ ପ୍ରସ୍ତାବ ଉପରେ ବିଚାର କରି ନିଷ୍ପତି ନେବାକୁ କେନ୍ଦ୍ର ସରକାରକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ହାଇକୋର୍ଟ କେନ୍ଦ୍ର ଆୟସ ମନ୍ତରାଳୟ ଓ କାଉନ୍ସିଲ୍ ଓଫ୍ ସାଇଟିଫିକ୍ ଏଣ୍ଡ ଇଣ୍ଡୋରସିଆଲି ରିସର୍ଚର ମହାନିର୍ଦ୍ଦେଶକ ତିନି ମାସ ସମୟ ଦେଇଛନ୍ତି। ଡକ୍ଟର ଜଷ୍ଟିସ୍ ବି.ଆର୍ ଷଡଙ୍ଗୀ ଓ ଜଷ୍ଟିସ୍ ପ୍ରମାଦ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଇଞ୍ଜିନିୟର ମାୟାଧର ପରିଡାଙ୍କ ପକ୍ଷରୁ ଦୟାର ଜନସ୍ୱାସ୍ଥ୍ୟ ମାମଲାରେ ଶୁଣାଣି କରି ଏପରି ରାୟ ଦେଇଛନ୍ତି। ବାରିପଦାରେ ଯନ୍ତ୍ରୀ ଭାବେ କାର୍ଯ୍ୟସ୍ଥ ଶ୍ରୀ ପରିଡାଙ୍କ ପକ୍ଷରୁ ଦୟାର ଜନସ୍ୱାର୍ଥ ଆବେଦନରେ ଦର୍ଶାଅ ଯାଇଥିଲା ଯେ କୋରନା ଭୂତାଣୁ ସଂକ୍ରମିତ ବ୍ୟକ୍ତିଙ୍କ ଚିକିତ୍ସାରେ ଜଙ୍ଗଲରୁ ମିଳୁଥିବା କାଇ ପିମ୍ପୁଡି ନାଲି ଚଟଣି ଉପାଦେୟ ହେଇପାରିବ। ଆଦିବାସୀ ଲୋକ ମାନେ ଥଣ୍ଡା, କାସ, ଜର ହେଲେ ପାରମ୍ପରିକ ଔଷଧ ଭାବେ କାଇ ଚଟଣି ଖାଇଥାନ୍ତି। ଜଙ୍ଗଲରେ ଶାଳ ଗଛର ପତ୍ରରେ ରହୁଥିବା ନାଲି କାଇ ପିମ୍ପୁଡି ସହିତ କଞ୍ଚା ଧାନୁଆ ଲଙ୍କାକୁ ମିଶାଇ ଏପରି ଚଟଣି ପ୍ରସ୍ତୁତି କରାଯାଇଥାଏ। ଆଦିବାସୀ ମାନେ ପ୍ରକୃତି ସହିତ ରହୁଥିବା ବେଳେ ଏଭଳି ପାରମ୍ପରିକ ଉଷୁମ ସେବନ କରି ବିଭିନ୍ନ ରୋଗରୁ ଆରୋଗ୍ୟ ଲାଭ କରିଥାନ୍ତି। ବିଶ୍ୱ ପ୍ରସିଦ୍ଧ ଖାଦ୍ୟ ପ୍ରସ୍ତୁତ କାରି ସେଫ୍ ଗଡେନ ରାମଶେଦ ନାଲି ପିମ୍ପୁଡି ଚଟଣି ଉପରେ ଲେଖିଥିବା ପ୍ରବନ୍ଧରେ ଏହି ଚଟଣିକୁ ଦେହ ପାଇଁ ବହୁତ ହିତକର ବୋଲି କହିଥିଲେ। ଏଥିରେ ଥିବା ପ୍ରୋଟିନ, କ୍ୟାଲସିୟମ, ଜିଙ୍ଗ ରହିଥିବାବେଳେ ଏହା ଶରୀର ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଇଁ ସହାୟକ ହୋଇଥାଏ। କୋରନା ଭୂତାଣୁ ସଂକ୍ରମଣ ନେଇ ଅତୀତରେ ରାଜ୍ୟରେ ସଙ୍ଗିନ ସ୍ଥିତି ଦେଖାଦେଇଥିବା ବେଳେ ଅଧିକାଂଶ ଆଦିବାସୀ ଅଞ୍ଚଳ ବାସିନ୍ଦା ଏପରି ପାରମ୍ପରିକ ଔଷଧ ସେବନ କରି ସୁସ୍ଥ ରହିବା ସହିତ କୋରନା ସଂକ୍ରମଣରୁ ବର୍ତ୍ତିଯିବେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। କୋରନା ଭୂତାଣୁ ଚିକିତ୍ସା ପାଇଁ ଏହା କାଇ ପିମ୍ପୁଡି ଚଟଣି ଓ ସୁପ ବ୍ୟବହାର ଲାଗି ପଦକ୍ଷେପ ଗ୍ରହଣ କରିବାକୁ ସେ ଆଇସିଏମଆର ଡିଜିଙ୍କୁ ଅନୁରୋଧ କରିଥିଲେ। ତେବେ ଆୟୁଷ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀ ତାଙ୍କ ସହିତ ଯୋଗାଯଗ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ପ୍ରସଙ୍ଗ ବିଷୟରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଏହାପରେ ଆବେଦନ କାରୀ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ମାମଲାରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଆଇସିଏମଆର ଡିଜି, କେନ୍ଦ୍ର ଆଇଏଏସ ମନ୍ତ୍ରାଳୟ ଓ ସିଏସଇଏମ୍‌ଆର ଡିଜିଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରକାଶରଞ୍ଜନ ବାରିକ ମାମଲା ପରିଚାଳନା କରୁଥିଲେ। ଆଉ ଏବେ ଏହାକୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି।

## ରାସ୍ତା ଉପରେ ନର୍ଦ୍ଦମା ପାଣି, ତିନି ବର୍ଷ ପୂରିଲା

# ନର୍କ ଯନ୍ତ୍ରଣାରୁ କେବେ ମିଳିବ ମୁକ୍ତି




**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ସଦର ମହକୁମାର ୱାର୍ଡ ନ.୧୬ ର ଗନ୍ଧିଛକ ଠାରୁ ଇନ୍ଦିରା କଲୋନୀ ଓ ମହାଲକ୍ଷ୍ମୀ କଲୋନୀ ଦେଇ ଇଚ୍ଛାବତିଗୁଡାକୁ ସଂଯୋଗ କରୁଥିବା କଂକ୍ରିଟ ରାସ୍ତା ଉପରେ ନର୍ଦ୍ଦମା ପାଣି ବୋହି ଯାଉଥିବା ତିନି ବର୍ଷ ପୂରିଲା। ଏଠାରେ ଥିବା ନିଗମାନନ୍ଦ ଆଶ୍ରମ ଲାଇନର ରାସ୍ତା ତିଆରି କରି ନାଳକୁ ୨୦୧୯ ମସିହା ଠାରୁ ଏହି ରାସ୍ତା ଉପରେ ଛାଡ଼ି ଦିଆ ଯାଇଛି ଓ ଆଗକୁ କୌଣସି ଡ୍ରେନେଜ୍ ସିଷ୍ଟମ କରାଯାଇ ନାହିଁ। ଯାହା ଫଳରେ ନର୍ଦ୍ଦମା ପାଣି ଦୀର୍ଘ ଦୁଇ ଶହ ମିଟର ଯାଏଁ କଂକ୍ରିଟ ରାସ୍ତା ଉପରେ ବୋହି ଯାଉଛି। ପୌର ସଂସ୍ଥାର ସଫେଇ କର୍ମଚାରୀ ଆଜି ଆସି ନିଗମାନନ୍ଦ ଆଶ୍ରମ ଲାଇନର ଏହି ନାଳକୁ ସଫା କରିଥିଲେ ଓ କଂକ୍ରିଟ ରାସ୍ତା ଉପରକୁ ନର୍ଦ୍ଦମା ପାଣିକୁ ଭଲଭାବେ ବୋହି ଯିବା ପାଇଁ ରାସ୍ତା କଡ଼େଇ ଦେଇ ଚାଲିଗଲେ। ସୂଚନା ଥାଉକି ଆଗରୁ ଅନେକ ଥର କଲୋନୀ ବାସି ଏ ବିଷୟରେ ପୌର ପରିଷଦରେ ଅନେକ ଥର ଅଭିଯୋଗ କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆନଯିବାରୁ କଲୋନୀ ବାସି ମର୍ମାହତ ହୋଇ ପଡିଛନ୍ତି। ଗତ ପୌର ନିର୍ବାଚନ ପୂର୍ବରୁ କଲୋନୀ ବାସି ଏହି ଦୁର୍ଦ୍ଦଶା ପାଇଁ ଯେତେବେଳେ ଭୋଟ ବର୍ଜନ ନିଷ୍ପତି ନେଇଥିଲେ। ଶାସକ ଦଳର ନେତା ପ୍ରଦୀପ ମାଝୀ ନିଜେ ଆସି ସମସ୍ୟାର ସମାଧାନ ଖୁବ୍ ଶୀଘ୍ର କରାଯିବ ବୋଲି ଆଶ୍ୱାସନା ଦେଇଥିଲେ ଏବଂ ତତ୍କାଳୀନ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉପ ଜିଲ୍ଲାପାଳ ମହୋଦୟ ପୌର କାର୍ଯ୍ୟାଳୟର କିଛି ଅଧିକାରୀଙ୍କୁ ସାଙ୍ଗରେ ନେଇ ସରଜମିନ ତଦନ୍ତ କରି, ନିର୍ବାଚନ ସରିବା ସଙ୍ଗେ ସଙ୍ଗେ ରାସ୍ତା ଓ ନାଳ କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆନଯିବାରୁ ଏବେ ଏହି ରାସ୍ତା ଓ ପରିବେଶ ଅତ୍ୟନ୍ତ ପ୍ରଦୂଷଣ ବଳୟରେ ଘାଣ୍ଟି ହୋଇ ପଡୁଛି। ଏହି ପ୍ରଦୂଷଣ ଯୋଗୁଁ କାମଳ ରୋଗ ଓ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହେବାର ଦେଖାଯାଉଛି। ତୁରନ୍ତ ଏହି ସମସ୍ୟାର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ବିଭିନ୍ନ ମହଲରୁ ଦାବି କରାଯାଉଛି।



**ଭୁବନେଶ୍ୱର :** ପ୍ରଦର୍ଶିତ ହେଲା 'ବେନାଟକ'। ଜୁଲାଇ ୧୨ ତାରିଖରେ ରବିନ୍ଦ୍ର ମଣ୍ଡପରେ ପୂର୍ଣ୍ଣ ପ୍ରେକ୍ଷାଳୟରେ ମଞ୍ଚସ୍ଥ ହୋଇଯାଇଛି ଏକ ଭିନ୍ନ ସ୍ୱାଦର ନାଟକ 'ବେନାଟକ'। ଲେଖକ, କବି ତଥା ନାଟ୍ୟକାର ଅଜିତ ଦାଶମହାପାତ୍ରଙ୍କ ଦ୍ୱାରା ରଚିତ 'ବେନାଟକ'ର ନିର୍ଦ୍ଦେଶନା ଦେଇଥିଲେ ଦୀପଜ୍ୟୋତି ଦାଶମହାପାତ୍ର। ନାଟକର କଥାବସ୍ତୁ ହେଉଛି ମଣିଷ କାହିଁକି ଟ୍ରାକ ବଦଳାଏ? ଗତାନୁଗତିକ ରାସ୍ତାରୁ ଓହରି ଏକ ନୂଆ ରାସ୍ତାରେ ଚାଲିବାକୁ ଚେଷ୍ଟାକରେ? ପରୀକ୍ଷା-ନିରୀକ୍ଷା କରିବା ହେଉଛି ମଣିଷର ଧର୍ମ। ସେଥିପାଇଁ ପରା ମଣିଷ ନିଜ ଭିତରେ, ସବୁବେଳେ ନିଜକୁ ଭାଙ୍ଗୁଥାଏ ପୁଣି ଗଢୁଥାଏ।

# ପୋଖରୀପୁଟରେ ଶତାଧିକ ଔଷଧୀୟ ଚାରା ରୋପଣ



**ଭୁବନେଶ୍ୱର :** ସମ୍ବାଦ ସାହିତ୍ୟଘର ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଖରୀପୁଟସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶତାଧିକ ଔଷଧୀୟ ଚାରା ରୋପଣ କରାଯାଇଥିଲା। ଏଥିରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇ ଉତ୍ସାହିତ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଔଷଧୀୟ ବଗିଚା ନିର୍ମାଣ ଉଦ୍ଦେଶ୍ୟରେ ଏଠାରେ ଶତାଧିକ ଔଷଧୀୟ ଚାରା ରୋପଣ କରାଯାଇଥିଲା ।ଗ୍ରିନ୍ ୱାର୍ଲ୍ଡ ଟ୍ରଷ୍ଟ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଲୋକଙ୍କ ସାମିଲ୍ ହେବା ଏକ ଭଲ ଲକ୍ଷଣ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସାହିତ୍ୟଘରର ରାଜ୍ୟ ସଂଯୋଜିକା ଶୁଭଶ୍ରୀ ଲେଙ୍କା, ଆମ ଓଡ଼ିଶା ସମ୍ପାଦକ ସ୍ୱରାଜ ମିଶ୍ର, ଅରବିନ୍ଦ ଦାସ, ଗ୍ରିନ୍ ୱାର୍ଲ୍ଡ ଟ୍ରଷ୍ଟ ଅଧ୍ୟକ୍ଷ ତଥା କର୍ପୋରେଟର ନୃପେଶ କୁମାର ନାୟକ, ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ସରୋଜ କୁମାର୍ ସାହୁ, ସମାଜସେବୀ ବନଜା ବାସିନୀ ତ୍ରିପାଠୀ, ସାମାଜିକ କର୍ମୀ ସୁଶାନ୍ତ ସାହୁ, ସବୁଜ ଘର ସଭାପତି ସତ୍ୟବ୍ରତ ଜେନା ସମେତ ପୋଖରୀପୁଟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ, ମହିଳା ଓ ଯୁବକମାନେ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଔଷଧୀୟ ବଗିଚା ପରିକଳ୍ପନାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିଲେ। ସାମ୍ବାଦିକ ଡ. ଲିଙ୍ଗରାଜ ସାହୁ କାର୍ଯ୍ୟକ୍ରମ ପରିଚାଳଣା କରିଥିଲେ। ଗଛ ଗୁଡ଼ିକ ଯେପରି ବଞ୍ଚିବ ସେଥିପାଇଁ ଏହାର ଯତ୍ନ ନିଆଯିବ ବୋଲି ଡ. ସାହୁ ପ୍ରତିଶ୍ରୁତି ଦେଇଥିଲେ।

# ଛିଣ୍ଡା ପଲିଥିନ ତଳେ ଦୁଇ ବୃଦ୍ଧାଙ୍କ ଜୀବନ



**ବାରିପଦା,(ବିଜୁ ସିଂ) :** ବୟସର ଅପରାହ୍ନରେ ଅନାଇ ବସିଛନ୍ତି ସରକାରୀ ସହାୟତା। ସମାଜର ଅବହେଳିତ ଓ ନିଷ୍ପେସିତ ଲୋକଙ୍କୁ ଥଇଥାନ କରିବା ପାଇଁ ଯଶସ୍ୱୀ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସର୍ବଦା ପ୍ରଚେଷ୍ଟା କରୁଥିବା ବେଳେ ତୃଣମୂଳ ସ୍ତରରେ କିଛି ଅସାଧୁ ସରକାରୀ ଅଧିକାରୀ ଙ୍କ ପାଇଁ ସରକାରଙ୍କ ଉପରେ ଉଠୁଛି ଅଙ୍ଗୁଳି। ଏପରିକି ବାସଗୃହ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ପ୍ରକୃତ ହିତାଧିକାରୀ। ମୟୂରଭଞ୍ଜ ଜିଲ୍ଲା ଶ୍ୟାମଖୁଣ୍ଟା ବ୍ଲକ କୋଚିଲାଘାଟି ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସମା ସିଂ ଓ ତାଙ୍କ ସ୍ତ୍ରୀ ମୁଗୁଡି ସିଂ ଙ୍କ ଦୁଃଖ କହିଲେ ନ ସରେ । ଛିଣ୍ଡା ଦଦରା ପଲିଥିନ ତଳେ ବିତାଉଛନ୍ତି ଏ ବାର୍ଦ୍ଧକ୍ୟ ଜୀବନ। ଏପରିକି ସରକାରଙ୍କ ତରଫରୁ ମିଳୁଥିବା ସରକାରୀ ବାର୍ଦ୍ଧକ୍ୟ ଭତ୍ତା ମଧ୍ୟ ଆଜି ପର୍ଯ୍ୟନ୍ତ ମିଳିପାରିନାହିଁ। ପୂର୍ବରୁ ଏକ ଛୋଟ ଚାଳ ଘରେ ରହୁଥିବା ବେଳେ ଗତ ବାତ୍ୟାରେ ଘରଟି ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯିବାରୁ ଏବେ ବିପଦ ସଂକୁଳ ଅବସ୍ଥାରେ ଥିବା ଭଙ୍ଗା ଦଦରା ଛିଣ୍ଡା ପଲିଥିନ ତଳେ ମୁଣ୍ଡ ଗୁଞ୍ଜିବା ପାଇଁ ବାଧ ହୋଇଛନ୍ତି ଦୁଇ ବୃଦ୍ଧା । ଗତ ବାତ୍ୟା ଜୱାଦ ର ଲଗାଣ ବର୍ଷାରେ ଉଜାଡି ଦେଇଛି ସୁନାର ସଂସାର। ହାଡଭାଙ୍ଗ ଶୀତ, ମୁଣ୍ଡ ଫଟା ଖରା ସହିତ ଏ କାଳ ବୈଶାଖୀ ର ତୁହାକୁ ତୁହା ବର୍ଷା ମାଡ ରୁ ରକ୍ଷା ପାଇବା ପାଇଁ ଏକ ମାତ୍ର ସାହା ଭରସା ଛିଣ୍ଡା ଦଦରା ପଲିଥିନ। ଦୀର୍ଘ ଦିନରୁ ଘର ଟିଏ ପାଇଁ ଆବେଦନ କରିଥିଲେ ସୁଦ୍ଧା ମିଳିପରିଲାନାହିଁ ଘର। ନେତା ମନ୍ତ୍ରୀ, ସରପଞ୍ଚ ଓ ସରକାରୀ ଅଧିକାରୀ ଙ୍କ ପାଖକୁ ଦଉଡି ଦଉଡି ନୟାନ୍ତ ହୋଇସାରିଲେଣି। ଶେଷରେ ନିଜର କୋହ ଭରା ବେଦନା କାନ୍ଦି କାନ୍ଦି ପ୍ରକାଶ କରିଥିଲେ ଗଣମାଧମ ପ୍ରତିନିଧି ଆଗରେ। ସରକାର ଗରିବଙ୍କ ପାଇଁ ଯୋଜନା ଉପରେ ଯୋଜନା କଲେ କିନ୍ତୁ କିଛି କ୍ଷେତ୍ରରେ ଏହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ କେବଳ ଜିଲ୍ଲା ପ୍ରଶାସନ ର ଅବହେଳା ପାଇଁ। ଗ୍ରାମଠୁ ସହର ପର୍ଯ୍ୟନ୍ତ ସବୁ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବଡ଼ ବଡ଼ ଫଳକରେ ମୋ ସରକାର ଫଳକ ଲଗାଇ ଲୋକଙ୍କୁ ସେବା ପ୍ରଦାନ କରିବାର ପ୍ରାଧାନ୍ୟତା ଦେଉଥିବା ବେଳେ କିଛି ଅସାଧୁ ସରକାରୀ ଅଫିସର ମନେ ଏହାକୁ ହେଅଜ୍ଞାନ ମଣୁଛନ୍ତି। ତେବେ ତୃଣମୂଳ ସ୍ତରରେ ଯେ ଅସହାୟ ଲୋକ କିଭଳି ଦାରିଦ୍ର ର ଚରମ ସୀମା ଅତିକ୍ରମ କରିସାରିଲେଣି ତାହା ସମସ୍ତେ ଅବଗତ। ଦୁଃଖିନି ମୁଗୁଡି ଓ ସମା କିପରି ଦୟନୀୟ ସ୍ଥିତିରେ ଜୀବନ ବିତାଉଛନ୍ତି ତାହା ବୟାନ କରିହେବନାହିଁ । ବାରମ୍ବାର ଗୁହାରି ସର୍ତ୍ତେ ମଳି ମୁଣ୍ଡିଆଙ୍କ ଗୁହାରି ଶୁଣୁ ନାହାନ୍ତି ସରକାରୀ ଅଧିକାରୀ କିମ୍ବା ଲୋକ ପ୍ରତିନିଧି। ଏପରି ଦୟନୀୟ ସ୍ଥିତିରେ ଜୀବନ ବିତାଉଛନ୍ତି ଏ ଦୁଇ ବୃଦ୍ଧା ଦମ୍ପତି। ତେବେ ସରକାର ଓ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ବିନମ୍ର ଗୁହାରି କରିଛନ୍ତି ବାର୍ଦ୍ଧକ୍ୟ ଭତ୍ତା ଓ ଘର ଖଣ୍ଡିକ ପାଇଁ।



ଉତ୍କଳାନନ୍ଦ ଅଜୟ କୁମାର ବେହେରା

# ଆଦେଶର କର୍ମ ବୁଝନ୍ତୁ





ଆଦେଶ, ଯାହାକୁ 'ଆଜ୍ଞା' ବା ହୁକୁମ କୁହାଯାଏ। ଆଦେଶ ଗୁରୁ, ଗୁରୁଜନ, ମାଲିକ, କ୍ଷମତାରେ ଥିବା ଶାସକ ଯେ ବହୁଜନଙ୍କୁ / ବାଘ ବକ୍ରୀଙ୍କୁ ଏକ ଘାଟରେ ପାଣି ପିଆନ୍ତି। ପୁଣି ଡାକୁ, ଲୁଟେରା, ଗୁଣ୍ଡା ଶ୍ରେଣୀ ଲୋକ ଭୟ ହତିଆର ଦେଖାଇ ଆଦେଶ କରନ୍ତି। ପ୍ରକୃତରେ ମୂଳ ଆଦେଶ ଋଷି ମୂନୀ ଜ୍ଞାନୀ ଧର୍ମଶାସ୍ତ୍ରରେ ଲେଖିଛନ୍ତି ଓ ଦେଶର ସମ୍ବିଧାନରେ ପେନାଲ କୋର୍ଡ଼ରେ ଏପରି ନିର୍ଦ୍ଦେଶ ରହିଛି। ଏକ ଆଦେଶ ସବୁ ଆଡ଼େ ଚାଲେନାହିଁ। ଏ ପାଇଁ ଭିନ୍ନ ଭିନ୍ନ ସ୍ତର ପରିବେଶ ପାଇଁ ଆଦେଶ ଭିନ୍ନ ଭିନ୍ନ ପୁଣି ଦେଶକେ ଫାଙ୍କ ନଈକେ ବାଙ୍କ ପରି ଆଦେଶ ବି ଭିନ୍ନ ଭିନ୍ନ ଯଥା ଦକ୍ଷିଣେ ମାତୁଳ କନ୍ୟା, ଉତ୍ତରେ ମହିଷା ମାଂସ, ପଶ୍ଚିମେ ଚର୍ମ ପାଦୁକା।

ଯେଉଁମାନେ ତୀର୍ଥଯାତ୍ରୀ ସେମାନଙ୍କର ଶରୀରର ଦକ୍ଷତା ନଥିଲେ ଯାତ୍ରାର ଉଦ୍ଦେଶ୍ୟ ପୂରଣ ହୁଏନାହିଁ। ତୀର୍ଥକୁ ପୂର୍ବେ ଚାଲି ଚାଲି ଦଣ୍ଡ ଭାଙ୍ଗି ଭାଙ୍ଗି ପୁଣି ଅଦ୍ୟ ଦତ୍ତ ଅନ୍ନ ଭକ୍ଷଣ ନକରି ପଥପାରି ହେଉଥିଲେ ଏବେ ଏହାର ବ୍ୟତିକ୍ରମ। ହିମାଳୟ ଦେଇ ତିବ୍ବତ ଯାତ୍ରୀ ମାନସରୋବର ଯାତ୍ରୀ ଥଣ୍ଡାରୁ ରକ୍ଷା ପାଇଁ, ନିଶା ପାନୀୟ ବେଳେ ବେଳେ ସାଥିରେ ନେଇ ଯିବାକୁ ପଡୁଛି। ପୂର୍ବେ ଅନେକ ସନ୍ଥ ଗଞ୍ଜେଇ ଟାଣୁଥିଲେ। ଏହାକୁ ଏ ସମୟରେ ରାଜ ବାରଣ ସିଦ୍ଧି ଭାଙ୍ଗ ବିଜୟା ବାଟି ପାନୀୟ ରୂପେ ବ୍ୟବହାର କରାଯାଏ। ଆମର ପୁରୀ ସହରରେ ଏପରି ବ୍ୟବହାର ଅଛି ହେଲେ ଏହାକୁ ସରକାର ଅବକାରୀ ନୀତିରେ ଏକ ଦଣ୍ଡବିଧାନରେ ରଖି ଏହା ଚାଲାଣ ଚାନ୍ଦ କରିଛନ୍ତି। ଆୟୁର୍ବେଦରେ ଅଫିମ, ଗଞ୍ଜେଇ, ଭାଙ୍ଗର ପ୍ରୟୋଗ ଅଛି, ଶାସ୍ତ୍ରୀୟ ମଦ୍ୟ ଅରିଷ୍ଟ ଆସବ ଅଛି। ଏଲୋପ୍ୟାଥିକ, ହୋମିଓ ପ୍ୟାଥିକରେ ସୁରାସାର (ସ୍ପିରିଟ)ର ପ୍ରୟୋଗ ଏବେ ବି ଅଛି। ଥରେ ନର୍ମଦା ପରିକ୍ରମାରେ ଥିବା ଭାରତର ନାମଧନ୍ୟ ବ୍ରହ୍ମଚାରୀ ବାଳାନନ୍ଦ ବ୍ରିଟିଶ କର୍ତ୍ତୃପକ୍ଷଙ୍କ ସନ୍ଦେହରେ ଆସି ତାଙ୍କ ଝୋଲ ଖୋଜକରି ଶଙ୍ଖୁଆ (ଅର୍ସେନିକ)ର ପାଉଡର ପାଇ ତାଙ୍କୁ ଅଟକ ରଖି ପଚରା ଉଚରା କଲେ। ବ୍ରହ୍ମଚାରୀ କହିଲେ ଆମେ ସାଧୁସନ୍ଥ ପ୍ରବଳ ଶୀତରେ ଖୋଲା ଦେହରେ ଆକାଶ ତଳେ ଅନେକ ସମୟରେ ରହୁ ଏହି ପ୍ରକାର ମୁକାବିଲା ପାଇଁ ଆମେ ଶଙ୍ଖୁଆ ଜଳ ସହିତ ଗୋଳି ପାନ କରୁ, ହେଲେ ସାହେବଙ୍କୁ ତାକୁ ଭକ୍ଷଣ କରି ପ୍ରତ୍ୟକ୍ଷ କରିବାକୁ ପଡ଼ିଲା ଶେଷରେ ହରେ ନର୍ମଦା କହି ଶଙ୍ଖୁଆ ସେବନ ପାନ କରି ମୁର୍ଚ୍ଛା ଯାଇଥିଲେ। ଏ ସମୟରେ ତାଙ୍କୁ ଭୁଲ ବୁଝିବା ସାହେବଙ୍କର ପୁତ୍ର ସାଂଘାତିକ ହେଲା, ସାହେବଙ୍କୁ ଭାରତୀୟ ଧର୍ମବିଶ୍ୱାସୀମାନେ ଅନେକ ବୁଝାଇ ସାଧୁଙ୍କ ଶରଣାପନ୍ନ ହେଲେ କ୍ଷମା ମାଗିଲେ ଅନୁତପ୍ତ ହେଲେ ତାଙ୍କର ପୁତ୍ରର ଶରୀର ଆରୋଗ୍ୟ ହୋଇଯାଇଥିଲା। ଆଦେଶ ଦାତା ସବୁ ବିଷୟରେ କେବେ ଜ୍ଞାନୀ ହୋଇନପାରନ୍ତି। ସାଧାରଣ ଜ୍ଞାନରେ ବି ରାସ୍ତାରେ ଚାଲିବା ବାଧା ଅଛି। କେଉଁଠି ବାମ ପଟରେ କେଉଁଠି ଡାହାଣ ପଟରେ କେଉଁଠି ଦୁଇ ରାସ୍ତାରୁ ଏକ ରାସ୍ତା ନିର୍ମାଣଦିକାର୍ଯ୍ୟ ପାଇଁ ରଦ୍ଦ ସେଠାରେ ପୂର୍ବ ମନ୍ୟତା ଆଦେଶ ବଦଳାଇବାକୁ ପଡ଼େ। ଅତୁରେ ନିୟମ ନାସ୍ତି। ପେଟ ପୋଡ଼ିଗଲେ ଲୋକ ହୀନ କାର୍ଯ୍ୟକୁ ଘୃଣ କରେନାହିଁ। ଅଭାବରୁ ସ୍ୱଭାବ ନଷ୍ଟ।

ଧର୍ମଗୁରୁମାନେ ଏକ ସ୍ଥିର ନିୟମରେ ସଂସାରକୁ ଚଳାଇବାକୁ ଶାସ୍ତ୍ର ନିୟମମାନ ସ୍ଥିର ରଖାଇଛନ୍ତି। ମାତ୍ର ବର୍ଦ୍ଧିଷ୍ଣୁ ଜନା ଏ ନିୟମ ମାନିବାରେ ବାଧା ଆସୁଛି। ଏକ ଧର୍ମ ଶାସ୍ତ୍ରର ଭିନ୍ନ ବାଖ୍ୟା କରାଯାଇ ଧର୍ମରେ ଦ୍ୱନ୍ଦ୍ୱପୁରା ଯାଉଛି। ଅନେକ ଧର୍ମଧ୍ୱଜୀ ବୃଥା କାନୁନ ନିଜ ମତରେ ପୁରାଇ ତାକୁ ଶାସ୍ତ୍ରରେ ଅଛି ଦର୍ଶାଉଛନ୍ତି। ଶାସ୍ତ୍ର ପଢ଼ିବାକୁ କାହାକୁ ତର ନାହିଁ। ଅତଏବ ଏ ଗୁରୁ ମଣିମା କହୁଛନ୍ତି ଏହା ନିଶ୍ଚୟ ଶାସ୍ତ୍ରବାକ ଲୋକେ ଧରିନେଇ ରକ୍ତପାଦ, ଦଙ୍ଗା ପରି ପରିସ୍ଥିତି ଉପୁଜାଉଛନ୍ତି। ବିନା ଶ୍ରମରେ ଅନେକ ଲାଲେ ଲାଲ, ଅନେକ ଖଟି ଖଟି ବେଦମ ହେଲେ ବି ଗୁଜୁରାଣ ମେଣ୍ଟୁନାହିଁ। ଏଇଥିରେ ଆସୁଛି ଭାବ ଈଶ୍ୱରଙ୍କ ପକ୍ଷପାତିତା ଚିନ୍ତା। ପ୍ରକୃତ ମୂଳ ଧର୍ମ ଶାସ୍ତ୍ରରେ ଏପରି ସୂତ୍ରର ଉଦାହରଣ ନାହିଁ। ଅଛି ହଁ ଉଚ୍ଚକୁଳରେ ଜନ୍ମ, ଦୈବାଧିନ ହେଲେ



ପୁରୁଷକାର କର୍ମର ଅଧିନ। ପାଠପଢ଼ି ପରିଶ୍ରମ କରି ଏକ ବିଶେଷ ବିଦ୍ୟାଳରେ ଅତିଦକ୍ଷ ହେଲେ ଧର୍ମ ସମ୍ମାନ ପଦବୀ ଅବଶ୍ୟ ମିଳିବ। କିନ୍ତୁ ଦୁଇଜଣ ସମାନ ପାଠପଢ଼ି ବି ଏକ ସ୍ତରରେ ଏବେ ରହି ପାରୁନାହାଁନ୍ତି। ଏଠାରେ ପୁରୁଷାକାରରେ ବି କିଛି ଆଦେଶ ବିରୁଦ୍ଧ କରୁଛି।

ଚଳନ୍ତି ଘଟଣା ପ୍ରବାହରେ ଏକ ଧର୍ମ ଧରାଯାଇଛି। ଖରାଦିନେ ଜଳଛତ୍ର ବିଧାନ, ହିନ୍ଦୁଘରେ ପ୍ରତି ଚୌରା ବୃନ୍ଦାବତୀରେ ବସନ୍ତରା ଘଟ ଟାଙ୍ଗି ଥପ ଥପ ଜଳ ଏକ କୁଶ ଦ୍ୱାରା ତୁଳସୀ ଉପରେ ପକାଇବା। ଏଥିରେ କ'ଣ ଧର୍ମ ଶିକ୍ଷା ଅଛି ଯେ ଆଚାର୍ଯ୍ୟ ଘଟ ବସାଇଥାନ୍ତି। ସେ ବି ହୁଏତ ବୁଝାଇ ପାରୁନାହାଁନ୍ତି। ଜଳଛତ୍ର ରାସ୍ତାଘାଟରେ ଦିଆଯିବା ଭୁଲ ନୁହେଁ ତେବେ ପୂର୍ବଧାରା ବର୍ତ୍ତମାନ ଧାରାରେ ଅନେକ ପରିବର୍ତ୍ତନ। ସହରରେ ଲୋକେ ଏପରି ବ ରାସ୍ତା କଡ଼ରେ ଜଳଦାନ କରୁଛନ୍ତି। ପ୍ରକୃତରେ ଖରାଦିନ ଏପରି କାହିଁକି କରାଯାଉଛି ଏହା ମର୍ମ କ'ଣ?

ପ୍ରଚଣ୍ଡ ରୌଦ୍ର କିରଣରେ ମାଟି ଠୋ ଠୋ ଶୁଷ୍କ ହେଉଛି। ଜଳସ୍ତର ସର୍ବୋଚ୍ଚ ସ୍ତରକୁ ଚାଲି ଯାଉଛି ଏ ସମୟ ସାର୍ବଜନୀନ ପୁଷ୍କରିଣୀ କୂପ ବାମ୍ଫିଂ ଖୋଳିବା, ଉଝାଳିବା ଦରକାର ଏହା ଅଧିକ ଧନ ଖର୍ଚ୍ଚର କାର୍ଯ୍ୟ। ଏହା ସମୂହ ଚେଷ୍ଟାରେ ଯଦି କରାଯାଆନ୍ତା ପ୍ରକୃତରେ ଯାହା ଜଳଦାନର ଶ୍ରେଷ୍ଠକର୍ମ। ଜଳ ମହାଭୂତର ଦ୍ୱିତୀୟ ସ୍ଥୁଳ ଦର୍ଶନ ରୂପ। ମହାଭୂତମାନେ ସାମ୍ୟବାଦୀ ଗୁଣ ସମ୍ପନ୍ନ ଏହା ଉପରେ ସମସ୍ତଙ୍କ ସମାନ ଅଧିକାର ହେଲେ ରାଜ କାନୁନରେ ଏଥିରୁ ରାଜ ଆୟ ପାଇଁ ବଡ଼ ବଡ଼ ଜଳ ସମ୍ପଦ ବିଭାଗ କରୁଛନ୍ତି। ପୂର୍ବେ ରେଳପଥ ଯାତ୍ରୀଙ୍କ ପାଇଁ ମାଗଣା ଜଳ ବଣ୍ଟନ ଥିଲା। ଷ୍ଟେସନରେ ରେଳ କର୍ତ୍ତୃପକ୍ଷ ଜଳ ମାଗଣା ବଣ୍ଟନ ବ୍ୟବସ୍ଥା କରୁଥିଲେ ବୋତଲ, ପ୍ୟାକେଟ ଜଳ, ଭଲ ବାଣିଜ୍ୟ ହେଲାଣି। ଏମିତିଜଳ ବାଣିଜ୍ୟ ପାଇଁ ଷ୍ଟେସନ ମାନଙ୍କରେ ଗାଡ଼ି ପହଞ୍ଚିଲେ ପାଇପମାନେ ରଦ୍ଧ। ଗଙ୍ଗାପାଣି ପୁଣ୍ୟଜଳ, ତାହା ଏବେ ସରକାରଙ୍କ ଦ୍ୱାରା ବିକ୍ରୟ ହେଲାଣି। ଗଙ୍ଗା ନଯାଇ ସ୍ୱ ଗୃହରେ ପୁଣ୍ୟ ଅର୍ଜନ ବାଟ ଏବେ ହେବା ବୋଧ ହେଲାଣି। ଦୁଗ୍ଧ ଗୋପାଳକଙ୍କ ବାଣିଜ୍ୟ ପଦାର୍ଥ ଏବେ କମ୍ପାନୀମାନେ ଏମିତି ସରକାର ଏହାକୁ ଭିନ୍ନ ଭିନ୍ନ ପ୍ରକାର ଲେବଲରେ ବିକ୍ରୟ କଲେଣି। ଯଦି ଦୁଗ୍ଧର ଦ୍ରବ୍ୟଗୁଣ ତଦନ୍ତ କରାଯାଏ ଏଥିରେ ତାହା ପୂର୍ଣ୍ଣରୂପେ ଲବ୍ଧ ଅଛିକି? ଏପରି ଆଦେଶର ଧାରା ତଦନ୍ତ କଲେ ସମସ୍ତେ ନିଶ୍ଚୟ ତାଜୁବ ହେବେ। ଏବେ ପାଣି ପାଣି ନୁହଁ, ଦୁଗ୍ଧ ଦଧି ଘୃତ ନବନୀତ ଛେନା ମହୁ, ତେଲ, ଡାଲି, ଚାଉଳ କେହି ମୌଳିକ ଶାସ୍ତ୍ରୀୟ ଗୁଣରେ ନାହାଁନ୍ତି। ଅନେକ ଔଷଧ ଉପରେ ଫରମୂଲା ଲେଖା ହେଲେ ସେଥିରେ ତାହା ଠିକ ଅଛିକି? ଏହି ସବୁ ଆଦେଶ ଦାତାମାନେ ଆସ୍ତେ ଆସ୍ତେ ବଢ଼ି ଶତକଡ଼ା ହାର ଅନେକ କମିବା ଜଣା ପଡ଼ିଲେ ଅବତାରଙ୍କ କାମ ନିଶ୍ଚେ ଦରକାର ପଡ଼ିବ ହିଁ ପଡ଼ିବ।

*ପିସି ସରକାର ଲେନ୍,*
*ଅରୁଣୋଦୟ ନଗର, କଟକ*
*ଦୂରଭାଷ : ୯୪୩୭୧୦୩୧୨୫୩*

# ରଘୁନାଥପୁର ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

**ଜଗତ୍‌ସିଂହପୁର :** ରଘୁନାଥପୁର ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୪୫ଗୋଟି ଅଭିଯୋଗର ଶୁଣାଣି କରିଥିବା ବେଳେ ବହୁ ଲୋକ ବର୍ଷା କାରଣରୁ ଉପସ୍ଥିତ ହୋଇପାରିନଥିଲେ। ଏହି ଜନ ଶୁଣାଣି ଶିବିରରେ ୫ଗୋଟି ଅଭିଯୋଗ ଗ୍ରାମ୍ୟ ସମସ୍ୟା ଥିବା ବେଳେ ଗୋଷ୍ଠୀଗତ ସମସ୍ୟା ବି କିଛି ଥିଲା। ବହୁ ଲୋକ ଆଜି ପର୍ଯ୍ୟନ୍ତ ରାସନକାର୍ଡ ପାଇପାରିନଥିବା ବେଳେ କେତେକ ଲୋକ ଇନ୍ଦିରା ଆବାସ ଯୋଜନା ପାଇନଥିବା ନେଇ ମଧ୍ୟ ଅଭିଯୋଗ ଶିବିରରେ ଜିଲ୍ଲାପାଳଙ୍କ ନଜରକୁ ଆଣିଥିବା ବେଳେ ହଂସୁଆ ନଦୀରେ ଗୁଆଳିପୁର ଗ୍ରାମର ଦୁଦୁଖାଇ ମୁହଁ ଏକ ବିଲ ମଧ୍ୟରୁ ଏକ ଘାଇ ହୋଇଯିବାକୁ ନେଇ ଗୁଆଳିପୁର ଗ୍ରାମର କୈଳାଶ ଚନ୍ଦ୍ର ସ୍ୱାଇଁ, ସର୍ବେଶ୍ୱର ପଟ୍ଟନାୟକ, ନିବାସ ଚନ୍ଦ୍ର ଲେଙ୍କା, ଶଙ୍କର ପଟ୍ଟନାୟକ, ବିଶ୍ୱରଞ୍ଜନ ପଟ୍ଟନାୟକ, ସୁରେଶ ପଟ୍ଟନାୟକ ପ୍ରମୁଖ ଚାଷୀ ଜିଲ୍ଲାପାଳଙ୍କୁ ଏହାର ତଦନ୍ତ କରିବା ନିମନ୍ତେ ଦାବି ଜଣାଇଥିବା ବେଳେ ଜିଲ୍ଲାପାଳ ମାଇକ ଯୋଗେ ଜଳସେଚନ ବିଭାଗ ଯନ୍ତ୍ରୀ କିଏ




ଅଛନ୍ତି ଦେଖା କରିବାକୁ ଡାକିବାରୁ କେହି ନଥିବାର ଦେଖିବାକୁ ମିଳିଥିଲା। ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଯେ କିପରି ଚାଲୁଛି ଓ ସରକାରୀ ମାନେ କିପରି ଉପସ୍ଥିତ ରହୁନାହାଁନ୍ତି ସେ ନେଇ ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଯେଉଁ ବିଭାଗ କର୍ମଚାରୀ ଅନୁପସ୍ଥିତ ରହୁଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବି ମହଲରେ ଦାବି ହେଉଛି। ଏପରିକି ରଘୁନାଥପୁର ଥାନା ଅଧିକାରୀଙ୍କ ମିଥ୍ୟା ମାମଲା ଓ ଜନସାଧାରଣଙ୍କ ଅଭିଯୋଗକୁ ନଶୁଣି ଖରାପ ବ୍ୟବହାର କରୁଥିବାକୁ ନେଇ ମଧ୍ୟ ଅଭିଯୋଗ ଉଠିଥିଲା। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରଘୁନାଥପୁର ଥାନା ଅନ୍ତର୍ଗତ ସୁଦ୍ଧଭୂମିର ମୀନସ୍ମିତା ସ୍ୱାଇଁଙ୍କ ଅଭିଯୋଗକୁ ନେଇ ସେଠାରେ ଉପସ୍ଥିତ ଥିବା ଥାନା ଅଧିକାରୀଙ୍କ ସହିତ ଦୁଇ ମହିଳାଙ୍କ ଯୁକ୍ତିତର୍କ ହୋଇଥିଲା। ଏପରିକି ଗୁଆଳିପୁର ଗ୍ରାମର ଶଙ୍କର ପଟ୍ଟନାୟକ ଓ ତାଙ୍କ ପୁଅ ଶୁଭମ୍ ପଟ୍ଟନାୟକଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣି ବିରୋଧୀ ଗୋଷ୍ଠୀ ଯେଉଁ ମିଥ୍ୟା ଏତଲା ଦାୟର କରିଥିଲେ ତାକୁ ନେଇ ଶ୍ରୀ ପଟ୍ଟନାୟକ ଏସମ୍ପର୍କରେ ଆଲୋଚନା କରିଥିଲେ। ରଘୁନାଥପୁର ଥାନା ପକ୍ଷରୁ ଜନସାଧାରଣଙ୍କୁ ନ୍ୟାୟ ନମିଳିଥିବାରୁ ସେ ନେଇ ବହୁ ଅଭିଯୋଗ ଆସୁଥିଲା ବେଳେ ଥାନା ଅଧିକାରୀଙ୍କ ବଦଳି ନହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ମିଳିତ ଜନଶୁଣାଣି ଅଭିଯୋଗ ଶିବିରରେ ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶକ ଡା.ରୁଦ୍ରନାରାୟଣ ଦାଶ, ତହସିଲଦାର ସୁଶ୍ରୀ ରୂପାଲିକା ଦାଶ, ତିର୍ତ୍ତୋଲ ଏସଡିପିଓ ଦିପକ ରଞ୍ଜନ ଜେନା, ଏବିଡିଓ ଅଶୋକ କୁମାର ମହାନ୍ତି, ସିଡିପିଓ ଜ୍ୟୋସ୍ନାରାଣୀ ମଲ୍ଲିକ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣିରେ ଭାଗ ନେଇଥିଲେ।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

# 'ଚେସ୍ ଅଲିମ୍ପିଆଡ' ମଶାଲକୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ

**ଭୁବନେଶ୍ୱର :** ଚେସ୍ ଅଲିମ୍ପିଆଡର ମଶାଲକୁ ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏନେଇ ଲୋକସେବା ଭବନରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦବୋଧନ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ କି ଚେସର ଉତ୍ପତି ସ୍ଥଳ ଭାରତ। ଚେସ୍ ଚତୁରଙ୍ଗ ଭାବେ ଖେଳାଯାଉଥିଲା। ଚେସରେ ଭଲ ପ୍ରଦର୍ଶନ କରିଛି ଓଡ଼ିଶା। ଅନେକ ଓଡ଼ିଆ ଖେଳାଳି ସଫଳତା ଚେସରେ ପାଇଛନ୍ତି। ଓଡ଼ିଶାକୁ ମଶାଲ ଆସିଥିବାରୁ ଖୁସି ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାପରେ କିଟ୍ କନଡେନସନ ପରେ ସିଧାସଳଖ ପୁରୀ ଏବଂ ପୁରୀରୁ କୋଣାର୍କ ସୂର୍ଯ୍ୟ ମନ୍ଦିର ଯାଇ ସେଠାରୁ ଭୁବନେଶ୍ୱର ବିମାନବନ୍ଦରକୁ ଆସି ରାୟପୁର ଅଭିମୁଖେ ବାହାରିବ ମଶାଲ। ଲୋକସଭା ଭବନରେ ଅନୁଷ୍ଠିତ ହୋଇଥିବା ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସହ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି



ବେହେରା, ସାଂସଦ ଅଚ୍ୟୁତ ସାମନ୍ତ, ଚେସ୍ ଖେଳାଳି ପଦ୍ମିନୀ ରାଉତ ଓ କିରଣ ମନିଷା ମହାନ୍ତି ଉପସ୍ଥିତ ଥିଲେ। ଦିଲ୍ଲୀରୁ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରେ ମଶାଲକୁ ସ୍ୱାଗତ କରାଯାଇଥିଲା। ବିରାଟ ଶୋଭାଯାତ୍ରାରେ ବାହାରି ରାଜ୍ୟ ଅତିଥି ଭବନ, ପରେ ଲୋକ ସେବା ଭବନ ପହଞ୍ଚିଥିଲେ। ଆସନ୍ତା ୨୮ରୁ ତାମିଲନାଡୁ ମହାବଲ୍ଲିପୁରମରେ ହେବ ପ୍ରତିଯୋଗିତା। ଚେସ୍ ଅଲମ୍ପିଆଡରେ ୧୮୮ଟି ଦେଶ ଭାଗ ନେବେ। ଓଡ଼ିଶା ଏକ ମାତ୍ର ଖେଳାଳୀ ପଦ୍ମିନୀ ରାଉତ ଏଥିରେ ଭାଗନେବେ।

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30th Approch Road
Contact : 8658607286 / 8917571455

# ଜିଲ୍ଲାରେ ୧୮ ବର୍ଷରୁ ୫୯ବର୍ଷ ବୟସ୍କ ମାନଙ୍କ ପାଇଁ କୋଭିଡ ଟୀକା ପ୍ରଦାନ

**ଜଗତ୍‌ସିଂହପୁର:** ଓଡିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ୧୮ବର୍ଷରୁ ୫୯ବର୍ଷ ବୟସ୍କ ମାନଙ୍କ ନିମନ୍ତେ କୋଭିଡର ୩ୟ ମାତ୍ରା ଅର୍ଥାତ ବୁଷ୍ଟର ଡୋଜ ଟୀକା ଦିଆଯାଉଛି। ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟୱାରୀ ଏହି ବୁଷ୍ଟର ଡୋଜ ଟୀକା କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବର୍ହିବିଭାଗ ଟୀକାଦାନ କେନ୍ଦ୍ରରେ ଉଦ୍‌ଘାଟନ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜିଲ୍ଲାରେ ୧୮ବର୍ଷରୁ ୫୯ବର୍ଷ ବୟସ୍କମାନେ ୪,୪୫,୮୫୨ ଜଣ ହିତାଧିକାରୀ ଥିବାବେଳେ ୬୦ବର୍ଷରୁ ଉର୍ଦ୍ଧ୍ୱ ୬୦,୬୬୮ ମୋଟ ୫,୦୬,୫୨୦ ଜଣ ହିତାଧିକାରୀ ବୁଷ୍ଟର ଡୋଜ ଟୀକା ନେବାପାଇଁ ଅଛନ୍ତି। ଏଥିପାଇଁ ସମଗ୍ର ଜିଲ୍ଲାରେ ୪୯ଟି କେନ୍ଦ୍ରରେ ଟୀକା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଥିବା ବେଳେ ୬୮୦୦ ଟୀକା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କ୍ଷେତ୍ରବାସୀ ଦାଶ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାରକଲ୍ୟାଣ) ଡା.ପ୍ରମୋଦ କୁମାର ବାରିକ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶତ୍ରୁଘନ ଦାସ, ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ



କାମିନୀ ରଞ୍ଜନ ପଟ୍ଟନାୟକ, ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ଓ ଭ୍ୟାକ୍ସିନ ଲଜିଷ୍ଟିକ୍ ମ୍ୟାନେଜର ପାର୍ଥସାରଥୀ କରଶର୍ମା, ଏଡିପିଏଚସି ଓ ସଚଳା ମହାନ୍ତି, ସିସିଟି ମନୋରଞ୍ଜନ ମହାପାତ୍ର, ଏଡିଏମଓ ମେଡିକାଲ ଡାକ୍ତର ନିମାଇଁ ଚରଣ ନାୟକ, ହସପିଟାଲ ମ୍ୟାନେଜର ସସ୍ମିତା ସାହୁ, ଆଶିଷ୍ଟାଣ୍ଡ ମ୍ୟାର୍ଟ୍ରିନ ରମା ଶତପଥୀ ଓ ଆଇସିଏ ରାଜେଶ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ।

# କେବେ ବନ୍ଦ ହେବ ରାଗିଂ ?

## ଜ ନ ମ ତ

ଶିକ୍ଷାନୁଷ୍ଠାନରେ ରାଗିଂକୁ ନେଇ ବାରମ୍ବାର ଅସନ୍ତୋଷ ଦେଖାଦେଉଛି । ଏହି ରାଗିଂ ଅସୁରର ଶିକାର ହେଉଛନ୍ତି ବହୁ ମେଧାବୀ ଛାତ୍ରଛାତ୍ରୀ । ସିନିୟର ମାନେ ଜୁନିୟର ମାନଙ୍କୁ ନିର୍ଯାତନା ଦେବା ଦ୍ୱାରା ଅନେକ ନିରୀହ ଜୀବନ ବଳି ପଡ଼ିଯାଉଛି । ନିକଟରେ ବିଜେବି କଲେଜର ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା କରିବା ଘଟଣାରେ ଏଭଳି କିଛି ତଥ୍ୟ ସାମ୍ନାକୁ ଆସିଛି । ରୁଚିକା ଭବିଷ୍ୟତରେ ଜଣେ ବଡ ଅଫିସର ହେବାକୁ ସ୍ୱପ୍ନ ଦେଖି ବଡ କଲେଜରେ ନାଁ ଲେଖାଇଥିଲେ । ହେଲେ ତାଙ୍କୁ ଯେଉଁଭଳି ନିର୍ଯାତନା ଦିଆଗଲା ଯେ ସେ ବାଧ୍ୟ ହୋଇ ଜୀବନ ହାରିଦେଲେ । ଏବେ ତାଙ୍କ ମା'-ବାପା ନ୍ୟାୟ ପାଇବା ଅପେକ୍ଷାରେ ରହିଛନ୍ତି । ତେବେ ପ୍ରଶ୍ନ ଉଠୁଛି ଏଭଳି ରାଗିଂ ପଛରେ ସିନିୟର ମାନଙ୍କ ଦାଦାଗିରି ନା କଦର୍ଯ୍ୟ ମାନସିକତା ରହିଛି ? ରାଗିଂ ରୋକିବାକୁ ସରକାର ଠୋସ୍ ପଦକ୍ଷେପ ନ ନେଉଥିବାରୁ ଏଭଳି ଘଟଣା ବଢ଼ିଚାଲିଛି ବୋଲି ଅଭିଯୋଗ ହେଉଛି । ତେଣୁ ଯେଉଁ ଅଭିଭାବକମାନେ ନିଜର ପିଲାମାନଙ୍କୁ ଭଲ କଲେଜରେ ପାଠ ପଢ଼ାଇବାକୁ ଛାଡୁଛନ୍ତି ସେମାନଙ୍କ ମନରେ ଗୋଟିଏ ପ୍ରଶ୍ନ ରାଗିଂ ନେଇଯିବନିତ ତାଙ୍କ ପିଲାଙ୍କ ଜୀବନ ! ରାଗିଂ ରୋକିବାକୁ ସାମାଜିକ ସ୍ତରରେ ଆନ୍ଦୋଳନର ଆବଶ୍ୟକତା ଥିଲା ବେଳେ ପ୍ରଶାସନ, ଶିକ୍ଷା ବିଭାଗ ଏହା ଉପରେ ଗମ୍ଭୀର ଭାବେ ଚିନ୍ତା କରିବାର ସମୟ ଆସିଛି । ତେବେ ରାଗିଂ ବିରୋଧରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି । ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଏହି ମାମଲା ଦାୟର କରାଯାଇଛି । ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଞ୍ଜ କହିଛନ୍ତି, ବର୍ତ୍ତମାନ ଓଡ଼ିଶାରେ ରାଗିଂ ଏକ ଗୁରୁତର ସମସ୍ୟା ହୋଇ ଛିଡାହୋଇଛି । ବିଜେବି କଲେଜ ଛାତ୍ର, ବଲାଙ୍ଗିର ମେଡିକାଲ କଲେଜ ଛାତ୍ର ଭଳି ଅନେକ ରାଗିଂ ଘଟଣା ଘଟିଚାଲିଛି । କିନ୍ତୁ ଏହାକୁ ବିରୋଧ କରିବାକୁ ରାଜ୍ୟରେ ଏପର୍ଯ୍ୟନ୍ତ ଅନ୍ୟ ରାଜ୍ୟଭଳି ନିର୍ଦ୍ଦିଷ୍ଟ ଆଇନ ନାହିଁ । ତେଣୁ ତୁରନ୍ତ ଅନ୍ୟାୟସରେ ଅଭିଯୋଗ ଆଣିବାକୁ ଟୋଲ ଫ୍ରି ନମ୍ବର ମଧ୍ୟ ନାହିଁ । ଏହା ଉପରେ ଗୁରୁତ୍ୱ ଦେବାକୁ ସରକାରଙ୍କୁ ବହୁ ଅଭିଯୋଗ ଦାବି ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ମହାସଂଘ ପକ୍ଷରୁ ଆଇନଜୀବୀ ଆଦିଶା ମହାନ୍ତି ମାମଲା ଦାୟର କରିଛନ୍ତି । ମାମଲାରେ ଉଚ୍ଚଶିକ୍ଷା ବିଭାଗ, ଗଣଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ, ବୈଷୟିକ ଶିକ୍ଷା, ଆଦିବାସୀ କଲ୍ୟାଣ, ସଂସ୍କୃତି, ପଛୁଆ ବର୍ଗ ବିକାଶ, ସଂଖ୍ୟାଲଘୁ ବିକାଶ ଆଦି ସବୁ ବିଭାଗ ଅଧିନରେ ଚାଲୁଥିବା ଶିକ୍ଷାନୁଷ୍ଠାନକୁ ଏଥିରେ ପକ୍ଷଭୁକ୍ତ କରାଯାଇଛି । କିନ୍ତୁ ରାଗିଂକୁ ନେଇ 'ଏକମାତ୍ର' ଜନମତ ଲୋଡିଥିଲା ।




### ଡଃ ମୌସୁମୀ ପରିଡା, ଅଧ୍ୟାପିକା ଓ ଲେଖିକା



ରାଗିଂ ଏବେକାର ନୁହେଁ, ବହୁ ପୂର୍ବରୁ । ରାଗିଂ ଯୋଗୁଁ ଚାପଗ୍ରସ୍ତ ହୋଇ ପିଲାମାନେ ପାଠ ଛାଡିଥିବାର ନଜିର ରହିଛି । ପ୍ରାୟ ସବୁ କ୍ଷେତ୍ରରେ ରାଗିଂ ଭଳି ରୁଗ୍ଣ ମାନସିକତା ! ପିଲାମାନଙ୍କ ଭିତରର ସହନ ଶକ୍ତି ଆଉ ପୂର୍ବ ପରି ନାହିଁ । ସେଥିପାଇଁ ଆଜିକାଲି ଆତ୍ମହତ୍ୟା ଓ ହତ୍ୟା ଭଳି ବିଡମ୍ବନା ଚର୍ଚ୍ଚାର ବିଷୟ ପାଲଟିଛି । ଅବଶ୍ୟ ଏଥିପାଇଁ କଲେଜଗୁଡିକରେ ଆଣ୍ଟି ରାଗିଂ ସେଲ୍ ନାମକୁ ମାତ୍ର ରହିଛି । ରାଗିଂ ବିଷୟରେ ସେମାନେ ଅବଗତ ନଥାନ୍ତି କିମ୍ୱା ଆଗ୍ରହ ରଖନ୍ତି ନାହିଁ । କିନ୍ତୁ ହଷ୍ଟେଲ କର୍ତ୍ତୃପକ୍ଷ ଯେ ବିଲକୁଲ ଅବଗତ ନଥାନ୍ତି, ଏକଥା ଅବିଶ୍ୱସନୀୟ । ହୁଏତ ଅବଗତ ଥାଇ ମଧ୍ୟ ସେମାନେ ରୋକନ୍ତି ନାହିଁ ! ପୀଡିତ ପିଲାମାନେ ମଧ୍ୟ ଅଭିଯୋଗ କରନ୍ତି ନାହିଁ କାରଣ ଆଜିକାଲି ବିଭିନ୍ନ ସ୍କାଣ୍ଡାଲ୍ ଯାହା ଲୋକଲୋଚନକୁ ଆସିପାରୁନାହିଁ ! କାରଣ କର୍ତ୍ତୃପକ୍ଷ ପିଲାମାନଙ୍କ ଆସ୍ଥା ଭାଜନ ହୋଇପାରୁନାହାନ୍ତି । ଦୂରଦୂରାନ୍ତର ସରଳ ପିଲାମାନେ ଏମିତିରେ ବିଭିନ୍ନ ପ୍ରକାରର ଘାତ ପ୍ରତିଘାତର ସମ୍ମୁଖୀନ ହୁଅନ୍ତି ପ୍ରତିଦିନ । ସେମାନଙ୍କ ଉପରେ ରାଗିଂ ଜନିତ ଚାପ ବେଡି ଉପରେ କୋରଡ଼ା ! ବାସ୍ତବରେ ରାଗିଂରେ କାହାର ମନୋବଳକୁ ଦୁର୍ବଳ କରି ତାକୁ ହତ୍ୟା କରିବା ବା ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଭୟଙ୍କର ଅପରାଧ । ଏପରି କରୁଥିବା ପିଲା ଅପରାଧିଠୁ କମ୍ ନୁହନ୍ତି । ଦୃଷ୍ଟାନ୍ତମୂଳକ ପଦକ୍ଷେପ ନନେଲେ ଏଭଳି ଅପରାଧକୁ ରୋକିହେବନି । ଏ ସବୁଥିରେ ସମ୍ପୃକ୍ତ ଅନୁଷ୍ଠାନ, ଦାୟିତ୍ୱରେ ଥିବା କର୍ମଚାରୀ ରାଗିଂ କରୁଥିବା ପିଲାଙ୍କଠାରୁ ଅଧିକ ଦାୟୀ । ଅଭିଭାବକମାନେ ବି ପିଲାଠାରୁ କିଛି ଜାଣିଲେ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ଉଚିତ୍, ପିଲାର ଭବିଷ୍ୟତ ସଜାଡ଼ିବାକୁ ଯାଇ ଜୀବନକୁ ବାଜି ଲଗା ନଯାଉ । ଏଥିପାଇଁ ଅଭିଭାବକ ପ୍ରଥମ ସଚେତନ ହୁଅନ୍ତୁ । ପିଲାଟି ମଧ୍ୟ ଏପରି ଚରମ ନିଷ୍ପତ୍ତି ନେବା ପୂର୍ବରୁ ପ୍ରତିବାଦ କରୁ । ସୋସିଆଲ୍ ମିଡିଆର ସାହାଯ୍ୟ ନେଉ । ଆଜି ଯେଉଁମାନେ ସହପାଠୀଙ୍କ ମୃତ୍ୟୁ ପରେ ବି ନୀରବତା ଅବଲମ୍ବନ କରୁଛନ୍ତି, ସେମାନେ ଯେ ଭବିଷ୍ୟତରେ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ନହେବେ ସେ ଗ୍ୟାରେଣ୍ଟି କିଏ ଦେବ ! ତେଣୁ ଅନ୍ୟାୟର ପ୍ରତିରୋଧ ହେଉ, ପିଲାମାନେ ସତ୍ କହିବାର ସାହସ ରଖନ୍ତୁ । ଅନ୍ୟାୟର ପ୍ରତିବାଦ କରିବା ସମସ୍ତଙ୍କ କର୍ତ୍ତବ୍ୟ । ତେବେ ଦୋଷୀକୁ ଦଣ୍ଡ ମିଳିଲେ ପିଲାର ପରିବାରକୁ ନ୍ୟାୟ ମିଳିବ । ଯଦି ସେମାନେ ବିଭିନ୍ନ ଭୟରେ ଚୁପ୍ ରହିବେ ଭଗବାନ ବି ସାହାଯ୍ୟ କରିପାରିବେନି । ରାଗିଂକୁ ରୋକିବା ପାଇଁ କଠୋର ନିୟମ ପ୍ରଣୟନ ହେଉ, ଏଭଳି ଖଳପ୍ରକୃତିର ପିଲାଙ୍କୁ କଲେଜରୁ ବିଦା କରାଯାଉ । ବିଶୃଙ୍ଖଳା ରୋକିବା ପାଇଁ କଲେଜ ଓ ହଷ୍ଟେଲ କର୍ତ୍ତୃପକ୍ଷ ଆଣ୍ଟି ରାଗିଂ ସ୍କ୍ୱାଡକୁ ଗୁରୁତ୍ୱ ଦିଅନ୍ତୁ । ନୂଆ ପିଲା ଯେଉଁମାନଙ୍କୁ ରାଗିଂ କରାଯାଏ ସାଧାରଣତଃ, ସେମାନଙ୍କ ଭିତରୁ କିଛିଜଣଙ୍କୁ ସେ ସ୍କ୍ୱାଡରେ ସାମିଲ୍ କରାଯାଉ । ପିଲାଙ୍କ ଭବିଷ୍ୟତକୁ ନେଇ ଅଧିକ ଯତ୍ନବାନ ହୁଅନ୍ତୁ ଅଭିଭାବକମାନେ ।

### ମାନସ ମହାପାତ୍ର, ପୂର୍ବତନ ଚେୟାରମ୍ୟାନ୍, ଓଡ଼ିଶା ବାର କାଉନସିଲ



ଭାରତର ପ୍ରାଚୀନ ଶିକ୍ଷା ବ୍ୟବସ୍ଥା ଗୁରୁକୁଳ ପରମ୍ପରା ଅନୁସାରେ ଚାଲୁଥିଲା । ସେତେବେଳେ ଗୁରୁ-ଶିଷ୍ୟ ସମ୍ପର୍କ ଅତ୍ୟନ୍ତ ନିବିଡ ଓ ପାରିବାରିକ ଥିଲା । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଇ-ଭଉଣୀର ସମ୍ପର୍କ ରହୁଥିଲା । ବରିଷ୍ଠ କନିଷ୍ଠଙ୍କୁ ନିଜର ପରିବାର ସଦସ୍ୟ ଭାବେ ଗ୍ରହଣ କରି ସ୍ନେହ, ସୌହାର୍ଦ୍ଦ୍ୟର ବାତାବରଣ ସୃଷ୍ଟି କରାଯାଇ ବିଦ୍ୟାଦାନ ହେଉଥିଲା । ଯେବେଠାରୁ ଭାରତରେ ଆଧୁନିକ ଶିକ୍ଷାର ପ୍ରଚାର, ପ୍ରସାର ବଢ଼ିଲା ଏଥିରେ ପାଶ୍ଚାତ୍ୟ ସଂସ୍କୃତିର ଆବିର୍ଭାବ ଘଟିଲା । ପାଶ୍ଚାତ୍ୟ ସଭ୍ୟତା ପ୍ରଭାବରେ ଆମ ନିଜ ଦେଶର ସଂସ୍କୃତି ସଙ୍କଟରେ ପଡିବା ଫଳରେ ରାଗିଂ ଭଳି ଘୃଣ୍ୟ ପରମ୍ପରା ସୃଷ୍ଟି ହେଲା । ସେବେଠାରୁ ଭାରତର ସାମାଜିକ ଓ ଶିକ୍ଷା ବ୍ୟବସ୍ଥାରେ ଅଧୋଗତି ଦେଖା ଦେଲା । ନାଳନ୍ଦା ଓ ବନାରସ ହିନ୍ଦୁ ୟୁନିଭରସିଟିର ପ୍ରାଚୀନତାକୁ ଅନୁଶୀଳନ କଲେ ଆମ ଶିକ୍ଷା ବ୍ୟବସ୍ଥାର ମହାନତା ଜଣାପଡିବ । ପାଶ୍ଚାତ୍ୟ ଶିକ୍ଷା ବ୍ୟବସ୍ଥାକୁ ଅନୁକରଣ କରି ଭାରତୀୟ ଶିକ୍ଷା ବ୍ୟବସ୍ଥା ଏବେ କଳୁଷିତ ହୋଇଯାଇଛି । ପୂର୍ବେ ଆମର ଉଚ୍ଚଶିକ୍ଷା, ଗବେଷଣା ଅତ୍ୟନ୍ତ ମୂଲ୍ୟବୋଧ ଓ ସଂସ୍କୃତି ସହ ଜଡିତ ରହିଥିଲା । ବିଦେଶୀ ଶିକ୍ଷାର ପ୍ରବେଶ ପରେ ଛାତ୍ରଛାତ୍ରୀଙ୍କ ମନରେ ହିଂସ୍ରକ ଭାବନାର ପ୍ରବେଶ ଘଟିଲା । ଯାହାଫଳରେ ଆଜି ରାଗିଂ ଭଳି ଘୃଣ୍ୟ କାର୍ଯ୍ୟ ଘଟୁଛି । ଯେପର୍ଯ୍ୟନ୍ତ ଆମେ ଆମର ନିଜସ୍ୱ ଶିକ୍ଷା ବ୍ୟବସ୍ଥାକୁ ସଠିକ୍ ଭାବେ କାର୍ଯ୍ୟ କରିପାରିବା ନାହିଁ ସେ ପର୍ଯ୍ୟନ୍ତ ଏଭଳି ଅଧୋଗତିର ଅନ୍ତ ହୋଇପାରିବ ନାହିଁ ।

### ପବିତ୍ର ରାଉତରାୟ, ଚେୟାରମ୍ୟାନ୍, ଏସ୍‌କେଆଇଏସ୍



ରାଗିଂ ଶବ୍ଦ ଏକ ମାନସିକ ବ୍ୟାଧି । ମଣିଷ ମନରେ ହୀନମନ୍ୟତା ସୃଷ୍ଟି ହେଲେ ସେ ନିଜକୁ ବଡ କରି ଦେଖାଇବା ପାଇଁ ଅନ୍ୟ ଉପରେ ଅଯଥା ପ୍ରଭାବ ପକାଇଥାଏ । ଶିକ୍ଷାନୁଷ୍ଠାନ ଏକ ଦେବାଳୟ । ସେଠାରେ ଛୋଟ-ବଡ କିଛିନାହିଁ । ସମସ୍ତେ ଜଣେ ଜଣେ ବିଦ୍ୟାର୍ଥୀ । ତେଣୁ ଛାତ୍ରଛାତ୍ରୀଙ୍କ ମନରେ ଆଧ୍ୟାତ୍ମିକ ଚିନ୍ତାଧାରା, ଭାତୃଭାବ ଓ ସ୍ନେହ ମମତା ସୃଷ୍ଟି ହେବା ଉଚିତ । ଶିକ୍ଷାନୁଷ୍ଠାନରେ କେବଳ ରୋଜଗାର କରିବା ପାଇଁ ଶିକ୍ଷାଦାନ ହେବା ଉଚିତ ନୁହେଁ । ଯେଉଁ ସାର୍ଟିଫିକେଟ୍ କେବଳ ଚାକିରି ଖଣ୍ଡେ କରିବା ପାଇଁ ଉଦ୍ଦିଷ୍ଟ ତାହାକୁ ଉତ୍ତମ ଶିକ୍ଷା ବୋଲି କହିହେବନାହିଁ । ଶିକ୍ଷାନୁଷ୍ଠାନରେ ମଣିଷର ଚରିତ୍ର ଗଠନ, ଦୈନନ୍ଦିନ ଜୀବନଚର୍ଯ୍ୟା ଏବଂ ଶୃଙ୍ଖଳିତ ଜୀବନ ପାଇଁ ଶିକ୍ଷାଦାନ କରାଯିବା ଦରକାର, ଯାହାକି ପାଠ୍ୟକ୍ରମରେ ମଧ୍ୟ ସାମିଲ ହେବା ଉଚିତ । ଫଳରେ ଛାତ୍ରଛାତ୍ରୀଙ୍କ ମନରେ ବିଶୃଙ୍ଖଳା ସହ ହିଂସାତ୍ମକ ମନୋଭାବ ସୃଷ୍ଟି ହେବନାହିଁ । ଆଇନ କଟକଣା ବଳରେ ରାଗିଂ ବନ୍ଦ କରିବାକୁ ଚେଷ୍ଟା କରିବା କେବଳ ଧର୍ମକୁ ଆଖିଠାର ଭଳି । ସମସ୍ତେ ଜାଣିବା ଦରକାର ମଣିଷ କେଉଁ ପର୍ଯ୍ୟାୟରେ ନିଜର ଅମୂଲ୍ୟ, ଦୁର୍ଲଭ ଜୀବନ ପ୍ରତି ବିତସ୍ପୃହ ହୋଇଥାଏ । ହୀନମନ୍ୟତା ଓ କାପୁରୁଷ ଭଳି ମନୋଭାବ ସୃଷ୍ଟି ହେବା ଦ୍ୱାରା ରାଗିଂ ଭଳି ବିଶୃଙ୍ଖଳିତ ଘଟଣା ଘଟିଥାଏ । ମନୋଭାବକୁ ପରିବର୍ତ୍ତନ କରିବା ପାଇଁ କୌଣସି ବୈଜ୍ଞାନିକ ଜ୍ଞାନ କିମ୍ୱା ଆଧୁନିକ ମେକାନିକ୍ ଇଞ୍ଜିନ ନାହିଁ । ଚିନ୍ତାଧାରା ଶୃଙ୍ଖଳିତ ହେଲେ ଜୀବନ ଶୃଙ୍ଖଳିତ ହେବ ଓ ସୁନ୍ଦର ପରିବେଶ ଗଠନ ହୋଇପାରିବ

### ଶିଳଭଦ୍ର ଶାସ୍ତ୍ରୀ, ଆଇନଜୀବୀ



ରାଗିଂ ଏକ ବିକୃତ ମାନସିକତା ଅଟେ । ଆଧୁନିକତା ଦେଖେଇ ହବାକୁ ଯାଇ କିଛି ଉଦ୍ଧତ ଯୁବକ ଯୁବତୀ ତାଙ୍କ ଠାରୁ କିଛି ମାତ୍ରାରେ ସାନ ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ଓ କଲେଜ ଭିତରେ, ହଷ୍ଟେଲ ଭିତରେ ଏପରିକି ଖୋଲା ଖୋଲି ଭବରେ ବିଭିନ୍ନ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଖୁସି ହେଉଛନ୍ତି । କିନ୍ତୁ ସେମାନେ ଭୁଲି ଯାଉଛନ୍ତି ଯେ ଶିକ୍ଷାନୁଷ୍ଠାନରେ ଏଗୁଡିକ ଶୋଭନୀୟ ନୁହେଁ । ପରିତାପର ବିଷୟ ଯେ ଏହି ଘଟଣା ବାରମ୍ବାର ବର୍ଷ ବର୍ଷ ଧରି ଚାଲିଥିଲେ ବି ଅବିଭାବକ ଏବଂ ଶିକ୍ଷାନୁଷ୍ଠାନ ଏହାକୁ ଗୁରୁତ୍ୱର ସହ ବିଚାର କରୁ ନାହାଁନ୍ତି, ସରକାର ନିଦାବିଷ୍ଣୁ ସାଜିଛନ୍ତି । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଯେଉଁଭଳି ଏହି ଘଟଣା ବୃଦ୍ଧି ପାଉଛି ଏବଂ କୋମଳମତି ଛାତ୍ରୀଛାତ୍ରମାନେ ଜୀବନ ହରାଉଛନ୍ତି ତାହା ଚିନ୍ତାର ବିଷୟ । ତେଣୁ ସରକାର ତୁରନ୍ତ ଏକ କଠୋର ଆଇନ ଏଥିପାଇଁ ବହୁ ଶୀଘ୍ର ଆଣିବା ଦରକାର, ଶିକ୍ଷାନୁଷ୍ଠାନ ଭିତରେ ଗୋଟିଏ ସମନ୍ୱୟ କମିଟି ଗଢା ହେବା ଦରକାର, ଯାହାର ସଦସ୍ୟ ଶିକ୍ଷକ, ପ୍ରଶାସକ, ପୁଲିସ ଅଧିକାରୀ, ଅବିଭାବକ, ମନସ୍ତାତ୍ୱିକ, ଆଇନଜୀବୀ ପ୍ରବୃତ୍ତି ରହିବେ । ପିଲାମାନଙ୍କୁ ନିୟମିତ ଭବରେ ରାଗିଂ ବିରୁଦ୍ଧରେ ଓ ତାହାର ସମାଜରେ କୁପ୍ରଭାବ ବିଷୟରେ ବୁଝାଇବା ଦରକାର, ସାନ ବଡ ପିଲାମାନଙ୍କୁ ଏକତ୍ର କରି ବିଭିନ୍ନ ଧନ୍ଦାମୂଳକ, ସାଂସ୍କୃତିକ, କ୍ରୀଡା ଭିତିକ ଇତ୍ୟାଦି କାର୍ଯ୍ୟରେ ନିୟୋଜିତ କରିଲେ ସେମାନଙ୍କ ପରସ୍ପର ସମ୍ପର୍କ ଏବଂ ଆତ୍ମୀୟତା ବଢିବ, ସେମାନେ ପରସ୍ପରକୁ ସାହାଯ୍ୟ ମନୋବୃତ୍ତି ରଖିବା, ସର୍ବୋପରି ପିତାମାତା, ଶିକ୍ଷକ ସେମାନଙ୍କୁ ବୁଝାଇବା ଦ୍ୱାରା ସେମାନେ ଏହିଭଳି କାର୍ଯ୍ୟରୁ ନିବୃତ ରହିବେ । ତଥାପି କେହି ବି ଏହିଭଳି ଘୃଣ୍ୟ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ତେବେ ତାଙ୍କ ବିରୁଦ୍ଧରେ ଦୃଢ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ସହ ଶିକ୍ଷାନୁଷ୍ଠାନରୁ ବହିଷ୍କାର କରିବା ଦ୍ୱାରା ନିଶ୍ଚିତ ଏକ ଭାୟ ଜାତ ହେବ ଏବଂ ପିଲାଏ ଶୃଙ୍ଖଳିତ ହେବେ ।

### ଶିବାଶିଷ ମହାପାତ୍ର, ଆଇନଜୀବୀ



ଏହା ନିସନ୍ଦେହରେ କୁହାଯାଇପାରିବଯେ ରାଗିଂ ଭଳି ଏକ କଦର୍ଯ୍ୟ କୁପରମ୍ପରା ସବୁ ଶିକ୍ଷାନୁଷ୍ଠାନରେ ପ୍ରାୟତଃ ଚଳି ଆସୁଛି । ଏହା ଏକ ବ୍ୟାଧିରେ ପରିଣତ ହେଇସାରିଲାଣି । ବୋଧହୁଏ ଏହା ବୈଷୟିକ ଶିକ୍ଷାକେନ୍ଦ୍ରମାନଙ୍କରେ ଆଗ ଦେଖାଯାଉଥିଲା । କ୍ରମଶଃ ଏହା କ୍ୟାନସର୍ ଭଳି ଚାରିଆଡ଼କୁ ମାଡ଼ିଗଲାଣି । ସତରେ ଶୁଣି ବଡ଼ ଆଶ୍ଚର୍ଯ୍ୟ ଲାଗୁଛି ବିଜେବି କଲେଜରେ ବି ରାଗିଂ ! ଖାଲି ରାଗିଂ ତ ନୁହେଁ ବରଂ ସେହି କଦର୍ଯ୍ୟ ପ୍ରଥା ପାଇଁ ଜଣେ ମେଧାବୀ ଝିଅଟେ ପ୍ରାଣ ହାରିଦେଲା ବୋଲି ଶୁଣିବାକୁ ପାଉଛେ । ଅବଶ୍ୟ ବିଜେବି କଲେଜରେ ଯେ କେବଳ ମେଧାବୀ ପିଲା ଆଡମିସନ୍ ନିଅନ୍ତି ସେ କଥା ଭାବିବା ଭୁଲ୍ । ଏବେ କଣ ହଉଥିବ ନ ହଉଥିବ ମୁଁ ଜାଣେନା ହେଲେ ଚାଳିଶ୍ ବର୍ଷ ତଳେ ମୁଁ ଯେବେ ସେହି କଲେଜରେ ପଢୁଥିଲି, ବହୁତ ପାଖରୁ ଅନୁଭବ କରିଛି ବିଜେବି କଲେଜରେ ପଢିବାକୁ ଗୋଟେ ବ୍ୟାକଡୋର ବି ଥିଲା ଭାୟା ବାଙ୍କୀ ଅବା ପିଏନ କଲେଜ । ଆଗ ସେଠି ଆଡମିସନ୍ ନେଇଯାଅ । ପରେ ସୁନ୍ଦୁରିଆ ମନଗଢା ଗପ ଲେଖି ଉପର ମହଲରୁ ପ୍ରେସର ପକେଇ ବିଜେବି କଲେଜକୁ ଚାଲିଆସ । ମୋ ମତରେ ଶିକ୍ଷାନୁଷ୍ଠାନର ରାଜନୀତିକରଣ, କଲେଜପିଲାଙ୍କୁ ନେଇ ନେତାଙ୍କ ରଣସଜା ସାଙ୍ଗକୁ କଲେଜ କ୍ୟାମ୍ପସ ଓ ହଷ୍ଟେଲମାନଙ୍କରେ ଅଣଛାତ୍ରଙ୍କ ଅଭେଦ ପ୍ରବେଶ ରାଗିଂର ମୂଳ କାରଣ । ରାଗିଂକୁ ସମ୍ପୂର୍ଣ୍ଣ ବନ୍ଦ କରିବା ତ ସମ୍ଭବ ନୁହେଁ ଅନ୍ତତଃ ଆନ୍ତରିକତାର ସହ ସରକାର ଯଦି ଚାହିଁବେ କିଛିଟା ନିଶ୍ଚୟ କମି ଯାଇପାରେ ! କଲେଜମାନଙ୍କରେ ଅଣଛାତ୍ର ପ୍ରବେଶ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ । ଯଥା ସମ୍ଭବ କଲେଜର ବ୍ୟୟବହୁଳ ଛାତ୍ର ନିର୍ବାଚନ ଉପରେ ଅଙ୍କୁଶ ଲଗାଯାଉ । ଦଣ୍ଡମୁକ୍ତ ଶିକ୍ଷା ଆଳରେ ମୂଳରୁ ଶିକ୍ଷକସମାଜକୁ ନ୍ୟୁନ କରାନଯାଉ । ରାଗିଂର ଟିକେ ବି ସୁରାକ ମିଳିଲେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ । ପ୍ରତ୍ୟେକ କଲେଜର ଶିକ୍ଷକ ଛାତ୍ର ଓ ଅଭିଭାବକଙ୍କୁ ନେଇ କମିଠି ଗଠନ ହେଉ । ପ୍ରତି ମାସେ ଦୁଇ ମାସରେ ଥରେ କମିଟି ବସି ସବୁ କଥା ପୁଙ୍ଖାନୁପୁଙ୍ଖ ଆଲୋଚନା କରୁ । ଯଦି ସମ୍ଭବ ସରକାରୀ ବିଧି ବ୍ୟବସ୍ଥାରେ ରାଗିଂ ବିରୁଦ୍ଧରେ ଅଭିଯୋଗ କରିବାକୁ ଏକ ଟୋଲ୍ ଫ୍ରୀ ନମ୍ବର ଉପଲବଧ୍ କରାଯାଉ । କଲେଜ କ୍ୟାମ୍ପସ ଓ ହଷ୍ଟେଲମାନଙ୍କରେ ରାଗିଂ ଅଭିଯୋଗ ବକସ୍ ରହୁ । ନିଜ ନାଁ ଗୋପନ ରଖି ଅଭିଯୋଗ ଦାଖଲ କରିବାକୁ ଜୁନିୟର ପିଲାମାନଙ୍କୁ ସୁଯୋଗ ଦିଆଯାଉ । ଅଭିଯୋଗକାରୀର ନାଁ ଗୋପନ ରଖି ଗୋପନୀୟତାର ସହ ଅଭିଯୋଗର ସତ୍ୟାସତ୍ୟ ପରଖାଯାଉ । ରାଗିଂ ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ଉତ୍ତରଦାୟୀ କରାଯାଉ ।

### ପ୍ରଭାତ କୁମାର ମହାପାତ୍ର, ଶିକ୍ଷକ



ଏଇ କିଛି ଦିନ ତଳେ ଯେଉଭଳି ପ୍ରକାରେ ବିଜେବି କଲେଜରେ ଝିଅଟିଏ ରାଗିଂର ଶିକାର ହୋଇ ଶେଷରେ ଜୀବନ ହାରିଲା, ତାକୁ ଯେତେ କଡ଼ା ଶବ୍ଦରେ ନିନ୍ଦା କଲେ ବି କମ୍ ହେବ । ଛୋଟ ବେଳୁ ପିଲାଟିଏ କେତେ ସୁନେଲି ସ୍ୱପ୍ନ ଦେଖିଥାଏ । କିନ୍ତୁ କଲେଜ୍ ଯିବା ମାତ୍ରେ ତାର ସବୁ ସ୍ୱପ୍ନ ଧୂଳିସାତ ହୋଇ ଯାଏ । ବାପା ମା' ବହୁ ଆଶା ନେଇ ପିଲା ମାନଙ୍କୁ ପାଠ ପଢ଼ିବା ପାଇଁ ଭଲ କଲେଜ୍ ଭାବି ନିଜ ଘରୁ ଛାଡ଼ିଥାନ୍ତି । କେଇଟା ଦିନ ପରେ ସବୁ କିଛି ଓଲଟ ପାଲଟ । କିଛି ସିନିୟର୍ ଛାତ୍ରମାନେ ଜାଣିଶୁଣି କୋମଳମତି ଛାତ୍ରୀମାନଙ୍କୁ ନିଜର ପ୍ରେମ ଜାଲରେ ଫସାଇ ଦେଇଥାନ୍ତି ଏବଂ ସେହି ନିରୀହ ଛାତ୍ରୀମାନେ ମଧ୍ୟ ସିନିୟର୍ ଛାତ୍ର ମନଙ୍କ ଚକ୍ରବ୍ୟୁହରେ ଫସି ଯାଆନ୍ତି । କେବଳ ଏତିକି ନୁହେଁ ସବୁ ସରିଗଲା ପରେ ଆରମ୍ଭ ହୋଇଯାଏ ସେମାନଙ୍କ ବ୍ଲାକମେଲିଂ । ଶେଷରେ ବଡ ମଣିଷଟିଏ ହେବାର ସ୍ୱପ୍ନ ଦେଖୁଥିବା ଝିଅଟି ଯେତେବେଳେ ସହିବା ସୀମା ଟପିଯାଏ, ସେ ଆଉ ତାର ଧୈର୍ଯ୍ୟ ରଖିପାରେ ନାହିଁ । ଲୋକ ଲଜ୍ଜାକୁ ସମ୍ଭାଳି ନ ପାରି ଆତ୍ମହତ୍ୟା ଭଳି କୁତ୍ସିତ କାର୍ଯ୍ୟ କରିବାକୁ ସେ ଆଗଭର ହୋଇଯାଏ । କାହିଁ କେଉଁ କାଳୁ ଆମ ରାଜ୍ୟରେ ଏହି ରାଗିଂ ଚାଲି ଆସିଥିଲେ ହେଁ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନ ନେବା କାରଣରୁ ତାହା ପୁଣି ମୁଣ୍ଡ ଟେକିବାକୁ ବସିଲାଣି । ଆଉ ଏଭଳି ମେଧାବୀ ଛାତ୍ରଛାତ୍ରୀ ନିଜର ମୂଲ୍ୟବାନ ଜୀବନ ନ ହରାନ୍ତୁ ସରକାର ଏକ କଠୋର ଆଇନର ପ୍ରଣୟନ କରିବାକୁ ଅନୁରୋଧ ।

### ଦିବାକର ମଲିକ
### ଅଧ୍ୟାପକ



ପ୍ରତ୍ୟେକ କଲେଜରୁ ରାଗିଂ ଉଠେଇ ଦିଆଯିବା ନିହାତି ଜରୁରୀ ଅଟେ । ସେଥିପାଇଁ ସରକାର ଏମିତି ନିୟମ କାନୁନ ଲାଗୁ କରନ୍ତୁ ଯେ, ଯାହାକି ଯେଉଁ ପିଲାମାନେ ରାଗିଂ କରିବେ ସେମାନଙ୍କୁ ୫ ଲକ୍ଷ ଟଙ୍କା ଜୋରିମାନା ସହିତ ୧୦ ବର୍ଷ ପର୍ଯ୍ୟନ୍ତ କୌଣସି କଲେଜରେ ପାଠ ପଢ଼ିପାରିବ ନାହିଁ ଭାରତରେ, ଏବଂ ସେ ପିଲାଙ୍କୁ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ସେଇ କଲେଜରେ ଥିବା ଲାଟ୍ରିନକୁ ସଫା କରିବା ଉଚିତ ।

### ସାଇ ସ୍ମିତପ୍ରଜ୍ଞ ସ୍ୱାଇଁ, ଛାତ୍ର



ରାଗିଂ କରୁଥିବା ପିଲାଙ୍କୁ ଦଣ୍ଡ ଦିଆଯାଉ । ରାଗିଂ ଫଳରେ ପିଲାମାନେ ଚାପରେ ରୁହନ୍ତି । ପାଠପଢାରେ ମନ ଲଗାଇ ପାରନ୍ତି ନାହିଁ । ଆତ୍ମବିଶ୍ୱାସ ହରାନ୍ତି । ଘରଠାରୁ ଦୂରରେ ରହୁଥିବାରୁ ଡିପ୍ରେସନର ଶିକାର ହୁଅନ୍ତି । ତେଣୁ କଲେଜ ଓ ହଷ୍ଟେଲର କର୍ତ୍ତୃପକ୍ଷ ଆଂଟି ରାଗିଂ ସେଲକୁ କଡାକଡି କରନ୍ତୁ, ରାଗିଂ କରୁଥିବା ପିଲାଙ୍କ ପାଇଁ ଉଚିତ୍ ଦଣ୍ଡ ବ୍ୟବସ୍ଥା ହେଉ । ପିଲାମାନେ ମଧ୍ୟ ଆତ୍ମହତ୍ୟା ନିଷ୍ପତ୍ତି ନେବା ପୂର୍ବରୁ ବାପ, ମା', ପରିବାର ଓ ନିଜ ଲକ୍ଷ୍ୟ କଥା ଚିନ୍ତା କରନ୍ତୁ । ସଚେତନତା ଜରୁରୀ, ଭୟ କିମ୍ୱା ନୀରବତା ସମସ୍ୟାର ସମାଧାନ ନୁହେଁ ।

### ବିଶ୍ୱଜିତ୍ ପଟ୍ଟନାୟକ, ସମାଜସେବୀ



ରାଗିଂ ଏକ ଜଘନ୍ୟ କାର୍ଯ୍ୟ । ସରକାର ତୁରନ୍ତ ଏହା ଉପରେ କଡା କାର୍ଯ୍ୟାନୁଷ୍ଠାନ ନେବା ଦରକାର । ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଆଣ୍ଟିଂ ରାଗିଂ ସେଲ୍ ଗଠନ କରାଗଲେ ରାଗିଂ ରୋକାଯାଇପାରିବ । ଏଥିରେ ପ୍ରଶାସନ ଏବଂ ସ୍ଥାନୀୟ ଥାନା ଅଧିକାରୀଙ୍କୁ ସାମିଲ କରାଯିବା ସହିତ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଜଣେ ସଦସ୍ୟଙ୍କୁ ରଖାଯିବା ଉଚିତ୍ । ନୋଡାଲ ଅଫିସର ଭାବେ ଉକ୍ତ ବିଦ୍ୟାଳୟ / ମହାବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ବା ଅଧ୍ୟାପିକାଙ୍କୁ ନିଯୁକ୍ତି ଦିଆଗଲେ ରାଗିଂ କରୁଥିବା ପିଲାମାନଙ୍କ ମନରେ ଭୟ ସଞ୍ଚାର ହେବ । ଏଥିସହିତ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ଏକ ନୋଟିସ୍ ବୋର୍ଡ ଟଙ୍ଗା ଯାଇ ଆଣ୍ଟିଂ ରାଗିଂ ସେଲ୍‌ରେ ଯେଉଁମାନେ ସଦସ୍ୟ ରହିଛନ୍ତି ସେମାନଙ୍କ ନାମ, ପଦବୀ ଓ ଫୋନ ନମ୍ବର ରହିବା ଉଚିତ୍ । ଯାହାଫଳରେ ଆବଶ୍ୟକ ସ୍ଥଳେ ଅଭିଭାବକମାନେ ଅଭିଯୋଗ କରିପାରିବେ ।

### Debendra Satpathy



***Stopping of Ragging in educational institutions:***

1- State Govt should make an Act like Atrocities Act & one Ragging commission should be notified with one wing of Enquiry by a committee of three members constituting of one Sr.Officer in administrative rank, One Sr. Police officer & One Sr. Lecturer in Reader Rank for investigation & reporting to the Commission headed by one retired Dist Judge. 2- Each Reputed Educational Institution (Degree College/ Technical/ Vocational Course) should have one committee constituting of 5 members , one male & one female Sr. Lecturer, one boy & one girl student in junior batch & one nominated student by the Principal who will sit together & discuss the Ragging issues at the end of every month.The committee's will visit the class rooms & hostels alternatively for collection of any such allegations & report to the Principal. 3- The principal of each educational Institution will produce one certificate of non regging in every month to the Commission. 4- Sufficient awareness programme should be conducted by the Principal making conscious to the seniors about punishment on any such act which inflicts mental/ physical/ emotional tortures directly or indirectly upon the mind of new comer. 5- Each institution should organise one welcome ceremoney among the old & new students for developing a brotherhood relations among all students (both seniors & juniors) instead of creating a wall of any short of difference between them.

### କୈଳାସ ଚନ୍ଦ୍ର ବେହେରା, ସାମ୍ବାଦିକ



ରାଗିଂ ବନ୍ଦ ହେବ ନାହିଁ ! ଏହା କେବଳ ସ୍କୁଲ କଲେଜରେ ନୁହଁ, ସବୁ ସଂସ୍ଥାରେ ହେଉଛି । ବଡ଼ ମାନେ ଏହାକୁ ଏକ ପ୍ରଥା ରୂପେ ମାନିନେଇଛନ୍ତି । ତେଣୁ ବନ୍ଦ ହେବା ଅସମ୍ଭବ । ବହୁ ପିଲା ଏହାର ଶିକାର ହୋଇ ମଧ୍ୟ ଚୁପ ରହିଯାଉଛନ୍ତି କାରଣ ନିଜ ଜୀବନ ବା କ୍ୟାରିୟର ପ୍ରତି ବିପଦ ଭାବି । ଅନ୍ୟାୟ ହେଉଛି କିନ୍ତୁ ସାମ୍ନା ବିରୋଧ କରିବାର କ୍ଷମତା ନାହିଁ ସମସ୍ତଙ୍କ ପାଖରେ । ଧନୀ ଶ୍ରେଣୀର ପିଲେ କିଛି କ୍ରିମିନାଲ ବ୍ୟାକଗ୍ରାଉଣ୍ଡର ପିଲାଙ୍କ ସହିତ ମିଶି ନିଜ ଗାର୍ଲଫ୍ରେଣ୍ଡକୁ ଖୁସି କରିବାର ଠାଣି ନେଇ ଏମିତି ରାଗିଂ କରୁଛନ୍ତି । ଆଉ ସରକାରଙ୍କ ତରଫରୁ ଏହାପ୍ରତି ନଜର ନାହିଁ କି କିଛି କାର୍ଯାନୁଷ୍ଠାନ ନାହିଁ । ପିଲେ ନିର୍ଭୟରେ ଏମିତି କ୍ରାଇମ କରି ଚାଲିଛନ୍ତି । ଯାହା ଫଳରେ ରାଗିଂ ବଢ଼ି ବଢ଼ି ଚାଲିଛି । ସହରେ ଦୁଇଟି ଲୋକଲୋଚନକୁ ଆସୁଛି । ଯାହାର ନଗ୍ନ ଉଦାହରଣ ଏହି ରୁଚିକା । ଏମିତି ଭୟ ଥିଲା ଯେ ଯେଉଁ ଝିଅଙ୍କ ପାଇଁ ଆତ୍ମହତ୍ୟା କଲେ ତାଙ୍କ ନାଁ ଏବଂ କି ପ୍ରକାର ରାଗିଂ କରୁଥିଲେ ଚିଠିରେ ଲେଖିପାରିଲା ନାହିଁ ।

### ପ୍ରିୟଦର୍ଶନ ମହାନ୍ତି, ଆଇଟି ଇଞ୍ଜିନିୟର



ରାଗିଂ କରିବା ଭଲ ଆଉ ଖରାପ । ପଜିଟିଭ୍ ରାଗିଂ ଦ୍ୱାରା ସିନିୟର ଜୁନିୟର ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥାଏ ଆଉ ଖରାପ ରାଗିଂ ଦ୍ୱାରା ସମ୍ପର୍କ ଖରାପ ହୁଏ । ପଜିଟିଭ୍ ରାଗିଂରେ ସିନିୟର ମାନେ ଜୁନିୟର ମାନଙ୍କୁ ଭବିଷ୍ୟତ ଚାକିରି ଆଉ ପାଠ ବିଷୟରେ ଗାଇଡ କରିଥାନ୍ତି ଆଉ ନେଗେଟିଭ୍ ରାଗିଂ ଦ୍ୱାରା ସିନିୟର ମାନେ ଜୁନିୟର ମାନଙ୍କୁ ଖରାପ ରାସ୍ତା ଦେଖାଇଥାନ୍ତି । ସେଥିପାଇଁ ରାଗିଂ ସବୁ ଜାଗାରେ ବନ୍ଦ କରାଯିବା ଦରକାର ଆଉ ସବୁ ଶିକ୍ଷାନୁଷ୍ଠାନରେ ଗୋଟେ କାଉନସେଲିଂ ପାଇଁ ଜଣେ କୁଶଳୀ ଶିକ୍ଷକ ନିଯୁକ୍ତି କରାଯିବା ଦରକାର । ଯିଏକି ପଜିଟିଭ୍ ରାସ୍ତାରେ ଛାତ୍ରମାନଙ୍କୁ ଗାଇଡ୍ କରିପାରୁଥିବା ଦରକାର ଆଉ ଜୀବନ କୁଶଳୀ ବିଷୟରେ ଶିକ୍ଷାଦାନ କରିପାରୁଥିବା ଦରକାର ।

### ମାଧବାନନ୍ଦ ପାତ୍ର



ବର୍ତ୍ତମାନ ସମୟରେ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ଥିବା ହଷ୍ଟେଲମାନଙ୍କରେ ରାଗିଂ ବଢ଼ିବାରେ ଲାଗିଛି । ଯେଉଁମାନେ ପ୍ରକୃତରେ ପାଠ ପଢି କିଛି ଉନ୍ନତି କରିବା ପାଇଁ ଚାହାଁନ୍ତି ସେମାନେ କଦାପି ଏହା ସପକ୍ଷରେ ନଥାନ୍ତି । କିନ୍ତୁ ଅନେକ ପିଲା ନିଜର ବିଳାସ ପାଇଁ ବା ସାଙ୍ଗସାଥୀଙ୍କ ସହିତ ମିଶି ଖଟି କରି ସମୟ ବିତାଇବା ପାଇଁ ଏପରି କାର୍ଯ୍ୟ କରନ୍ତି । ଯଦିଓ ପ୍ରତିଟି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ରାଗିଂକୁ ବିରୋଧ କରି ପୋଷ୍ଟର ଲାଗିଥାଏ, ହେଲେ ଏହା କେବଳ ଲୋକଦେଖାଣିଆ । ଏଥିପ୍ରତି ସର୍ବ ପ୍ରଥମେ ଶିକ୍ଷାନୁଷ୍ଠାନର କର୍ମଚାରୀମନେ ସଚେତନ ହେବା ଆବଶ୍ୟକ । କୌଣସି ବଡ଼ ଘରର ପିଲା ପାଇଁ ସ୍ୱତନ୍ତ୍ର ନିୟମ ନକରି ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ଦେବା ଆବଶ୍ୟକ । ଏମାନେ ପ୍ରତିଟି ପିଲାଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ଯୋଗାଯୋଗ କରିପାରିଲେ ଏହି ରାଗିଂ ପରି ଅପକର୍ମ ଶିକ୍ଷାନୁଷ୍ଠାନମାନଙ୍କରୁ ଦୂରେଇପାରିବ ।

### ଅନ୍ନପୂର୍ଣ୍ଣା ଖୁଣ୍ଟିଆ, ଗୃହିଣୀ



ରାଗିଂର ଭୟାବହତା ଧୀରେ ଧୀରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଗୁଡିକୁ ଗ୍ରାସିବାରେ ଲାଗିଛି । ଅନେକ ଆଶା ଓ ଆକାଂକ୍ଷାରେ ବଢ଼ିବାକୁ ଯାଉଥିବା ଆଗାମୀ ଦିନର ଭବିଷ୍ୟତ ଗୁଡିକ ରାଗିଂ ପାଇଁ ଅସମୟରେ ଝଡିପଡୁଛି । ଆଉ ଅଧିକ ବିତର୍କକୁ ନଯାଇ ସରକାର କିଛି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଉଚିତ । କିନ୍ତୁ ସରକାର ଚାହିଁଲେ ମଧ୍ୟ କୌଣସି କଠିକ ବା ଦୃଢ଼ କାର୍ଯ୍ୟାନୁଷ୍ଠାନ କରିପାରିବେ ନାହିଁ । କାରଣ ଓଡ଼ିଶାରେ ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ ବା କେରଳ ଭଳି ରାଗିଂ ନିରୋଧ ଆଇନର ବ୍ୟବସ୍ଥା ନାହିଁ । ତେଣୁ ଅଜି ସମୟ ଆସିଛି ସରକାର ଏହାର ଆତ୍ମସମୀକ୍ଷା କରନ୍ତୁ ଏବଂ ରାଗିଂକୁ ରୋକିବା ଓ ପ୍ରତିହତ କରିବା ପାଇଁ ଗୋଟିଏ ଦୃଢ଼ ଆଇନ ପ୍ରଣୟନ କରନ୍ତୁ । ଯାହାଦ୍ୱାରା ଶିକ୍ଷାନୁଷ୍ଠାନରେ ଛାତ୍ରମାନେ ସୁରକ୍ଷିତ ରହିବେ । ଅଭିଭାବକମାନଙ୍କୁ ଚିନ୍ତାରୁ ମୁକ୍ତି ମିଳିବ ଏବଂ ଏକ ସୁନ୍ଦର ରାଗିଂ ମୁକ୍ତ ସମାଜର ପରିକଳ୍ପନା କରାଯାଇପାରିବ ।

### ମନୋଜ କୁମାର ସେନାପତି



ରାଗିଂ ଗୋଟେ ହୀନ ମାନସିକତା । ଏହାକୁ ଏକ ପ୍ରକାର ଅତ୍ୟାଚାର ବି କୁହାଯାଇପାରେ । ବୁଝି ହୁଏନା କେମିତି ଜଣେ ମଣିଷ ଆଉ ଜଣେ ମଣିଷକୁ କ'ଣ ପାଇଁ ଅତ୍ୟାଚାର କରେ । ଏହା ଗୋଟେ ସୁସ୍ଥ ବାତାବରଣ କୁ ନଷ୍ଟ କରିଦିଏ । ତେଣୁ ଏହାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯିବା କଥା । ଯେଉଁମାନେ ପାଗଳ ହୋଇ ଏ ସବୁ କାମ କରନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି